ନନା

(ଜଣେ ଆଦର୍ଶ ପିତା)

ପିତା ସ୍ୱର୍ଗଃ ପିତା ଧର୍ମଃ ପିତାହି ପରମଂ ତପଃ ।
ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତାଃ ॥

ଲେଖକ ଓ ପ୍ରକାଶକ

ଶ୍ରୀ ଲୋକନାଥ ମିଶ୍ର
ଭୁବନେଶ୍ୱର

ମୂଲ୍ୟ – ପିତୃଭକ୍ତି

GPNanda Colln., Digitized by srujanika@gmail.com

ପବିତ୍ର ପରିବେଶ

ଗ୍ରାମ ଐତିହ୍ୟ

"ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ"

ଜନ୍ମ ସ୍ଥାନର ଅବସ୍ଥିତି କଥାର ପବିତ୍ର ପରିବେଶ ତାହା ବର୍ଣ୍ଣନା କରିବା ଅତି ପ୍ରୟୋଜନ ମନେକଲି । "ନୂଆ ସୋମେଶ୍ୱର ପୁର" ଗ୍ରାମଟି ପୁରୀ ଜିଲ୍ଲାର ସତ୍ୟବାଦୀ ଥାନା ଅନ୍ତର୍ଗତ । ସାକ୍ଷୀଗୋପାଳଙ୍କ ମନ୍ଦିରର ପଶ୍ଚିମ ଦିଗରେ ଠିକ୍ ୨ ମାଇଲ ଦୂରରେ ଅବସ୍ଥିତ । ଗ୍ରାମର ନାମରେ 'ନୂଆ' ଶବ୍ଦ ପ୍ରୟୋଗର କାରଣ ଏହି ଯେ ତତ୍ ସଂଲଗ୍ନ 'ପୁରୁଣା ସୋମେଶ୍ୱର ପୁର' ନାମଧେୟ ଅନ୍ୟ ଏକ ଗ୍ରାମ ବିଦ୍ୟମାନ । ଗ୍ରାମ ଦୁଇଟିର ସ୍ଥାପନା ସମ୍ବନ୍ଧରେ ଗୋଟିଏ କୌତୂହଳୋଦ୍ଦୀପକ କିମ୍ବଦନ୍ତୀ ଶୁଣାଯାଏ ।

ପ୍ରାୟ ୧୧୦୦ ଖ୍ରୀଷ୍ଟାବ୍ଦରେ ତତ୍ କାଳୀନ ପୁରୀର ରାଜାଙ୍କର ସୋମେଶ୍ୱର ବାଜପେୟୀ ନାମକ ଜଣେ ମନ୍ତ୍ରୀ ବା ପରାମର୍ଶ ଦାତା ଥିଲେ । ତାଙ୍କର ନାମାନୁସାରେ ଏହି ଦୁଇଟିର ନାମ କରଣ

GPNanda Colln., Digitized by srujanika@gmail.com

(ଜଗବନ୍ଧୁ ସିଂହକୃତ ପ୍ରାଚୀନ ଉତ୍କଳ ଦର୍ଶନୀୟ) । କଥିତ ଅଛି ବାଜପେୟୀ ମହାଶୟ ରାଜ ଅନୁଗ୍ରହ ପାଇ ରାଜଦତ୍ତ ଭୂମି ଉପରେ ଗାଁଟିଏ ବସାଇବା ପାଇଁ ଗାଁର ପୂର୍ବ ଓ ପଶ୍ଚିମ ଦୁଇ ମୁଣ୍ଡରେ ଦୁଇଟି ବୃହତ୍ ପୁଷ୍କରଣୀ ଖୋଳାଇ ଦୁଇଟି ଶିବ ଲିଙ୍ଗ ସ୍ଥାପନ କରିଥିଲେ । ଏତନ୍ମଧ୍ୟରେ ତାଙ୍କର ବୃଦ୍ଧା ମାତାଙ୍କର ଚକ୍ଷୁ ରୋଗ ଉତ୍କଟ ହେଲା । ସେ ରୋଗର ଔଷଧାର୍ଥେ ମୁକ୍ତା ଭସ୍ମ ପ୍ରୟୋଜନ ପଡ଼ିବାରୁ ବାଜପେୟୀ ମହାଶୟ ତନ୍ନିମିତ୍ତେ ରାଜଦ୍ୱାରେ ପ୍ରାର୍ଥି ହେଲେ । ମାତ୍ର ରାଜା ତାଚ୍ଛଲ୍ୟ କଲେ ଓ ମୃତ୍ୟୁ ଶଯ୍ୟାଶୀନ ବୃଦ୍ଧା ପାଇଁ ବହୁ ମୂଲ୍ୟ ମୁକ୍ତା ଦାନରେ କୁଣ୍ଠିତ ହେଲେ । ବାଜପେୟୀ ମହାଶୟ ଦ୍ୱିରୁକ୍ତି ନକରି ଅଭିମାନରେ ଫେରି ଆସିଲେ ।

କଥିତ ଅଛି ପୂର୍ବ ଗଡ଼ଜାତର କୌଣସି ରାଜାଙ୍କଠାରେ ପ୍ରାର୍ଥୀ ହେବାପାଇଁ ବାଜପେୟୀ ମହାଶୟ ଅଗ୍ରସର ହେଲେ । ସେଠାରେ ପ୍ରବେଶ ଦ୍ୱାରରେ ଗୋଟିଏ ମେଢା ରହିଥିଲା । ମେଢାକୁ ପିଟିଲେ କେହି ରାଜଦୂତ ଆସିବେ ଏହି ଉଦ୍ଦେଶ୍ୟରେ ବାଜପେୟୀ ମହାଶୟ ତାକୁ ପିଟିଲେ । ୧୮ ବାଡ଼ ପକାଇଲା ବେଳକୁ ଜଣେ ଆସି ତାଙ୍କୁ ବନ୍ଦ କରାଇଲେ ଓ ସେହି ଅଠର ବାଡ଼ ପାଇଁ ୧୮ଟି ବିଦ୍ୟାର ପରୀକ୍ଷା ଦେବାକୁ ହେବ ବୋଲି ଜଣାଇଲେ । ବାଜପେୟୀ ମହାଶୟ ନିର୍ଭିକ ଭାବରେ କହିଲେ, "ବ୍ରାହ୍ମଣ ଅଷ୍ଟାଦଶ ମହାବିଦ୍ୟାର ସାଧକ । ତେଣୁ ପରୀକ୍ଷା ଦେବାକୁ ପଶ୍ଚାଦପଦ ନୁହେଁ ।" ରାଜା ଏହି ନିର୍ଭିକ ବାକ୍ୟ ଶୁଣି ଆଗ୍ରହ ସହକାରେ ଡକାଇଲେ ଓ ଚଣ୍ଡିପାଠ ଠାରୁ ଜୋତା ସିଲେଇ ପର୍ଯ୍ୟନ୍ତ ଅଷ୍ଟାଦଶ ମହାବିଦ୍ୟା ପରୀକ୍ଷା ନେଲେ । ରାଜା ଅତିଶୟ ପ୍ରୀତ ହୋଇ ଯଦୃଚ୍ଛା ଦାନ ଦେବାପାଇଁ ଇଚ୍ଛିତ ହେଲେ । ମାତ୍ର

GPNanda Colln., Digitized by srujanika@gmail.com

ବାଜପେୟୀ ମହାଶୟ ନିଜ ମା'ଙ୍କ କ୍ଷେତ୍ରରୋଗ ନିରାକରଣ ପାଇଁ ମୁକ୍ତା ଭସ୍ମ କଥା କହି କିଛି ମୁକ୍ତା ଦାନ ପାଇଁ ପ୍ରାର୍ଥନା କଲେ। ଗୋଟିଏ ହାତୀ ଉପରେ ଯେତେ ମୁକ୍ତା ଲଦାଯାଇ ପାରେ ସେତେ ମୁକ୍ତା ଦେଇ ଅନ୍ୟାନ୍ୟ ଉପଢୌକନ ସହିତ ବାଜପେୟୀ ମହାଶୟଙ୍କୁ ରାଜା ସସମ୍ମାନେ ବିଦାୟ ଦେଲେ।

ବାଜପେୟୀ ମହାଶୟ ପ୍ରତିଶୋଧ ନିମିତ୍ତ ସମସ୍ତ ମୁକ୍ତା ପୁଣି ରାଜଦ୍ୱାରକୁ ପ୍ରଥମେ ନେଲେ। କଥିତ ଅଛି ରାଜା ନିଜେ ଲଜ୍ଜିତ ନ ହୋଇ ବରଂ ଲୋଭବେଶ ହୋଇଥିବାରୁ ଅଳ୍ପ ମୁକ୍ତା ଭସ୍ମ ପାଇଁ ରଖି ବାକି ସବୁ ରାଜ କୋଷରେ ଜମା ଦେବାପାଇଁ ହୁକୁମ ଦେଲେ। ମାତ୍ର ବାଜପେୟୀ ମହାଶୟ ରାଜାଙ୍କ ଅବମାନନା କରି ସମସ୍ତ ମୁକ୍ତା ସିଂହଦ୍ୱାର ସମ୍ମୁଖରେ ପୋଡ଼ି ଭସ୍ମ କରାଇ ନିଜର ଦରକାର ମୁତାବକ ମୁକ୍ତା ଭସ୍ମ ରଖି ଅନ୍ୟ ସବୁ ଗରିବ ଚକ୍ଷୁ-ରୋଗୀ ମାନଙ୍କୁ ବିତରଣ କରାଇଲେ।

ରାଜା ଏଥିରେ କ୍ରୁଦ୍ଧ ହୋଇ ଦତ୍ତଦାନକୁ ଅପହରଣ କଲେ। ତେଣୁ ପ୍ରସ୍ତାବିତ ଜମି ଉପରେ ବୃହତ୍ ଏକ ଗ୍ରାମ ସ୍ଥାପନା ନହେଲା। ପ୍ରସ୍ତାବିତ ସ୍ଥାନର ଦକ୍ଷିଣ ପାର୍ଶ୍ୱରେ ମାତ୍ର ଅଳ୍ପ ଦୂର ବ୍ୟବଧାନରେ ଗୋଟିଏ ସୁରମ୍ୟ ମନ୍ଦିର ନିର୍ମାଣ କରାଇ ଦେବାଦେବୀ ସ୍ଥାପନା କରାଇ "ନୂଆ ସୋମେଶ୍ୱର ପୁର" ଗ୍ରାମ ସ୍ଥାପନା କରାଇଲେ। ଯେଉଁ ବାଜପେୟ ଯଜ୍ଞ କରାଇ ଗ୍ରାମ ପ୍ରତିଷ୍ଠା କରାଇଥିଲେ ସେ ଯଜ୍ଞ ସ୍ତୂପଟିଏ ଅଦ୍ୟାପି ବିଦ୍ୟମାନ୍। ଏହା ଗ୍ରାମର ପୂର୍ବ ପ୍ରାନ୍ତସ୍ଥ ବାଲୁଙ୍କେଶ୍ୱର ମନ୍ଦିରର ପୂର୍ବ ଭାଗରେ ଅତ୍ୟଳ୍ପ ବ୍ୟବଧାନରେ ରହିଅଛି। ପୂର୍ବ ପ୍ରସ୍ତାବିତ ଗ୍ରାମର ପଶ୍ଚିମ ପ୍ରାନ୍ତସ୍ଥ ମହାଦେବଙ୍କୁ ସାମିଲ୍ କରି "ପୁରୁଣା ସୋମେଶ୍ୱର ପୁର" କ୍ଷୁଦ୍ରଗ୍ରାମ ସ୍ଥାପନା କରାଇ ଥିଲେ।

GPNanda Colln., Digitized by srujanika@gmail.com

ସଂକ୍ଷିପ୍ତ ଗ୍ରାମର ଲିଖିତ ନାମ "ନୂଆ ସୋମେଶ୍ୱର ପୁର" ହେଲେ ମଧ୍ୟ ଲୋକ ମୁଖରେ "ସମସର ପୁର" ବୋଲି ପରିଚିତ । ଏହାର କାରଣ ଏହି ଯେ ଇଂରେଜ ସାହେବମାନେ ଯେତେବେଳେ ଗାଁ ଜରିପ କରାଇଲେ ସେତେବେଳେ ଦେଖିଲେ ଯେ ଗାଁର ଚାରିପଟେ କେତେଗୁଡ଼ିଏ ସର ବା ପୋଖରୀ ଅବସ୍ଥିତ । ତେଣୁ ସେମାନେ ସୋମେଶ୍ୱର ଶବ୍ଦର ଅପଭ୍ରଂଶ "ସମସର" (Some + Sur = Somesur) ପୁର ନାମ ରଖିଲେ ଓ ଟୋପୋସିଟ୍ (Topo sheet) ମାନଚିତ୍ରରେ ତାହାହିଁ ଉଲ୍ଲେଖ ରଖିଲେ । ଏହି ହେତୁ ସେହି 'ସମସର ପୁର' ନାମହିଁ ଲୋକରେ ପରିଚିତ ହେଲା । ଏବେ ମଧ୍ୟ ଗ୍ରାମର ପୂର୍ବ ଓ ପଶ୍ଚିମ ଦୁଇ ପ୍ରାନ୍ତରେ ଦୁଇଟି ସର ପରି ଲକ୍ଷିତ ହୁଏ (ଯଥାକ୍ରମେ ସାନ ସର ଓ ବଡ଼ସର) ।

ଗାଁଟି ଷୋଳଶତହ (୧୨୦) ବାଟୀ ଦାନ । ଅଦ୍ୟାବଧି ଟଙ୍କି ବାହେଲ ମୌଜାରେ ପରିଗଣିତ (ସମ୍ପ୍ରତି ରାହେଲ୍ ଦାର ଖାସ୍ ହେବା କାର୍ଯ୍ୟ ଅସମାପ୍ତ) । ଏହା ଷୋଳଶାସନ ଅନ୍ତର୍ଭୁକ୍ତ କି ନା ଏ ସମ୍ବନ୍ଧରେ ନାନା ଯୁକ୍ତି ତର୍କ ହୁଏ । ମାତ୍ର ଷୋଳ ଶାସନ ଅନ୍ତର୍ଭୁକ୍ତ ହେବାର ଅନେକ ଐତିହାସିକ ପ୍ରମାଣ ରହିଛି ; ମୁକ୍ତି ମଣ୍ଡପ ପ୍ରବେଶ ଅଧିକାର ଥିବାର ମଧ୍ୟ ଐତିହାସିକ ପ୍ରମାଣ ମିଳେ । (ବୈଷ୍ଣବ ଶାସ୍ତ୍ର ଶାସନ ପୁସ୍ତକ ଦ୍ରଷ୍ଟବ୍ୟ) । କାହାର କାହାର ମତରେ ଏହା ଷୋଳଶାସନ ଅନ୍ତର୍ଭୁକ୍ତ ନ ହୋଇ ୩୨ ଛରବାଡ଼ ଅନ୍ତର୍ଭୁକ୍ତ ।

ଯାହାହେଉ ଏହା ଗୋଟିଏ ପ୍ରତିଷ୍ଠିତ ବ୍ରାହ୍ମଣ ଶାସନ । ପ୍ରାୟ ସମସ୍ତ ପ୍ରକାର ଯାନି ଯାତ୍ରା, ପୂଜା ପାର୍ବଣ, ପର୍ବ ପର୍ବାଣି, ଏ ଗ୍ରାମରେ ଅନୁଷ୍ଠିତ ହୁଏ । ଛତିଶ ପାଟକର ଲୋକ ଏହି

GPNanda Colln., Digitized by srujanika@gmail.com

ଗ୍ରାମରେ ବାସ କରନ୍ତି । ତେଣୁ କୌଣସି କାର୍ଯ୍ୟରେ ଅନ୍ୟ ଗ୍ରାମ ଉପରେ ନିର୍ଭର କରିବା ଦରକାର ପଡ଼େ ନାହିଁ । ଗ୍ରାମର ଚତୁଃପାର୍ଶ୍ଵ ଜଳାଶୟ ପରିବେଷ୍ଟିତ ଏବଂ ସର୍ବମୋଟ ୬୯ଟି ପୋଖରୀ, ଗଡ଼ିଆ ଓ ଯୋଡ଼ ଥିବାରୁ କୌଣସି କାଳରେ ଜଳାଭାବ ଅନୁଭବ କରାଯାଏ ନାହିଁ । ବରଂ ମରୁଡ଼ି କାଳରେ ପ୍ରକାଣ୍ଡ ଧାନ କ୍ଷେତ ସମୂହ ଜଳସେଚନ ପ୍ରଣାଳୀରେ ଫସଲ ଉଠିଥାଏ । ଗ୍ରାମଟିର ମାଟି ଦୋରସା—ଅତି ବାଲିଆ ବା ମଟାଳ ନୁହେଁ । ତେଣୁ ସମସ୍ତ ଫସଲ ଉପଯୋଗୀ । ଗ୍ରାମରେ ସେହି ହେତୁରୁ ଦୁରୁଣା ଗଡ଼ିଆ ଦୃଷ୍ଟି ଗୋଚର ହୁଏ ନାହିଁ । ଚତୁର୍ଦ୍ଦିଗ ନାରିକେଳ, ପନସ, ଆମ୍ବ, ପୁନାଗ ଉପବନ ପରିବେଷ୍ଟିତ ଓ ବହୁ ଜଳାଶୟ ପରିବେଷ୍ଟିତ ହେତୁ ଶୀତ ଓ ଗ୍ରୀଷ୍ମର ପ୍ରଚଣ୍ଡତା ଅନୁଭବ କରାଯାଏ ନାହିଁ । ବର୍ଷା କାଳରେ ପବିତ୍ର ରତ୍ନଚିତ୍ରା ନଦୀର ଧାର ଦେଇ ଗ୍ରାମର ଜଳାଶୟ ନଦୀର ଜଳ ପୂର୍ଣ୍ଣ ହୁଏ । ତେଣୁ ପ୍ରଚୁର ମତ୍ସ୍ୟୋତ୍ପାଦନ କରାଯାଏ । ସମ୍ପ୍ରତି କେନାଲ ସଂଯୋଗର ବ୍ୟବସ୍ଥା ହେଉଛି ।

"ଗାଁ କୁ ସୁନ୍ଦର ଦେଉଳ ମଠ
ଘରକୁ ସୁନ୍ଦର ହିଙ୍ଗୁ ଅରଟ ।"

ଗ୍ରାମର ପଶ୍ଚିମ ପ୍ରାନ୍ତରେ ଅବସ୍ଥିତ ସୁରମ୍ୟ ମନ୍ଦିରଟି ଗ୍ରାମର ଐତିହ୍ୟ ବୃଦ୍ଧି କରି ଦଣ୍ଡାୟମାନ । ଏପରି ଗୋଟିଏ କାରୁକାର୍ଯ୍ୟ-ଖଚିତ ମନ୍ଦିର ୧୬ ଶାସନ ଓ ୬୨ ଛରବାଡ଼ ମଧ୍ୟରେ କୁତ୍ରାପି ପରିଲକ୍ଷିତ ହୁଏ ନାହିଁ । ମନ୍ଦିରଟି ଅତି ବୃହତ୍ ନହେଲେ ମଧ୍ୟ ନାନା କାରୁକାର୍ଯ୍ୟ ଶୋଭିତ । ଭୁବନେଶ୍ବର ବ୍ୟତୀତ ଓଡ଼ିଶାର ମଫସଲ ଅଞ୍ଚଳରେ ଏପରି ଗୋଟିଏ ଶିଳ୍ପ ଚାତୁର୍ଯ୍ୟ ବର୍ଣ୍ଣିତ ମନ୍ଦିର ଦୃଷ୍ଟି ପଥାରୂଢ଼ ହୁଏ ନାହିଁ । ପୁରାତନ ରୀତିରେ ମନ୍ଦିରଟି

GPNanda Colln., Digitized by srujanika@gmail.com

ବନା ଚୂନ ମସଲାରେ ନିର୍ମାଣ କରାଯାଇ ଅଛି । ମନ୍ଦିର ଗାତ୍ରର କାରୁକାର୍ଯ୍ୟାବଳୀ ଅଦ୍ୟାପି ଅକ୍ଷୁଣ୍ଣ ରହିଛି । କେବଳ ହାତୀ ପାଚେରୀକି ରକ୍ଷାର୍ଥରେ ବଲପ୍ରକାରରେ ଅନ୍ୟ ଗୋଟିଏ ଗ୍ରାମର ମନ୍ଦିର କାର୍ଯ୍ୟରେ ଲାଗିଛି ।

ଗ୍ରାମଟି ବହୁ ଦେବା ଦେବୀ ପରିବେଷ୍ଟିତ ହୋଇଥିବା ହେତୁ ପବିତ୍ର ପରିବେଶ ହୋଇଅଛି । ଗ୍ରାମର ପଶ୍ଚିମ ପ୍ରାନ୍ତରେ କନକ ଦୁର୍ଗା, ଅତି କମନୀୟ ଗୋପୀନାଥଦେବ, ଓ ଗଣ୍ଡେଶ୍ୱର ମହାଦେବ ଅବସ୍ଥିତ । ଏପରି ଲାବଣ୍ୟ ଗୋପୀନାଥ ମୂର୍ତ୍ତି ଅନ୍ୟତ୍ର ବିରଳ । ଏହା ଓଡ଼ିଶା ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର କ୍ୟୁରେଟର-ମାନେ ବହୁକ୍ଷେତ୍ରରେ ସ୍ୱୀକାର କରିଛନ୍ତି । ଅଧୁନାତନ ଯୁଗରେ ମଧ୍ୟ ଗଣ୍ଡେଶ୍ୱରଙ୍କର ମହିମା ଗ୍ରାମ ମଧ୍ୟରେ ସୀମିତ ନ ହୋଇ ଗ୍ରାମାନ୍ତରରେ ପ୍ରସିଦ୍ଧି ଲାଭ କରିଛି । ଗ୍ରାମର ନୈଷ୍ଠିକ ବ୍ରାହ୍ମଣ ଓ ଭକ୍ତିମତୀ ସ୍ତ୍ରୀ ଲୋକମାନେ ଗଣ୍ଡେଶ୍ୱରଙ୍କର ନିଷ୍ଠାପର ସେବାକରି ଆଶୁଫଳ ପ୍ରାପ୍ତି ହୋଇଥିବାର ଭୂରି ଭୂରି ପ୍ରମାଣ ରହିଛି । ମୋର ପରମାରାଧ୍ୟ ପିତୃଦେବ ପ୍ରତିନିଧ୍ୟ ତାଙ୍କରି ସେବାକରି ମୋର କନିଷ୍ଠ ଭ୍ରାତାକୁ ପାଇ ତାର ନାମ ଗଣ୍ଡେଶ୍ୱର ରଖିଛନ୍ତି । ମତ୍‌ପିତା ଆଜୀବନ ଗଣ୍ଡେଶ୍ୱରଙ୍କର ସେବାବ୍ରତୀ ଥିଲେ । ନିକଟ ଅତୀତରେ ପୁରୀଜିଲାର ଭୂତପୂର୍ବ କଲେକ୍ଟର୍ ଅବସରପ୍ରାପ୍ତ ଆଇ. ଏ. ଏସ୍., ସ୍ୱନାମଧନ୍ୟ ହୋମିଓ ଚିକିତ୍ସକ ଶ୍ରୀଯୁକ୍ତ ଉଦୟନାଥ ପଟ୍ଟନାୟକ ସ୍ୱପ୍ନାଦିଷ୍ଟ ହୋଇ ରୋଗମୁକ୍ତ ପରେ ନିଜେ ଆସି ଏହି ଗଣ୍ଡେଶ୍ୱରଙ୍କୁ ଅଭିଷିକ୍ତ କରାଇ ପାଦୋଦକ ପ୍ରାପ୍ତି ହୋଇ ଅଛନ୍ତି । ଏହା ୧୯୭୮ ମସିହାର ଘଟଣା ।

ଗ୍ରାମର ଚତୁଃପାର୍ଶ୍ୱରେ ଶିବ ଲିଙ୍ଗ ଓ ଠାକୁରାଣୀ ପ୍ରତିଷ୍ଠିତ । ପୂର୍ବଭାଗରେ ଗ୍ରାମଦେବତା "ଡୁବୁରେଇ" ବିରାଟ ବଟ-ଅଶ୍ୱତ୍ଥ

GPNanda Colln., Digitized by srujanika@gmail.com

ସ୍ୱପ୍ନବୃତ୍ତକୁ ଆଶ୍ରାକରି ଗ୍ରାମ ପ୍ରତିଷ୍ଠା କାଳରୁ ବିରାଜିତ । ଉତ୍ତର ପୂର୍ବ କୋଣରେ ବଡ଼ପୋଖରୀ ସଂଲଗ୍ନ ବାଲୁକେଶ୍ୱର ମହାଦେବ ବିରାଜମାନ । ଉତ୍ତର ପ୍ରାନ୍ତରେ ବନଦେଇଶ୍ୱରୀ ଠାକୁରାଣୀ ଓ ଓ ଚାଉରଙ୍ଗ ଲୋକନାଥ ବିଦ୍ୟମାନ୍ । ଦକ୍ଷିଣ ପ୍ରାନ୍ତରେ ପଦ୍ମା-ଠାକୁରାଣୀ ଓ ବଲଲୋକନାଥ ମହାଦେବପୀଠ ଅବସ୍ଥିତ । ଇହାର୍ ଦକ୍ଷିଣ ପୂର୍ବରେ ସରୋବରେଶ୍ୱର ପୂର୍ବ ଦିଗ ହୁଡା ଉପରେ ଚାଳେଶ୍ୱର ମହାଦେବ (ବର୍ତ୍ତମାନ୍ ବିଲୁପ୍ତ) । ଗ୍ରାମ ସୀମା ମଧ୍ୟରେ ଦୁଇଗୋଟି ଗଡ଼ ଥିବାର ପରିଲକ୍ଷିତ ହୁଏ । ପ୍ରଥମଟି ମଧୁ ବଉଳ ଗଡ଼ । ଗଡାଧିଶ୍ୱରୀ ପଦ୍ମାଠାକୁରାଣୀ ଓ ଗଡାଧିଶ୍ୱର ବଲ ଲୋକନାଥ । ଗଡ ଖାଇ ବିଲୁପ୍ତ ହେଲେହେଁ କିୟଦଂଶ ଅଦ୍ୟାପି ଦୃଶ୍ୟ । ଦ୍ୱିତୀୟଟି ମାଟିଆପଙ୍କା ଗଡ଼ । ଏଠାରେ ମଧ୍ୟ ବାରବାଟୀ କିଲ୍ଲା ସଦୃଶ ଗଡ଼ଖାଇ ଅକ୍ଷୁଣ୍ଣ ରହିଛି । ଏହି ଗଡ଼ର ପଶ୍ଚିମରେ ମହାମହିମାମୟୀ ସର୍ବମଙ୍ଗଳା ଗଡ ପ୍ରବେଶ ଦ୍ୱାର ରକ୍ଷିଣୀ ରୂପରେ ବିରାଜିତା (ବାଉରୀ ସାହି ମଙ୍ଗଳା) । ନିକଟ ଅତୀତ ପର୍ଯ୍ୟନ୍ତ ଏହି ମଙ୍ଗଳା ସେବାକାରୀ କାଳେଶୀଙ୍କଠାରେ ଆବିର୍ଭୂତାହୋଇ (ମଙ୍ଗଳାବଜେ) ଭକ୍ତମାନଙ୍କର ରୋଗ, ଶୋକ ହରଣ କରୁଥିଲେ । କାଳେଶୀ ଗଡ଼ସ୍ୱ ହେଇଙ୍କୁ ମଙ୍ଗଳା ବଜେ ହେବାର ଲେଖକ କେତେଥର ଦେଖିଛି । ଗଡ଼ର ପୂର୍ବ ପ୍ରାନ୍ତରେ ଚାଳେଶ୍ୱର ମହାଦେବ ପ୍ରତିଷ୍ଠିତ ଥିଲେ । ତୃତୀୟ କଳୁଆଗଡ଼ ବିଲୁପ୍ତ । ସର୍ବୋପରି ଗୁପ୍ତ ବୃନ୍ଦାବନ ଓ ଗୁପ୍ତ ଶ୍ରୀ କ୍ଷେତ୍ରର ସମନ୍ୱୟ ସାକ୍ଷୀଗୋପାଳ ଧାମ ଅନତିଦୂରରେ ଅବସ୍ଥିତ ହେତୁ ବ୍ରତ ଉପବାସାଦିରେ ଭକ୍ତମାନଙ୍କୁ ଅନାୟାସରେ ଦର୍ଶନ, ଭଜନ ଓ ପ୍ରସାଦ ସେବନ ସୁବିଧାହୁଏ ।

GPNanda Colln., Digitized by srujanika@gmail.com

ଏ ଅତି ବୈଜ୍ଞାନିକ ଯୁଗରେ ମଧ୍ୟ ଗ୍ରାମଟିର ପ୍ରାୟ ସମସ୍ତ ଅଧିବାସୀ ଈଶ୍ୱର ପରାୟଣ । ତେଣୁ ଗ୍ରାମରେ ଦେବାଦେବୀଙ୍କର ସମସ୍ତ ପ୍ରକାର ଯାନଯାତ୍ରା ସୁରୁଖୁରୁରେ ଚାଲି ଆସୁଅଛି । ପ୍ରଧାନ ଯାତ୍ରା ମଧ୍ୟରେ ଚନ୍ଦନ, ଦୋଳ, ଷୋଳଦିନ ଦେବୀପର୍ବ (ଶାରଦୀୟ), ନବଦିନାତ୍ମକ ଦେବୀପର୍ବ (ବାସନ୍ତିକ), ଶୀତଳଷଷ୍ଠୀ ପ୍ରଭୃତି ସାର୍ବଜନୀନ ଯାତ୍ରାପର୍ବ ମହା ସମାରୋହରେ ପାଳିତହୁଏ । ଅଧିକନ୍ତୁ ମଧ୍ୟ ଜାଗ୍ରତଗୌରୀ ପୂଜା, ନାଗଚତୁର୍ଥୀ, ଭିତର ଚନ୍ଦନ, ଏକାଦଶୀବେଢ଼ା, ଚତୁର୍ଦ୍ଦଶୀ ବେଢ଼ା, ଜାଗର, ଏକାଦଶୀମେଳା, ସଂକ୍ରାନ୍ତି ସୋମବାର ମେଳା, ଚଇତି ହୋମ, ଯନ୍ତ୍ରାଳ, ଗହ୍ମାପର୍ବ ପ୍ରଭୃତି ଗ୍ରାମବାସୀଙ୍କର ସହଯୋଗ ମନୋବୃତ୍ତିର ପରିଚାୟକ । ଉପରୋକ୍ତ ବିଧି ବିଧାନସବୁ ଅନ୍ୟଗ୍ରାମରେ ପରିଲକ୍ଷିତ ହୁଏନାହିଁ । ଗ୍ରାମର ସୁରମ୍ୟ ପ୍ରଶସ୍ତ ଦୋଳବେଦୀ ଓ ଗନ୍ତ୍ରାସୁର ଗ୍ରାମର ସୌନ୍ଦର୍ଯ୍ୟ ବୃଦ୍ଧିର ଅନ୍ୟତମ କାରଣ ।

ଏହି ଗ୍ରାମର ବିଶେଷତ୍ୱ "ମେଳା ମଉଜ" । ଲେଖକର ବାଲ୍ୟାବସ୍ଥାରେ ଗ୍ରାମ ମଧ୍ୟରେ ୫ଟି ଯାଗାଘର (Club House) ଥିଲା । ପ୍ରତ୍ୟେକଟିରେ ସ୍ୱତନ୍ତ୍ର ମେଳା ମଉଜ, କୁସ୍ତିକସରତ ହେଉଥିଲା । ଶାରଦୀୟ ଦୁର୍ଗାପୂଜାରେ ବ୍ରାହ୍ମଣମାନଙ୍କ ଘରୋଇ ପୂଜାରେ ଭକ୍ତିର ନିଦର୍ଶନ ସ୍ୱରୂପ ଭୋଜି ଆକାରରେ ପ୍ରସାଦ ବିତରଣ ପରିପାଟୀ ଅଦ୍ୟାବଧି ପୁରୀ ପଞ୍ଚକ୍ରୋଶୀ ବ୍ରାହ୍ମଣ୍ୟ-ସଂସ୍କୃତିର ଆଦର୍ଶ ବଜାଏ ରଖିଛି । ଚର୍ବ୍ୟ, ଚୋଷ୍ୟ, ଲେହ୍ୟ, ପେୟ, ଏହି ଚତୁର୍ବିଧ ଖାଦ୍ୟ ସାମଗ୍ରୀର ପର୍ଯ୍ୟାୟ କ୍ରମରେ ପରିବେଷଣ ପ୍ରଣାଳୀ ଅନ୍ୟତ୍ର ପରିଦୃଷ୍ଟ ହୁଏନାହିଁ । ଅନୁଭବୀ ନହେଲେ ହୃଦୟଙ୍ଗମ କରିହେବ ନାହିଁ । ପ୍ରତିଯୋଗିତାମୂଳକ ମିଷ୍ଟାନ୍ନ ଦାନପାଇଁ ନିମନ୍ତ୍ରଣ ଅନ୍ୟ ଗ୍ରାମରେ କଳ୍ପନାତୀତ ।

GPNanda Colln., Digitized by srujanika@gmail.com

ଗ୍ରାମ ମଧ୍ୟରେ ଶୁଭାଶୁଭ ସମ୍ବନ୍ଧ କାର୍ଯ୍ୟରେ (ବ୍ରତବନ୍ଧ, ଶ୍ରାଦ୍ଧ ଶ୍ରାଦ୍ଧାଦି) ଗ୍ରାମସାରା ଏକ କୁଟୁମ୍ବ ପରି ସହଯୋଗ କରନ୍ତି । ଏହି ଗ୍ରାମ ଭଳି ଅନ୍ୟ କୁତ୍ରାପି ପରିଦୃଷ୍ଟ ନୁହେଁ । କୌଣସି ବିପଦ ଆପଦ ସମୟରେ ଜାତିବର୍ଣ୍ଣ ନିର୍ବିଶେଷରେ ଗ୍ରାମବାସୀଙ୍କର ପରସ୍ପର ସହଯୋଗିତା ଅନ୍ୟ ଗ୍ରାମବାସୀଙ୍କୁ ମୁଗ୍ଧ କରୁଛି । ମୋଟ ଉପରେ କହିବାକୁ ଗଲେ ଯଥାର୍ଥ "ଗ୍ରାମ୍ୟ ସଭ୍ୟତା" ଏବେ ମଧ୍ୟ ଏ ଗ୍ରାମରେ ବିଦ୍ୟମାନ୍ । ନୀଳଚକ୍ର ଉହାଡ଼ରେ ଥିବା ପୂର୍ବ ପଞ୍ଚକୋଶୀ ବ୍ରାହ୍ମଣ୍ୟ ସଂସ୍କୃତି ଯାହାକି "ନାସ୍ତି ବ୍ରହ୍ମାଣ୍ଡ ମଣ୍ଡଳେ" ଆଖ୍ୟା ପାଇଅଛି ସେହି ସଂସ୍କୃତି ସମ୍ପନ୍ନ ଗ୍ରାମମାନଙ୍କ ମଧ୍ୟରୁ ଏହା ଅନ୍ୟତମ ।

ବର୍ତ୍ତମାନ୍ ଡାକ୍ତରୀ ବିଦ୍ୟାର ଉତ୍କର୍ଷତା ଉପଲବ୍ଧି କରାଯାଇ-ଥିଲେ ମଧ୍ୟ ଏହି ଗ୍ରାମର ଠାକୁରଙ୍କ ଲୋକନାଥଙ୍କ ହୁକୁମ ଚିକିତ୍ସାରେ ଶହ ଶହ ରୋଗୀ ଆରାମ ପାଉଛନ୍ତି । ସାରା ଭାରତରେ ପଶୁ ଚିକିତ୍ସା ସମ୍ବନ୍ଧରେ କୌଣସି ଉଦ୍ୟମ ନଥିବା କାଳରୁ ଅଦ୍ୟାବଧି ଠାକୁରଙ୍କ ଲୋକନାଥଙ୍କ ହୁକୁମ ଚିକିତ୍ସାରେ ମନୁଷ୍ୟେତର ପ୍ରାଣୀ ଆରୋଗ୍ୟ ଲାଭ କରୁଛନ୍ତି ।

କବି ବନ୍ଦମନରେନ୍ଦ୍ର ଭଣିତ ରାମଲୀଳା ଅବହମାନକାଳରୁ ଏହି ଗ୍ରାମର ବ୍ରାହ୍ମଣେତର ଜାତିର ଲୋକଙ୍କ ଦ୍ୱାରା ପରିବେଷିତ ହୋଇ ସର୍ବଜନ ଆଦୃତ ହୋଇ ଆସିଅଛି । ଏହି ରାମଲୀଳାର ବିଶେଷତ୍ୱ ଏହି ଯେ ଗ୍ରାମର ମହାରଣା ପରିବାର (ଶ୍ରୀ ଲୋକନାଥ ମହାରଣା) ବଂଶପରମ୍ପରା କ୍ରମେ ସୁଶ୍ରାବ୍ୟ ସ୍ୱରରେ ଗାନ କରି ଭକ୍ତମାନଙ୍କୁ ରାମ ନାମାମୃତ ପାନ କରାଇ ଓ ଲୀଳା ସୁଅଙ୍ଗ ଦର୍ଶନ କରାଇ ଆସିଛନ୍ତି । ତେଣୁ ରାମଲୀଳା ଲାଗି ଏହି ଗ୍ରାମ ତଥା ମହାରଣା ବଂଶ ପ୍ରସିଦ୍ଧି ଲାଭ କରିଅଛନ୍ତି ।

GPNanda Colln., Digitized by srujanika@gmail.com

ସାଧାରଣତଃ ଦେଖାଯାଏ ଯେ ଶିକ୍ଷିତ ଲୋକେ ଗ୍ରାମଗ୍ରାମ୍ୟ ମୂର୍ଖ ହୁଅନ୍ତି । ମାତ୍ର ଏ ଗାଁର ବୈଶିଷ୍ଟ୍ୟ ଏହି ଯେ ଶିକ୍ଷିତ ଲୋକେ ଗ୍ରାମବାସୀଙ୍କ ସଙ୍ଗେ ପୂର୍ଣ୍ଣ ସହଯୋଗକରି ଗ୍ରାମର ଓ ଗ୍ରାମବାସୀଙ୍କର ସର୍ବବିଧ ଉନ୍ନତି ସାଧନରେ ବ୍ରତୀ ହେବାର ପରମ୍ପରା ରକ୍ଷା କରିଛନ୍ତି । ଗ୍ରାମ ମଧ୍ୟରେ କୌଣସି ବିଷୟରେ ବଡ଼ସାନ ଭେଦ ଅତମାନାରେ ପରିଦୃଷ୍ଟ ହୁଏ ନାହିଁ । ସମସ୍ତେ ପ୍ରାୟ ସମ ସ୍ତରରେ ଥିବାହେତୁ ସାଧାରଣ ଜୀବନଯାପନରେ କୌଣସି ପ୍ରତିବନ୍ଧକ ଦୃଷ୍ଟିଗୋଚର ହୁଏ ନାହିଁ । ଆଧୁନିକ ଶିକ୍ଷିତ ଗୋଷ୍ଠୀ ମଧ୍ୟରେ **B. A.** ଓ **M. A.** ଉପାଧିଧାରୀ ଶିକ୍ଷିତ ଯୁବକ ଉଚ୍ଚପଦବୀରେ ଅଧିଷ୍ଠିତ ଥାଇ ମଧ୍ୟ ସେମାନେ ଗାଁକୁ ଆସିଲେ ଗ୍ରାମବାସୀଙ୍କ ସଙ୍ଗେ ସମାନ ସ୍ତରରେ ଚଳନ୍ତି । ଗ୍ରାମରେ ଏ ପରମ୍ପରା ସୃଷ୍ଟି କରିଛନ୍ତି ଗ୍ରାମର ମୁରବୀ ଶିକ୍ଷିତ ମଣ୍ଡଳୀ । ତନ୍ମଧ୍ୟରୁ ଭୂତପୂର୍ବ ବାରିଷ୍ଟର ଓ ତତ୍‌କାଳୀନ କେନ୍ଦ୍ର ବିଧାନ ସଭାର ସଭ୍ୟ (Centre M.L.A.) ପରମ ମାନ୍ୟାସ୍ପଦ ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ରେ (**B. N. Mislrra** ବୋଲି ପରିଚିତ) ଏବଂ ଗ୍ରାମର ପରମହିତୈଷୀ, ବର୍ତ୍ତମାନ ସର୍ବବୟୋଜ୍ୟେଷ୍ଠ, ପୁରୀ ମ୍ୟୁନିସିପାଲିଟିର ଅବସର ପ୍ରାପ୍ତ ଆକାଉଣ୍ଟାଣ୍ଟ ଶ୍ରୀଯୁକ୍ତ ଲକ୍ଷ୍ମଣ ମିଶ୍ରଙ୍କର ଅବଦାନ ଗ୍ରାମବାସୀ ଆଉ କେତେ ପୁରୁଷ ପର୍ଯ୍ୟନ୍ତ ଭୁଲି ପାରିବେ ନାହିଁ । ଏପରି ସମୟ ଥିଲା ଯେ ଗ୍ରାମର ପ୍ରତ୍ୟେକ ଶିକ୍ଷିତ ଯୁବକ ପୂଜ୍ୟପାଦ ଲକ୍ଷ୍ମଣ ମିଶ୍ରଙ୍କୁ ନିଜର ମୁରବୀ ବୋଲି ଧରିନେଇ ଥିଲେ । କାରଣ ପ୍ରତ୍ୟେକଙ୍କର ଶିକ୍ଷା, ଦୀକ୍ଷା, ଓ ଧନ୍ଦା ତାଙ୍କରି ନିର୍ଦ୍ଦେଶରେହିଁ ହେଉଥିଲା । ତାଙ୍କ ପିତା ଶ୍ରୀଯୁକ୍ତ ମଧୁସୂଦନ ମିଶ୍ରଙ୍କ ଜୀବିତାବସ୍ଥାରେ ଗାଁରୁ ମକଦ୍ଦମା କଚେରୀକୁ ଯାଇନାହିଁ ।

GPNanda Colln., Digitized by srujanika@gmail.com

ପରମ ସୌଭାଗ୍ୟର ବିଷୟ ଏହି ଯେ ପ୍ରାତଃ-ସ୍ମରଣୀୟ ପ୍ରାଥମିକ ଶିକ୍ଷକ ଶ୍ରୀଯୁକ୍ତ ବାଇଧର ମିଶ୍ରେ ଯେ କି ଏ ଗାଁର ତିନିପୁରୁଷର ଶିକ୍ଷାଗୁରୁ ସେ ଏହି ଗ୍ରାମବାସୀଙ୍କ ମଧ୍ୟରୁ ଜଣେ । ତାଙ୍କପରି ଆଦର୍ଶବାନ୍ ବିଦ୍ୟାନୁରାଗୀ ଶିକ୍ଷକ ସେ କାଳରେ ଏ ଖଣ୍ଡ ମଣ୍ଡଳରେ ନ ଥିଲେ କି ଏବେ ମଧ୍ୟ ନାହାନ୍ତି । ତାଙ୍କର ନିର୍ଲୋଭ ଓ ନିସ୍ୱାର୍ଥପର ଛାତ୍ରବତ୍ସଳତା ସ୍ମରଣ କରି ଏବେ ମଧ୍ୟ ଲୋକେ ଝୁରି ହେଉଛନ୍ତି । ଶିକ୍ଷା ଦାନରେ ଏତାଦୃଶନିଷ୍ଠା ଅନ୍ୟତ୍ର ପରିଦୃଷ୍ଟ ହୁଏ ନାହିଁ । ସେ କାଳରେ ପ୍ରାଥମିକ ଶିକ୍ଷା ପାଇଁ ଗଣିତ, ସାହିତ୍ୟ ବ୍ୟତୀତ ଏପରି ବାଛିବାଛି ପୁସ୍ତକଗୁଡ଼ିକ ନଥିଲା । ସେ ନିଜ ବୁଦ୍ଧିରୁ ପ୍ରଶ୍ନ ତିଆରିକରି ଉତ୍ତର ଆଦାୟ କରୁଥିଲେ । ଟେଷ୍ଟପେପର ଯେତେବେଳେ କଳ୍ପନାର ଅତୀତ ଥିଲା ସେତେବେଳେ ସେ ମହାଶୟ ନିଜ ବୁଦ୍ଧିରୁ ପ୍ରଶ୍ନ ଓ ଉତ୍ତର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଲେଖାଇ ତାର ନାମ "ଅନୁଶୀଳନୀ ଖାତା" ରଖିଥିଲେ ଯାହାକି ପରବର୍ତ୍ତୀ ବର୍ଷ ଛାତ୍ର ଛାତ୍ରୀମାନଙ୍କର ଅତୀବ ଆବଶ୍ୟକ ହେଉଥିଲା । ସେ କାଳରେ ମଧ୍ୟ ଟିଉସନ୍ କରି ପଇସା ରୋଜଗାର କରିବାର ଚିନ୍ତା ନ ଥିଲା । ମାତ୍ର ସେ ସତ୍ୟନିଷ୍ଠ, ପରମ କାରୁଣିକ ମହାଶୟ ସରକାରୀ ସ୍ୱଳ୍ପ ବେତନରେ (ମାତ୍ର ଟ୧୨୮) ଅତି କଷ୍ଟରେ କୁଟୁମ୍ବ ନିର୍ବାହକରି, ସାଗଖରଡ଼ା 'ପଖାଳଭାତରେ କାଳ ଯାପନ କରି, ବିନା ପାରିଶ୍ରମିକରେ ଉଚ୍ଚ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ନିଜ ତତ୍ତ୍ୱାବଧାନରେ ନିଜଘରେ ରାତିରେ ପାଠ ପଢ଼ାନ୍ତି । କୌଣସି ବର୍ଷ ତାଙ୍କର ଛାତ୍ର ବା ଛାତ୍ରୀ ବୃତ୍ତିଭୋଗୀ ନହୋଇଛନ୍ତି ଏପରି ପ୍ରାୟ ହୋଇ ନ ଥିଲା । ବରଂ ବର୍ଷେ ବର୍ଷେ ଦୁଇଟି ବୃତ୍ତିଭୋଗୀ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହେଉଥିଲେ । ସେ ମହାଶୟ ମଧ୍ୟ ଭାତୃବତ୍ସଳତା ଓ କୁଟୁମ୍ବ ସ୍ନେହର ଜ୍ୱଳନ୍ତ ଦୃଷ୍ଟାନ୍ତ ଦେଖାଇଥିଲେ ।

GPNanda Colln., Digitized by srujanika@gmail.com

ଅଦ୍ଭୁତ ଭାଗ୍ୟର କଥା ଯେ ଏ ଗ୍ରାମରେ କଳେ କଳିଯୁଗର ଇନ୍ଦ୍ରଦ୍ୟୁମ୍ନ ଜନ୍ମ ଗ୍ରହଣ କରିଥିଲେ । ସେ ହେଉଛନ୍ତି ପ୍ରାତଃସ୍ମରଣୀୟ ଶ୍ରୀଯୁକ୍ତ ଗଣେଶ ମିଶ୍ର । ତାଙ୍କର ସଞ୍ଚିତ ସମସ୍ତ ଧନ ସେ ନିଜ ଗ୍ରାମରେ ପୋଖରୀ, ଦୋଳବେଦୀ ଓ ମଣ୍ଡପ କରାଇବାରେ ଖର୍ଚ୍ଚ କରି ଉଦ୍‌ବୃତ୍ତ ଧନରେ ବୀରହରେକୃଷ୍ଣପୁର ଶାସନର ପଶ୍ଚିମପ୍ରାନ୍ତରୁ କମନୀୟ ସୁବୃହତ୍ ମନ୍ଦିରଟି ନିର୍ମାଣ କରିଛନ୍ତି । ମାତ୍ର ନିଜେ ମଡ଼ହଣ୍ଡି ଢଙ୍ଗର ମାଟିଘରେ ରହୁଥିଲେ । ନିଜର କୋଠାଘର ନକରିବା କଥା ଲୋକେ ପଚାରିବାରୁ ଉତ୍ତର ଦିଅନ୍ତି, "ବଡ଼ ଲୋକର ଘରବୋଲି ବାହାରୁ ଦୁଃଖୀ ରଙ୍କି ଆସି ଯଦି ନିରାଶ ହେବେ ତେବେ ତାଙ୍କ ନିଶ୍ୱାସରେ କୁଳ ଲୋପ ହେବ ।" ଉକ୍ତ ମହାପୁରୁଷଙ୍କର ଘର ଲେଖକଙ୍କର ଗୃହ ସମ୍ମୁଖରେ ଥିବା ହେତୁ ବାଲ୍ୟାନୁଭୂତରୁ ଗୋଟିଏ ଦୃଶ୍ୟଟି ଉଲ୍ଲେଖ ଯୋଗ୍ୟ ମନେକରେ । ଅମ୍ଭମାନଙ୍କ ବାଲ୍ୟ କାଳରେ ସେ ମହାଭାଗ ଅତି ବୃଦ୍ଧ । ଦ୍ୱିପ୍ରହର ବିଶ୍ରାମ ପରେ ସେ ଦୁଗ୍ଧ ପାନ କରନ୍ତି । ମାତ୍ର ଦୁଗ୍ଧ ଉପରୁ ସରଟି ଗୋଟିଏ ବାହାର ପିଲାକୁ ଦେବାପାଇଁ ସେ ଉଦ୍‌ଗ୍ରୀବ ଥାନ୍ତି । ନିଜେ ବାଡ଼ି ଧରି ଦାଣ୍ଡକୁ ଓହ୍ଲାଇ ଲକ୍ଷ କରନ୍ତି । ପିଲାଟିଏ ପାଇଲେ ତାକୁ ଦୁଧ ଉପର ସରଟି ଦେଇ ଆନନ୍ଦ ଅନୁଭବ କରନ୍ତି । ନାନା କଲମୀ ଆମ୍ବ ଶଗଡ଼-ମାନ ତାଙ୍କ ଜମିଦାରୀରୁ ଆସି ଦୁଆର ମୁହଁରେ ପହଞ୍ଚିଲାମାତ୍ରେ ପିଲାଙ୍କ ଚକ୍ଷୁରୋଚକ ସୁନ୍ଦରୀ, ଗଛ ପାଚିଲା ଆମ୍ବ ପ୍ରାୟ ୨/୩ ବସ୍ତା ଦାଣ୍ଡରେ ଗଦାହେବ । ସେ ମହାଶୟ ନିଜେ ଯାଇ ସ୍କୁଲରୁ ପିଲାମାନଙ୍କୁ ଡ଼ାକି ଆଣି ମନଇଚ୍ଛା ଆମ୍ବ ବିତରଣ କରନ୍ତି । ଯେଉଁ ପିଲା ନିଜ ଭାଗଟି ନେଇ ନପାରେ ବୁଢ଼ା ନିଜେ ତା

ବହୁ ସିଲଝ ସହିତ ଆମ୍ବଥାକ ନେଇ ତା ଘରେ ଦେଇ ଆସନ୍ତି । ଏହିପରି ନାନା ପ୍ରକାରରେ ହିନ୍ଦୁଚରଣ କରିବାର ଭୂରି, ଭୂରି ପ୍ରମାଣ ଅଦ୍ୟାବଧି ମିଳେ । ସେ ମହାଶୟଙ୍କର ମହାପ୍ରୟାଣ ପୂର୍ବରୁ ତୀର୍ଥବାସ ବାସନା ହେବାରୁ ଗ୍ରାମବାସୀଗଣ ସ୍ୱଚ୍ଛନ୍ଦ ପାଲଙ୍କି ନିଜ ସ୍କନ୍ଧରେ ବହନ କରି ପ୍ରାୟ ୧୫ ମାଇଲ ରାସ୍ତା ପୁରୁଷୋତ୍ତମ କ୍ଷେତ୍ରକୁ ତାଙ୍କୁ ନେଇଥିଲେ । ଗ୍ରାମବାସୀଙ୍କର ଗୁରୁପୂଜା ଓ ସହଯୋଗ ମନୋବୃତ୍ତିର ପରିଚୟ ଉପରୋକ୍ତ ଦୃଷ୍ଟାନ୍ତରୁ ମିଳେ ।

ଉତ୍କଳ ଖଣ୍ଡର ଜଣେ ଖ୍ୟାତନାମା ସାହିତ୍ୟିକ ଓ ଶିକ୍ଷାନୁରାଗୀ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ମିଶ୍ର **B.A.** ମଧ୍ୟ ଏ ଗ୍ରାମର ଅଧିବାସୀ । କୋଠାକୁରୁଡା ବନ୍ଧାନ ହେଲେ ଜୀବନ ଯାପନକରି କଟକ ମହାନଗରୀରେ ବୃଦ୍ଧ ଶିକ୍ଷକ ଭାବରେ ପ୍ରତି ଗଳି କନ୍ଦରେ ପରିଚିତ ଥିଲେ । ତାଙ୍କର କର୍ମନିଷ୍ଠା, କର୍ତ୍ତବ୍ୟ ପରାୟଣତା, ଓ ଶିକ୍ଷାନୁରାଗରେ ମୁଗ୍ଧ ହୋଇ କେତେ ରାଜା, ମହାରାଜା, ରାୟବାହାଦୁର, ଦେବାନ୍ ବାହାଦୁର ତାଙ୍କୁ ଉଚ୍ଚ ସମ୍ମାନ ଦେଉଥିଲେ ହେଁ ସେ ଅହଙ୍କାରେ ବିମୁଗ୍ଧ ନହୋଇ ଗ୍ରାମ ସମ୍ପର୍କ ରକ୍ଷା କରିଥିଲେ । ତାଙ୍କର ପ୍ରତ୍ୟେକଟି ଶୁଭକୃତ୍ୟ କାର୍ଯ୍ୟ ସେ ନିଜ ଗ୍ରାମରେହିଁ ସମ୍ପନ୍ନ କରୁଥିଲେ । ତାଙ୍କପରି ଆଦର୍ଶବାଦୀ ପୁରୁଷ ବିରଳ । ତାଙ୍କର ସ୍ୱାଧୀନ ମନୋବୃତ୍ତି ଦ୍ୟୋତକ ସାହିତ୍ୟ-ପୁସ୍ତକ ଓ ଆଦର୍ଶବାଦୀ ଲେଖା ଉତ୍କଳ ଭାଷାରେ ଅତୁଳନୀୟ । ତାଙ୍କ ରଚିତ ଅନେକ ଅତ୍ୟୁପାଦେୟ ପୁସ୍ତକ ଅପ୍ରକାଶିତ ହେଲେହେଁ ପ୍ରକାଶିତ ପୁସ୍ତକ ରାଜି ଶିକ୍ଷିତମଣ୍ଡଳୀଙ୍କୁ ବିମୁଗ୍ଧ କରିଛି ଓ କରୁଛି । ତାଙ୍କ ପ୍ରକାଶିତ ପୁସ୍ତକ ରାଜି ମଧ୍ୟରୁ 'ଗୁଞ୍ଜି

GPNanda Colln., Digitized by srujanika@gmail.com

ସହଚର" ଓ "ସତ୍ୟବାଦୀରେ ସାତବର୍ଷ" ପ୍ରତ୍ୟେକ ପାଠକଙ୍କ ଜୀବନରେ କିଛିନା କିଛି ସ୍ଥାୟୀ ଛାପ ରଖିଛି । "କଥା ସରିତ୍ ସାଗର" ଓ "ଯୋଗବାଶିଷ୍ଠ ରାମାୟଣ" ଭାରତର ଅନ୍ୟ ଭାଷାରେ ମଧ୍ୟ ବିରଳ । କ୍ଷୁଦ୍ର, ବୃହତ୍ ଅନେକ ପୁସ୍ତକ କେବଳ ସାହିତ୍ୟିକ ଓ ଆଦର୍ଶ ଦୃଷ୍ଟିରୁ ପ୍ରକାଶ କରି ଜୀବନରେ ବହୁ ଭାବରେ କ୍ଷତିଗ୍ରସ୍ତ ହୋଇଥିଲେ । ବ୍ୟବସାୟିକ ଦୃଷ୍ଟିଭଙ୍ଗୀର ଅଭାବ ଓ ନିର୍ଲୋଭପରାୟଣ ହେତୁ ଅର୍ଥ ସଙ୍କଟରେ ସମ୍ମୁଖୀନ ହେଲେ ମଧ୍ୟ କୁହାପି ମିଛାଶ୍ରୟ ନକରି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ନିଜର ଆଦର୍ଶ ବଜାଏ ରଖିଥିଲେ ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କର ଜଣେ ସହକର୍ମୀ, ସତ୍ୟବାଦୀ ବିଦ୍ୟାଳୟର ଭୂତପୂର୍ବ ଶିକ୍ଷକ ସର୍ବଜନ ବିଦିତ ଓ ସର୍ବଜନ-ଆଦୃତ ପଣ୍ଡିତ ରଘୁନାଥ ମିଶ୍ର ନିଜେ ଗୋଟିଏ କ୍ଷୁଦ୍ର ଅନୁଷ୍ଠାନ ସ୍ୱରୂପ ଅଦ୍ୟାପି ସ୍ୱାଧ୍ୟାୟ ନିରତ ରହି ଗ୍ରାମର ଐତିହ୍ୟ ବର୍ଦ୍ଧନ କରୁଛନ୍ତି ।

ସ୍ୱନାମ ଧନ୍ୟ ଡାକ୍ତର ମହାଦେବ ମିଶ୍ର ଓ ଅବସରପ୍ରାପ୍ତ ଶିକ୍ଷାବିଭାଗର ଡେପୁଟି ଇନସ୍‌ପେକ୍ଟର ଶ୍ରୀଯୁକ୍ତ କୁଳମଣି ମିଶ୍ରଙ୍କ ଯତ୍ନରେ ଗ୍ରାମର ବହୁବିଧ ଉନ୍ନତି ସାଧନ କରାଯାଇଛି । ବର୍ତ୍ତମାନ ଗ୍ରାମକୁ ସାକ୍ଷିଗୋପାଳ ଷ୍ଟେସନରୁ ଗୋଟିଏ ପକ୍‌କା ରାସ୍ତା ସଂଯୋଗ ହୋଇ ପାରିଛି । ଗୋଟିଏ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପ୍ରସ୍ତାବ ଆକାରରେ ଅଛି । ସ୍ୱାସ୍ଥ୍ୟକେନ୍ଦ୍ର, ଶସ୍ୟ ସଂଗ୍ରହାଳୟ, ଗ୍ରାମପଞ୍ଚାୟତ କେନ୍ଦ୍ର, ଭୋଟ ଗ୍ରହଣ କେନ୍ଦ୍ର, ଧାନ୍ୟ ଋଣ ସମବାୟ ସମିତି, ଗୃହନିର୍ମାଣ

GPNanda Colln., Digitized by srujanika@gmail.com

ସମବାୟ ପ୍ରତିଷ୍ଠାନ, ପାଠାଗାର, ଚିତ୍ତବିନୋଦନ କେନ୍ଦ୍ର ପ୍ରଭୃତି ଆଧୁନିକ ଅନୁଷ୍ଠାନ ବର୍ଗ ପ୍ରତିଷ୍ଠିତ ହୋଇ ପାରିଛି ।

ଏହିପରି ପବିତ୍ର ପରିବେଶ ମଧ୍ୟରେ ବହୁ ଦେବା ଦେବୀ ସମାବିଷ୍ଟ ଗ୍ରାମରେ, ଆଦର୍ଶ ପୁରୁଷଙ୍କ ମେଳରେ ଲେଖକଙ୍କ ପିତୃ ପୁରୁଷଗଣ ଜନକ ବ୍ରହ୍ମର୍ଷିଙ୍କର ପୂର୍ବଜନ୍ମ ବୃତ୍ତାନ୍ତର ପରିଚୟ ଦେଇଛନ୍ତି ।

GPNanda Colln., Digitized by srujanika@gmail.com

ବଂଶ ପରିଚୟ

—: ଶମ୍ଭୁକର ଭରଦ୍ୱାଜ ଗୋତ୍ର :—



※ ମଧୁସୂଦନ ଲକ୍ଷ୍ମଣଙ୍କ ଜନ୍ମିତ ପୁତ୍ର ମାତ୍ର ରାମଚନ୍ଦ୍ରଙ୍କର ପୋଷ୍ୟପୁତ୍ର ।

× ବୈଦ୍ୟନାଥ ମଧୁସୂଦନଙ୍କର ଜନ୍ମିତ ୩ୟ ପୁତ୍ର ମାତ୍ର ଗୋବିନ୍ଦଙ୍କର ପୋଷ୍ୟପୁତ୍ର ।

GPNanda Colln., Digitized by srujanika@gmail.com

ପବିତ୍ର ସମାବେଶ

(ବଂଶ ପରିଚୟ)

"ଯଥାକୁଳେ ଜନ୍ମ ତଥା ଗରିଷ୍ଠ"

ଏହି ବଂଶ ଶମ୍ଭୁକର ଭରଦ୍ୱାଜ ଗୋତ୍ରୀ । ବଂଶ ପରମ୍ପରାର ଯେଉଁ ଫର୍ଦ୍ଦ ଦିଆ ଯାଇଛି ତହିଁରେ ୭ ପୁରୁଷ ପର୍ଯ୍ୟନ୍ତ ଅଛି । ୬ଷ୍ଠ ପୁରୁଷ ହରିବନ୍ଧୁ ମିଶ୍ରେ ଓ ତାଙ୍କ ପରେ ତାଙ୍କ କନିଷ୍ଠ ପୁତ୍ର ଜଗନ୍ନାଥ ମିଶ୍ରେ ଗ୍ରାମରେ ଗ୍ରାମଣୀ ବା ଗ୍ରାମ-ମୁଖ୍ୟ ବୋଲଉ-ଥିଲେ । ଏହାର ପ୍ରମାଣ ଘରେ ଥିବା ତାଳପତ୍ର ପୋଥି ଓ ତାଳ ପତ୍ର ଲିଖିତ କଟିପତ୍ରରୁ ମିଳୁଅଛି । ଗାଁରେ ବଡ଼ ପିଣ୍ଡା, ବଡ଼ ପାହାଚ, ବଡ଼ ପାଳି (ଚଉଦ ପାଳି, ଦୁର୍ଗାପୂଜାରେ ଷୋଳ ପାଳି) କରାଇଥିଲେ । ଦୁଆର ମୁହଁରେ ଦଉଁ ଖଣ୍ଡି ଲଗା ହୋଇ ଥିଲେ । ୧୮ ବାଟି ସମ୍ପତ୍ତିର ମାଲିକ ଥିଲେ । ମାଟିର ମହତ୍ତ୍ୱ ୩ ବର୍ଷ ଓ କୁଳର ମହତ୍ତ୍ୱ ୩ ପୁରୁଷ ରହେ । ଆହୁରି ମଧ୍ୟ କହନ୍ତି ୩ ବର୍ଷରେ ଧାନ ବାଜୁଙ୍ଗା ଓ ୩ପୁରୁଷରେ କୁଳ ବାଜୁଙ୍ଗା । ହରିବନ୍ଧୁ ମିଶ୍ରଙ୍କ ଠାରୁ ୩ ପୁରୁଷ କୁଳର ମହତ୍ତ୍ୱ ଥିଲା । ମତ୍ ପିତା ଶ୍ରୀଯୁକ୍ତ ମଧୁ ସୂଦନ ମିଶ୍ରଙ୍କ ଅମଳକୁ ନ ଥିଲା ।

ମୋର ପିତାମହ ଶ୍ରୀଯୁକ୍ତ ଲକ୍ଷ୍ମଣ ମିଶ୍ରେ (ଶ୍ରୀ ମଧୁ ସୂଦନ ମିଶ୍ରଙ୍କ ଜନ୍ମିତ ପିତା) ଅତିଶୟ ଧର୍ମ ପରାୟଣ ବ୍ୟକ୍ତି ଥିଲେ । ସେ ମଧ୍ୟ ପୌଷ୍ଟିବାନ୍ଧିତ ଓ ଶକ୍ତିଶାଳୀ ପୁରୁଷ ଥିଲେ । ସେ ଏପରି ବଳିଷ୍ଠ ବପୁଷ୍ମାନ୍ ପୁରୁଷ ଥିଲେ ଯେ ଲୋକେ ତାଙ୍କୁ ଶଗଡ଼

GPNanda Colln., Digitized by srujanika@gmail.com

ଚକଡ଼ା ସଙ୍ଗେ ତୁଳନା କରୁଥିଲେ । ତାଙ୍କୁ ଦେଖିବା ଲୋକେ ଏବେ ମଧ୍ୟ ଗାଁରେ ବଞ୍ଚିଛନ୍ତି । ସେମାନେ କହନ୍ତି " ଚୂଲପାଞ୍ଜ ଥିଲେ ଦାଣ୍ଡ ସୁନ୍ଦର, ଗାଧୋଉ ଥିଲେ ଘାଟ ସୁନ୍ଦର । ସେ ଜଣେ ଲୋକରେ ଦାଣ୍ଡ, ଘାଟ ଦଖଲ କରି ପକାଉ ଥିଲେ । ତାଙ୍କ ଆମ୍ବ ପରି ଦେହେସ୍ର ।" ସେ କାଳର ବ୍ରାହ୍ମଣମାନେ ପ୍ରାୟ ସର୍ବଦା ଗାମୁଛା ଖଣ୍ଡିଏ ପିନ୍ଧି ଅନ୍ୟ ଖଣ୍ଡିଏ କାନ୍ଧରେ ପକାଇ ଥା'ନ୍ତି । ମତ୍ ପିତାମହଙ୍କ ଶରୀରରେ ସଦାସର୍ବଦା ତୀ'ଏ ଖଣ୍ଡି ପଟଳ ଗାମୁଛା ଶୋଭା ପାଉଥିଲା । ସେ କାଳରେ ବ୍ରାହ୍ମଣମାନଙ୍କର ସୌଖୀନ ପରିଧେୟ ଥିଲା ପାଟଳ ଗାମୁଛା । ଚୂଳଶା ସୂତାର ଗାମୁଛାକୁ ପାଗକରି ଜାଣିଲେ ଅଟେ ଅଟେ ନାଲିରଙ୍ଗ ବାହାରି ପଡ଼େ । ଏହା ପାଗ କରିବାକୁ ପ୍ରାୟ ୬ ମାସ ଲାଗେ । ପ୍ରଥମାଷ୍ଟ-ମୀରେ ନୂଆ ବୁଡ଼ାଇଥିବା ଗାମୁଛା ଚନ୍ଦନ ହାଣ୍ଡାକୁ ଦୁସ ପାଟେ । ତାହାର ପାଗ ଏପରି ସହଜ ବ୍ୟାପାର ନୁହେଁ । ପ୍ରତିଦିନ ସମସ୍ତ ମୁଡ଼ାବଳ ଧୂଆ, ଶୁଖା ହେବ ।...ରେ ମଟିରେ ମିଶିରି ପଣା, ପଇଡ଼ ପାଣି, ଚୂଡ଼ଲଧୂଆ ପାଣି, ଖାଣ୍ଟି ଗୋରିଷ ତେଲ ଇତ୍ୟାଦି ସବୁଥିରେ ଧୂଆଯାଏ । ଅନୁଭବୀ ନହେଲେ ପାଗ ଉତ୍ତାରି ଜାଣିବ ନାହିଁ । ଠିକ୍ ପାଗ ଉତୁରି ଗଲେ ପାଗକୁ ଚୁହିଁ ଚମ୍ପାରଙ୍ଗ, ନାରଙ୍ଗ ରଙ୍ଗ, ଗୋଲାପି ରଙ୍ଗ ପ୍ରଭୃତି ବାହାରିବ । ତା ସାଙ୍ଗକୁ କଳାଜିତ—ତା ମଧ୍ୟ ପିମ୍ପୁଡ଼ିଆ, ମଇଁପିଆ ପ୍ରଭୃତି ବିଭିନ୍ନ ପ୍ରକାରର ଅଛି । ଏହା ଏହି ପୁରୀ ପଞ୍ଚକୋଶୀ ବ୍ୟତୀତ ପୃଥିବୀରେ ଅନ୍ୟ କୁତ୍ରାପି ପରିଦୃଷ୍ଟ ହୁଏ ନାହିଁ । ଆଜିକାଲି ପୁରୀ ସହରରେ କ୍ୱଚିତ୍ ସେ ଗାମୁଛା ଦୃଷ୍ଟିଗୋଚର ହୁଏ । ମତ୍ ପିତାମହ ଅତିଶୟ ନିଷ୍ଠାପର ବ୍ରାହ୍ମଣ ଥିଲେ । ନିତ୍ୟାଭିଷେକୀ ଥିଲେ । ଗାଁର ଦୁଇ ମୁଣ୍ଡରେ ବିରାଜିତ ଶିବବିଗ୍ରହଙ୍କୁ ପ୍ରତ୍ୟହ

GPNanda Colln., Digitized by srujanika@gmail.com

ଦୁଇ ଓଳି ଦର୍ଶନ ଓ ସକାଳ ଓଳି ବାଲୁକେଶ୍ୱର ମହାଦେବଙ୍କ ଠାରେ ଅଭିଷେକ କରୁଥିଲେ । ସନ୍ଧ୍ୟାରେ ଗୋପୀନାଥଙ୍କ ଅଲଗା ଦର୍ଶନ ସାରି ପୁଣି ବାଲୁକେଶ୍ୱରଙ୍କୁ ଦର୍ଶନ କରୁଥିଲେ । ଝଡ଼, ବର୍ଷା, ଶୀତ, ଗ୍ରୀଷ୍ମ ନିର୍ବିଶେଷରେ ଏହା ପ୍ରତ୍ୟହ ଚାଲୁଥିଲା । ନିଜର ଦାଣ୍ଡ ପିଣ୍ଡା ଏପରି ଭାବରେ ଗଠିତ ଯେ ତହିଁରେ ବସି ମଧ୍ୟ ଗୋପୀନାଥ ଦେବଙ୍କ ଅଲଗା ଦର୍ଶନ ହେଉଥିଲା । ଗୋ ସେବାକୁ ପରମବ୍ରତ ମନେ କରି ଅନେକ ଦୁଧିଆଳୀ ଗାଈ ରଖିଥିଲେ । ସେକାଳ ଘରେ ସମସ୍ତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ନିଜଘରେ ଖର୍ଚ୍ଚ ହେଉଥିଲା । ତେଣୁ ନିଜେ ଓ ସନ୍ତାନ ସନ୍ତତି ସୁଗଠିତ ଓ ବଳିଷ୍ଠ ଥିଲେ । ବୋଧହୁଏ ସେହି କାରଣରୁ ମୋର ପିତାଙ୍କର ୭୭ ବର୍ଷ ବୟସରେ ମୃତ୍ୟୁ ହୋଇଥିଲେ ମଧ୍ୟ ବୃଦ୍ଧ ଦେବାଚ୍ୟ ନଥିଲେ । ମୋର ପିତାମହ ଏତେ ବଳିଷ୍ଠ ଥିଲେ ଯେ ଜୀବଦଶାରେ କେବେ କୌଣସି ରୋଗାକ୍ରାନ୍ତ ହୋଇ ନ ଥିଲେ । ସେ କାଳରେ ହଇଜାକୁ 'ବାଡ଼' ବୋଲି କହୁଥିଲେ । 'ଚଉତବାଡ଼' ଓ 'ଗୁଣ୍ଡ୍ରିଚିବାଡ଼' ରୁ ନିବର୍ତ୍ତିଲେ ମହାଷ୍ଟମୀ ଓ ମହାଦୁଃଖା (ମହାଦୁଃଖୋ ବା ଦଶହରା) ଦେଖିବୁ ବୋଲି କଠିନ ଥିଲା । ମତ୍ ପିତାମହ ନିର୍ଭିକ ଓ ସାହସୀ ଥିବା ହେତୁ ଯେ କୌଣସି ସଂକ୍ରାମକ ରୋଗୀର ମୃର୍ଦ୍ଧାର ପୋଡ଼ିବାକୁ ଯିବାପାଇଁ କୁଣ୍ଠା ବୋଧ କରୁ ନ ଥିଲେ । ତେଣୁ ଗାଁରେ ଯେତେବେଳେ 'ଗୁଣ୍ଡ୍ରିଚି ବାଡ଼' ପ୍ରବଳ ଆକାର ଧାରଣ କରିଥିଲା ସେ ସାହସର ସହିତ ଘୃଣାଦନ ନବାରି ମୃର୍ଦ୍ଧାର ପୋଡ଼ୁଥିଲେ । କିନ୍ତୁ ସର୍ବଶେଷରେ ସେ ନିଜେ 'ଗୁଣ୍ଡ୍ରିଚି ବାଡ଼'ର ଶିକାର ହୋଇ ବାହୁଡ଼ାଦଶମୀ ତିଥିରେ ଇହଧାମ ତ୍ୟାଗ କଲେ । ଅମିତ ବଳଶାଳୀ ଜ୍ୟେଷ୍ଠ ଭ୍ରାତାଙ୍କର ମୃତ୍ୟୁରେ ହତାଶ ହୋଇ ମାନ

GPNanda Colln., Digitized by srujanika@gmail.com

କେତୋଟି ଦିନ ବ୍ୟବଧାନରେ କନିଷ୍ଠଭ୍ରାତା ପଦ୍ମନାଭ ମଧ୍ୟ ସେହି ରୋଗର ଶିକାର ହେଲେ ।

ମୋର ଜଣେ କନିଷ୍ଠ ପ୍ରପିତାମହ (୪ର୍ଥ ପୁରୁଷ) ମିଚ୍ଛା ମିଶ୍ରେ ଓଡ଼ିଶୀ ସଙ୍ଗୀତରେ ସେ କାଳରେ ସାରା ଓଡ଼ିଶାରେ ସୁନାମ ଅର୍ଜନ କରିଥିଲେ । ବିଶେଷତଃ କଟକ ଓ ବ୍ରହ୍ମପୁରରେ ବେଶୀ ପରିମାଣରେ ଆଦୃତ ହୋଇଥିଲେ । ତାଙ୍କର ଜଳଦ-ଗମ୍ଭୀର କଣ୍ଠ ଓ ପଞ୍ଚମତାନ ବିନାବାଦ୍ୟଯନ୍ତ୍ର ସାହାଯ୍ୟରେ ଶ୍ରୋତାମାନଙ୍କୁ ମୁଗ୍ଧ କରୁଥିଲା । ତାଙ୍କର ସୁଦୀର୍ଘ କଣ୍ଠସ୍ୱର ପ୍ରାୟ ୩ ମାଇଲ ଦୂରକୁ ଶୁଣାଯାଉଥିଲା । ଆଜି କାଲି ଯନ୍ତ୍ର ସଙ୍ଗୀତର ପ୍ରାବଲ୍ୟରୁ ଓଡ଼ିଶୀ ସଙ୍ଗୀତର ପ୍ରଭାବ କମିଯାଇଛି ମାତ୍ର ୧୫।୨୦ ବର୍ଷ ତଳ ପର୍ଯ୍ୟନ୍ତ ଆମ୍ଭ ଗ୍ରାମର ଓ ନିକଟବର୍ତ୍ତୀ ଗ୍ରାମର ଲୋକେ ଦୂର ଦୂରାନ୍ତରେ ସଙ୍ଗୀତ ମେଳରେ ସୁନାମ ଅର୍ଜନ କରି ନିଜ ନିଜକୁ ମିଚ୍ଛା ମିଶ୍ରଙ୍କ ନାତିବୋଲି ପରିଚୟ ଦେଉଥିଲେ ।

ଏହିପରି ସ୍ୱଚ୍ଛଳ ଓ ଧର୍ମକର୍ମନିଷ୍ଠ ପବିତ୍ର ସମାବେଶ ଓ ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ମତ୍ପିତା ଶ୍ରୀ ମଧୁସୂଦନ ମିଶ୍ର ଜନ୍ମ ଗ୍ରହଣ କରିଥିଲେ ।

GPNanda Colln., Digitized by srujanika@gmail.com

--ସଂକ୍ଷିପ୍ତ ଜୀବନ ଚରିତ--

—ବାଲ୍ୟାବସ୍ଥା—

ଜନ୍ମ ୧୨୭୫ ସାଲ ମୀନ ୨୦ ଦିନ—ଇଂରାଜୀ ୧୮୮୬ ମସିହା ଏପ୍ରିଲ ୪ ତାରିଖ। ବଂଶର ପ୍ରାପ୍ତି ବେଳେ ପ୍ରଥମ ପୁତ୍ର ସନ୍ତାନ ଜନ୍ମ ହେଲେ ଯେପରି ଆନନ୍ଦ ଉତ୍ସବ ହେବାର କଥା ତାହା ବର୍ଣ୍ଣନା କରିବା ନିଷ୍ପ୍ରୟୋଜନ। ବର୍ତ୍ତମାନ ଜନ୍ମ ନିୟନ୍ତ୍ରଣ ଯୁଗରେ ପାଠକେ ଶ୍ରୁତି କଟୁ ମନେ କରିବେ। ତେଣୁ କ୍ଷାନ୍ତ ରହିଲି। ସେ କାଳ ମତରେ ଯାହା ଦାନ ଧର୍ମ ପୂଜା ପାଠ ହେବାର କଥା ବୈଦିକ ମତରେ ସବୁ ହୋଇଛି।

ମତ୍ ପିତା ଆବାଲ୍ୟରୁ ବଳିଷ୍ଠ ପୁରୁଷ ଥିଲେ। ସେ ଉପଯୁକ୍ତ ପିତାର ଉପଯୁକ୍ତ ସନ୍ତାନ ଥିଲେ। (Like Father Like son)''କ୍ରମ ଅପକର୍ଷ ବାଦ ମତରେ (Gradual deterioration theory) ତାଙ୍କ ପିତାଙ୍କ ସଦୃଶ ଅସାଧାରଣ ବଳିଷ୍ଠ ନ ଥିଲେହେଁ ତାଙ୍କର ସମବୟସ୍କ ଲୋକଙ୍କ ମଧ୍ୟରେ ଏପରି ପେଶୀଯୁକ୍ତ ବଳିଷ୍ଠ ଶରୀର କାହାରି ନ ଥିଲା। ପରିଣତ ବୟସରେ ମଧ୍ୟ ହାତର ବାହା ଗୃଣ୍ଡେ (୧୬") ଓସାର ଥିଲା। ହାତର କଚଟିକୁ ଅନ୍ୟ କାହାର ରେକ ଧାଏନି। ପ୍ରାୟ ୪" ଓସାର ଥିଲା। ବିଶିଷ୍ଟ ବଳିଷ୍ଠ ବଳାଦର ଥିବାରୁ ଗାଁରେ "ଚୋଡ଼ା ମଧୁ" ବୋଲି ପରିଚିତ ଥିଲେ)। ମତ୍ ପିତା ସେତେବେଳର ଏକମାତ୍ର ପୁତ୍ର ସନ୍ତାନ ଥିବାହେତୁ ଲାଳନାତିଶଯ୍ୟରେ ବଢ଼ିଥିଲେ। ତେଣୁ ଅଷ୍ଟମ ବର୍ଷ ବୟସ ପର୍ଯ୍ୟନ୍ତ ଦୁଗ୍ଧ ଓ ଦୁଗ୍ଧ ଜାତ ଦ୍ରବ୍ୟ ବ୍ୟତୀତ ଅନ୍ନାହାର କରି ନ ଥିଲେ। ସ୍ଥାନୀୟ ଫଳ ମଧ୍ୟରେ କଦଳୀ ଓ ନଡ଼ିଆ ମଧ୍ୟ ପ୍ରଚୁର ଖାଉଥିଲେ।

GPNanda Colln., Digitized by srujanika@gmail.com

କାରଣ ଆଜ କାଲି ପରି ସେତେବେଳେ ରପ୍ତାନୀ ମୂଲ୍ୟ ନଥିଲା । ତେଣୁ ଯାହାର ଯାହା ଆମଦାନୀ ହେଉଥିଲା ତାହା ପ୍ରାୟ ସବୁ ଘରଘରେ ଲାଗୁଥିଲା ।

ମତ୍ ପିତା ବାଲ୍ୟକାଳରୁ ସେବା ପରାୟଣ ଥିଲେ । ତାଙ୍କର ପିତାମହ ମାନଗୋବିନ୍ଦ ମିଶ୍ରେ ଶେଷ କାଳକୁ ଚକ୍ଷୁ ହରାଇଥିଲେ । ଅନ୍ଧ ପିତାମହଙ୍କର ପ୍ରାୟ ସମସ୍ତ ସେବା ଦାୟିତ୍ୱ ବହନ କରୁଥିଲେ । ନିଜର ସାନ ଭଉଣୀ ଓ ଭାଇମାନଙ୍କୁ ଅତୀବ ସ୍ନେହ ଚକ୍ଷୁରେ ଦେଖୁଥିଲେ । ତେଣୁ କୁଟୁମ୍ବ ମଧ୍ୟରେ ସମସ୍ତଙ୍କର ଆଦରର ଧନ ଥିଲେ । ନବମ ବର୍ଷ ବୟଃକ୍ରମରେ ସହା-ସମାରୋହରେ ବ୍ରତୋପନୟନ ହୋଇଥିବାରୁ । ସେହି ଅବସରରେ ମଧ୍ୟ ତାଙ୍କର ବଡ଼ ଭଉଣୀ ବିମଳାର ଶୁଭପରିଣୟ ହୋଇଥିଲା । ଅତି ଗେହ୍ଲା ପୁଅ ଥିବାରୁ ପାଠ ପଢ଼ିବା ପାଇଁ କେହି ଯତ୍ନବାନ୍ ନ ଥିଲେ । ତେଣୁ ଗ୍ରାମ ଭର୍ଣ୍ଣାକୁଲାର ସ୍କୁଲରେ ଉଚ୍ଚ ପ୍ରାଥମିକ ପର୍ଯ୍ୟନ୍ତ ଶିକ୍ଷାପାଇ ଘରୋଇ ଭାବରେ ଅଳ୍ପ କିଛି ବ୍ରହ୍ମଣ୍ୟକର୍ମ ଶିକ୍ଷାକରିଥିଲେ । ତାଙ୍କ ଦ୍ୱାଦଶ ବର୍ଷ ବୟଃକ୍ରମ ଅବସ୍ଥାରେ କୁଟୁମ୍ବର ସମସ୍ତ ପ୍ରାଚୀନ ଲୋକ ମହାମାରୀ କରାଳ କବଳରେ ପତିତ ହେବାରୁ ଜୀବନର ଧାରା ପୂରା ପୁରି ଓଲଟି ପଡ଼ିଲା ।

—ପ୍ରାକ୍ ଯୌବନାବସ୍ଥା—

" ବୃଥା ବୃଷ୍ଟି ସମୁଦ୍ରେଷୁ ବୃଥା ତୃପ୍ତି ସୁଭୋଜନଂ
ବୃଥାଚ ଧନକେ ଦାନଂ ଦାରିଦ୍ର୍ୟେ ଯୌବନଂ ବୃଥା ।"

ନନାଙ୍କର ବାଲ୍ୟ ଜୀବନ ଯେପରି ସ୍ୱଚ୍ଛଳତାରେ ଉତ୍କର୍ଷତା ଲାଭ କରିଥିଲା କୈଶୋର ଓ ପ୍ରାକ୍ ଯୌବନାବସ୍ଥା ତାଠାରୁ

GPNanda Colln., Digitized by srujanika@gmail.com

ବହୁ ଗୁଣରେ ଦାରିଦ୍ର୍ୟର କଷାଘାତରେ ପ୍ରତାଡ଼ିତ ହୋଇଥିଲେ । ସେତେବେଳକୁ ତାଙ୍କୁ ମିଶାଇ ସେମାନେ ତିନିଭାଇ ଓ ପାଞ୍ଚ ଭଉଣୀ । ତାଙ୍କର ପିତା ଓ ପିତୃବ୍ୟ (ଲକ୍ଷ୍ମଣ ଓ ପଦ୍ମଲାଭ) ଦୁଇଦିନ ଅନ୍ତରରେ ମହାମାରୀର ଶିକାର ହେଲେ । ତାଙ୍କ ବୋଉ ଖଣ୍ଡୁ ଓ ପିଉସି ନାମୀ ଏହିପରି ତିନୋଟି ବିଧବା ସ୍ତ୍ରୀ ଲୋକ ଓ ଆଠଟି ନାବାଳକ ପିଲା ସର୍ବ ମୋଟ ୧୧ ଜଣରେ କୁଟୁମ୍ବ । ବିପଦ ଏକା ନଆସି ତାର ସାଙ୍ଗ ସାଙ୍ଗ ଧରି ଆସେ । ତେଣୁ କେବଳ ଜନ କ୍ଷୟରେ ସନ୍ତୁଷ୍ଟ ନ ହୋଇ ଧନ କ୍ଷୟର ଶୀର୍ଷ ସୀମାରେ ପହଞ୍ଚାଇଲା । ସମସ୍ତ ଜମିବାଡ଼ି, ଏପରିକି ବାସନ କୁସନ ପର୍ଯ୍ୟନ୍ତ ପୂର୍ବକୃତ କରଜ ବାବଦକୁ ନିଲାମରେ ଚାଲିଗଲା । ଅନ୍ନ କଷ୍ଟ ଚରମ ସୀମାରେ ପହଞ୍ଚିଲା । ତାଙ୍କ ବୋଉ ସେକାଳର ବୋହୂ । ଏପରିକି ବିଧବା ସମୟକୁ ଶେଷ ସନ୍ତାନ (ଦୁଃଖୀଜାନ) ପେଟରେ ୮।ଏ । ପୋଷଣ ବେଳକୁ ତିନି ଦିନରେ ଦିନେ ଧଳା ହୋଡ଼ାଣି ମିଳିବା କଷ୍ଟ-ପଥ୍ୟ କଥାତ ସ୍ୱପ୍ନ । ସେ କରୁଣ କାହାଣୀ ଅବର୍ଣ୍ଣନୀୟ । କାର୍ତ୍ତିକ ମାସରେ ପାଚି ଧାନ୍ୟାଗ୍ର ଅଳ୍ପବହୁ ତଳେ ଗାତ ଖୋଳି ଚୁଲ୍ହିରେ କଦଳୀ ପତ୍ର ପକାଇ ଭାଜି ଖାଏ । ଲଗ୍ଣିକ ଭାଇ, ଜ୍ଞାତି ଭଗାରି ହେବା ସ୍ୱଭାବିକ । ମାତ୍ର ଦୂରଛଡ଼ା ଜ୍ଞାତି ମଧ୍ୟରୁ ଶ୍ରୀଯୁକ୍ତ ନୀଳକଣ୍ଠ ମିଶ୍ର (ନନାଙ୍କର ଭଣ୍ଡ କହେଇ) ସାହା ଭରସା ହେଲେ । ଲୋକଲଜ୍ଜାକୁ ଦୂରରେ ଫିଙ୍ଗି ମା ତାଙ୍କ ଘରେ ଧାନକୁଟି ପାଞ୍ଚ ଅଉଟ କରି ଯାହା ଆଣେ ସେଥିରେ ଆଠଟି ପିଲାଙ୍କୁ ଧରି ଅତି କଷ୍ଟରେ କାଳ କାଟିବାକୁ ବାଧ୍ୟ ହେଲା । ଏପରିକି ତାଙ୍କ ଘରୁ ପେଜତକ ହାଲରେ ପୁରାଇ ଆଣି ପିଲାଙ୍କ ମୁହଁରେ ଦେଲା । ମନୁଷ୍ୟ ଅବସ୍ଥାର ଦାସ । ମା ଖାନ୍‌ଦାନ୍ ଘରର (ବୀରନରସିଂହପୁର ମହାପାତ୍ର ସାମନ୍ତ)

GPNanda Colln., Digitized by srujanika@gmail.com

ଝିଅ ଓ ୧୮ ରାତି ସମ୍ପତ୍ତିଶାଳୀ ଲୋକର ବୋଝ ହୋଇ ବଧି ବଣର ପର ଢ଼ିଙ୍କି ଚଢ଼ି, ପର ପେଟ ପୋଡ଼ାଣୀକୁ ଆଶ୍ରାକଲ । ଧନ୍ୟ ତାର ଧୈର୍ଯ୍ୟ । ଧନ୍ୟ ତାର ସନ୍ତାନ ବାତ୍ସଲ୍ୟତା ।

ଏତକରେ ବିପଦ ଯାଇନି । ସବୁ ପିଲେ ପ୍ରାୟ ଏକ ସମୟରେ ବସନ୍ତ ଠାକୁରାଣୀଙ୍କ କବଳରେ ପଡ଼ିଲେ । ସେତେ-ବେଳକୁ ଅବସ୍ଥା ଏପରି ଶୋଚନୀୟ ଯେ ପକାଇ ଶୁଆଇବା ପାଇଁ କନ୍ଥା ବା ଚିରିକନା ଖଣ୍ଡିଏ ଦୁର୍ଲଭ । ଚଟା ମୁନ୍ଦୁରାଟିଏ ସମ୍ବଳ ଥିଲା । ମାତ୍ର ସେଥ ନରମ ନ ହେବାରୁ ବସନ୍ତର ବିସ୍ଫୋଟକ ଫାଟି ଦେହ ରକ୍ତ ସ୍ନାନ ହୋଇଯାଏ । ଭଗବାନ୍ ବିପଦ ଦେଲେ ସହିବା ଶକ୍ତି ମଧ୍ୟ ଦିଅନ୍ତି । ଅଭାବରୁ ବୁଦ୍ଧି ବୃତ୍ତିର ଉଦ୍ଭାବନ ହୁଏ । ମା'ର ଅସୀମ ଧୈର୍ଯ୍ୟ । ସେ ପାଉଁଶ ଗୁଡ଼ାଏ ବିଛାଇ ତା ଉପରେ କଅଁଳ କଦଳୀ ପତ୍ର ପକାଇ ପିଲାଟିମାନଙ୍କୁ ଶୁଆଇଲା । ତନ୍ମଧ୍ୟରୁ ଗୋଟିଏ ପୁଅ (ମୋର ନନା) ଓ ତିନୋଟି ଝିଅ କୌଣସି ମତେ ନିସ୍ତୁଣ ହୋଇ ବଞ୍ଚିଗଲେ । ମାତ୍ର ମୃତ୍ୟୁର ବସନ୍ତ ଚିହ୍ନ ଚିରକାଳ ପାଇଁ ସେ ଦୁଃଖ ସ୍ମରଣ କରାଉଥାଏ । ସେହି ବସନ୍ତ ସମୟ ମଧ୍ୟରେ ଅନେକ ଅଲୌକିକ ଦର୍ଶନ ନନା କରିଥିଲେ ।

"ରଜପୁତ୍ର ଚିରଂଜୀବ ନ ଜୀବ ମୁନି ପୁତ୍ରକ,
ଜୀବ ବା ମର ବା ସାଧୋ ବ୍ୟାଧ ମା ଜୀବ ମା ମର ।"

ଯେଉଁ ଚାରିଗୋଟି ବଞ୍ଚିଗଲେ ସେମାନେ ବଞ୍ଚିବା ମଲାକି ସମାନ । ଶେଷକାଳ ପର୍ଯ୍ୟନ୍ତ ଦାରିଦ୍ର୍ୟର କଶାଘାତ ଓ କଠିନ

GPNanda Colln., Digitized by srujanika@gmail.com

ପରିଶ୍ରମ କରି ଜୀବନ୍ମୃତ ଅବସ୍ଥାରେ କାଳାତିପାତ କରିଛନ୍ତି । ଏହି ଅନନ୍ତ ଦୁଃଖ ବେଳର ବହୁ ଘଟଣା ମଧ୍ୟରୁ କେତୋଟି ଉଲ୍ଲେଖ ନ କଲେ ପ୍ରକୃତ ଅବସ୍ଥା ଉପଲବ୍ଧି କରି ହେବ ନାହିଁ ।

"ନ ନରସ୍ୟ ନରୋ ଦାସଃ କନ୍ତୁ ବତ୍ତସ୍ୟ ଭୂପତେ !
ଗୌରବଂ ଲଘବଂ ଚାପି ଧନା ଧନ ନିବନ୍ଧନଂ ॥"

ସାଧାରଣତଃ ତୁମ୍ଭ ପଞ୍ଚକୋଶୀ ବ୍ରାହ୍ମଣ ଶାସନରେ ସେ କାଳରେ ମାଂସ ଭକ୍ଷଣ ନିଷିଦ୍ଧ ଥିଲା । କେବଳ ଦେବୀ ପର୍ବରେ ପ୍ରସାଦ ରୂପେ ମାଂସ ବର୍ଷ ମଧ୍ୟରେ ସେଇ ଥରେ ଖାଆନ୍ତି । ତା ପୁଣି କେବଳ ପୁରୁଷ ଓ ବାଳକ ମଧ୍ୟରେ ସୀମିତ । କାରଣ ସେ ଯୁଗରେ ବାଳିକା ବା ସ୍ତ୍ରୀ ଲୋକମାନେ ଆଦୌ ମାଂସ ଭକ୍ଷଣ କରନ୍ତି ନାହିଁ । ସେ ପ୍ରସାଦୀ ମାଂସ ଟିକକ ପାଇଁ ସାଧାରଣତଃ ପୁରୁଷ ଲୋକେ ଗୃହିଁ ବସିଥାନ୍ତି । ମାଂସ ଭାଗ ମିଳିଲା । ନନା ଆଗ୍ରହରେ ମାଂସ ଘରକୁ ନେଲେ । ମାତ୍ର ମା'ର ମୁହଁ ଶୁଖି ଯାଉଥାଏ । ଚୂଲି ତ ନାହିଁ । ଖାଲି ମାଂସ ତୁଅ କିପରି ଖାଇବ ।

"ଅଭାବୀ ଘର ନ କରିବ ହରି !
ଅଭାବୀ ଲୋକ ସବୁଠି ବଇରୀ ।"

ମାଂସ ସିଝାଇ ପାରି ହେଲେ ତାହାକୁ ଉଧାର ମାଗିଲା ସବୁଆଡ଼ୁ ନିରାଶ ହେଲା । ଶ୍ରୀଜାଧରର କିଛି ଚଳେ ନାହିଁ । ଛୋଟ ମଲ୍ଲିଖ କାନ୍ଦିବାକୁ ମଧ୍ୟ ସାହସ ହେଲେ ନାହିଁ । "ଲିଖ ନ ଦେଇ ଥାଳ ଭାଙ୍ଗି ଦେଲ" ବୋଲି କେହି କେହି ତାଙ୍କୁ ହାତଧରି ତୋଳାକୁ ତାହାର କାଢ଼ିଦେଲେ । ମା କାନ୍ଦି କାନ୍ଦି ବାଣେଗୋବିନ୍ଦପୁର

GPNanda Colln., Digitized by srujanika@gmail.com

ଶାସନକୁ ଛାଡ଼ି ମାମୁଁ ଘରକୁ ଚାଲିଗଲେ । ଏଣେ ପିଲାଟିମାନେ ଏ ଅଞ୍ଚଳର ଲୋକ ସେ ଅଞ୍ଚଳରେ ପୁରାଇ ରହିଲେ । ମା ସେଠାରେ ପଡ଼ୋଶୀ ଦୁଃଖର କଥା କହି କାନ୍ଦିବାରୁ ଓ ପିଲାଙ୍କୁ ଛାଡ଼ି ଆସିଛୁ ବୋଲି ସମସ୍ତ ବ୍ୟତିକ୍ରମ ନକରି ସେମାନେ ଆବଶ୍ୟକ ପରିମାଣରୁ ଅଧିକ ଚାଉଳ ଦେଇ ବିଦାୟ ଦେଲେ । ଆସିଲା ବେଳକୁ ପିଲାଟି-ମାନେ କାତର ଓ ନିସ୍ତେଜ ହୋଇ ଗୋଟିଏ କଣରେ ଜାକି ଜୁକି ହୋଇ ବସିଥାନ୍ତି । ସାହା ଭରସା କିଏ ବା ଅଛି ? ବଡ଼ ପିଲାଟିମାନେ ସାନଟିମାନଙ୍କୁ ବୁଝାସୁଝା କରାଉଥାନ୍ତି । ମାତ୍ର ଅଳ୍ପ ସମୟ ପାଇଁ ମାତୃ ବିରହ ହେଲେ ମଧ୍ୟ ଅନ୍ତରରେ ଚୋଟ ଲାଗୁଥାଏ । ମା ସନ୍ଧ୍ୟା ବେଳକୁ ଆସି ପଡ଼ୋଶୀ ଗଳାରୁ ସମସ୍ତେ ଏକ ସ୍ୱରରେ କାନ୍ଦି ଉଠିଲେ । ପ୍ରତ୍ୟକ୍ଷଦର୍ଶୀ ବା ଅନୁଭବୀ ନହେଲେ ଏଦୁଃଖ ଦାୟକ ଘଟନା ହୃଦୟଙ୍ଗମ କରି-ପାରିବ ନାହିଁ । ପୁସ୍ତିକାର କଳେବର ବୃଦ୍ଧି ଆଶଙ୍କାରେ ଅନ୍ୟାନ୍ୟ ଘଟଣା ସବୁ ବର୍ଣ୍ଣନା କରିବାରୁ କ୍ଷାନ୍ତ ରହିଲି ।

"ବରଂ ବନଂ ବ୍ୟାଘ୍ର ଗଜାଦି ସେବିତଂ,
ଦ୍ରୁମାଳୟା ପକ୍ୱ ଫଳାମ୍ବୁ ଭକ୍ଷଣଂ ।
ତୃଣାନିଶଯ୍ୟା ପ୍ରତିଧେୟ ବଲ୍‌କଳଂ,
ନ ବନ୍ଧୁ ମଧ୍ୟେ ଧନ ହୀନ ଜୀବିତଂ ।"

ନନା ଦାରିଦ୍ର୍ୟର ପ୍ରକୋପ ସହି ନପାରି ବେଳେ ବେଳେ ମା'ର ଅଜାଣତରେ ପୁରୀ ସହରକୁ ଚାଲିଯାଆନ୍ତି । ୨।୩ ଦିନରେ ସାମାନ୍ୟ କେତୋଟି ଅଧଲା ବା ପାହୁଲା ମୁକ୍ତିମଣ୍ଡପରୁ ଓ ବ୍ରାହ୍ମଣ ଭୋଜନ ଦକ୍ଷିଣାରୁ ରୋଜଗାର କରି ଆଣନ୍ତି । ମାତ୍ର ମା'ଙ୍କ

GPNanda Colln., Digitized by srujanika@gmail.com

“ଏତେକାଇର ବାଳା ବଣି କେଶନ” ହୋଇଥିବାରୁ ସେ ପୁଅକୁ କୁଆଡ଼େ ଛାଡ଼ିବାକୁ ନାରାଜ । କଣ୍ଠ କଢେଇଙ୍କ ମଧ୍ୟସ୍ଥତାରେ ମା’ ବୁଝେଇ ଓ ନନା ପୁରୀକୁ ଯାଆନ୍ତି । ଥରେ ପୁରୀର ମୁକୁନ୍ଦ ଛନ୍ଦଧାରୀ ନନାଙ୍କର ସୌଷ୍ଠବାନ୍ୱିତ ଦେହଶ୍ରୀ ଦେଖି ବଙ୍ଗଳା ଯାଇ ଯାତ୍ରୀ ବ୍ୟବସାୟ କରିବାକୁ ପ୍ରବର୍ତ୍ତାଇଲେ ଓ ଶେଷରେ ନିଜେ ଆମ ଗାଁକୁ ଆସି ମା’କୁ ଓ ନନାଙ୍କ ମୁରବୀ କଣ୍ଠ କଢେଇ ଉଭୟଙ୍କୁ ବୁଝାଇ ସାଙ୍ଗରେ ବଙ୍ଗଳା ନେଇଗଲେ । ପ୍ରଥମଥର ନନା ଯାଇ ତିନି ମାସ ପରେ ଫେରିଲେ । ମା’ ସେକାଳ ପରବାସିଆ ଘର ବ୍ରତ ପାଳନକରି ତୁଳସୀମୂଳେ ଗୋବର ଦାଗଟିଏ ଲେଖାଏଁ କରି ବଳିତା ବସାଉଥାଏ । ପିଲାମାନେ ପ୍ରତିଦିନ ଦାଗଗୁଡ଼ିକ ଗଣି ପକାନ୍ତି ଭାଇନା ଯିବାର କେତେ ଦିନ ହେଲା । ଫେରିଲା ଦିନ ଘଟନା ମା ଯେପରି ବର୍ଣ୍ଣନା କରି କାନ୍ଦେ ମୁଁ ଭାଷାରେ ବ୍ୟକ୍ତକରି ଲେଖିବାକୁ ଅକ୍ଷମ । ଅନ୍ତରର ଭାବ ଭାଷାରେ ଫୁଟି ପାରେନା । ସେଦିନ ନିଜନପଲ୍ଲୀରେ ଆକାଶ ପୃଥିବୀ ଏକ ହୋଇଗଲା ।

ଯାହାହେଉ ପ୍ରଥମଥର ନନା ଖଣ୍ଡିଏ କମ୍ବଳ ଓ ୫୨୦୯ କୋଡ଼ିଏଟି ଟଙ୍କା ଆଣିଥିଲେ । ସେ କୋଡ଼ିକ ରୂପାଟଙ୍କା ମା ଦୃଷ୍ଟିଶକ୍ତି ନ ହରାଇବାଯାଏଁ ଗୋଟିଏ ଝାଇଁପି ପେଡ଼ିରେ ରଖିଥିଲା । ଏଥର ମା’ର ହୃଦ୍‌ବୋଧ ହେଲା ଯେ ତା ପୁଅକୁ ଭଗବାନ୍ ଆୟୁଷ ଦେଇଥିଲେ ତାର ଦୁଃଖ ପାଣିପରି ଗଳିଯିବ । ଦିନେ ସେ ଏ ସମସ୍ତ ଦୁଃଖକୁ ଦା, ଫୋଟକାକୁ ଭୁଲିଲାପରି ଏକାବେଳକେ ଭୁଲିଯିବ । ଭବିଷ୍ୟତରେ ତାହାହିଁ ହେଲା । ଯେଉଁ ମା ସପ୍ତାହରେ ୩।୪ ଦିନ ଖାଡ଼ା ଉପବାସରେ କଟାଉଥିଲା ତାର ଶୁଦ୍ଧଘରକୁ ପଞ୍ଚଶତାଧିକ ଲୋକ ଶ୍ରୀ ମହାପ୍ରସାଦ ଭୋଜନ

GPNanda Colln., Digitized by srujanika@gmail.com

କରିଥିଲେ । ବଡ଼ବଡ଼କର୍ମ୍ମାଙ୍କର ବଡ଼ବଡ଼ଲୀଳାର ମର୍ମ ସେଇ ଏକା ବୁଝନ୍ତି । କ୍ରମେ କ୍ରମେ ନନାଙ୍କ ଅବସ୍ଥାର ଉନ୍ନତି ହେଲା । ନନା ଗାଁର ୫ଜଣଙ୍କ ମଧ୍ୟରେ ଜଣେ ହୋଇ ଗଣା ହେଲେ । ଏ ପର୍ଯ୍ୟନ୍ତ ନଗନ୍ୟ ଅବସ୍ଥାରେ କାଳାତିପାତ କରୁଥିଲେ ।

—ପୂର୍ଣ୍ଣ ଯୌବନାବସ୍ଥା—

ପ୍ରଥମ ଯୌବନ ଦାରିଦ୍ର୍ୟଗ୍ରସ୍ତ ହେଲେହେଁ ପୂର୍ଣ୍ଣ ଯୌବନାବସ୍ଥା ସ୍ୱଚ୍ଛଳ ଥିଲା । ନନା ଯାତ୍ରୀ ବ୍ୟବସାୟରେ ଜୁଟି ବସିଲେ । ମାତ୍ର କୁଳୋଚିତ ଆଦର୍ଶ ରକ୍ଷାକରିବାରେ ସମସ୍ତ ଅର୍ଥ ବ୍ୟୟ ହେଲା । ସାଧାରଣ କ୍ଷେତ୍ରରେ ଏପରି ଅବସ୍ଥାରେ ଲୋକ ସ୍ୱାର୍ଥବୁଦ୍ଧି ସମ୍ପନ୍ନ ଓ ଅର୍ଥଗୃଧ୍ନୁ ହେବାର ଦେଖାଯାଏ । ମାତ୍ର ନନା କୌଣସି ସ୍ୱାର୍ଥ ଲାଳସା ନରଖି ଅକୁଣ୍ଠ ଚିତ୍ତରେ ଅର୍ଥ ବ୍ୟୟ କରି କୁଳପରମ୍ପରା ଓ ସାମାଜିକ ସମ୍ମାନ ରକ୍ଷାକରି ଚାଲିଲେ । ଏ ମଧ୍ୟରେ ଭଉଣୀଝିମାନଙ୍କୁ ଯଥା ସମ୍ଭବ ପରଘୋଷୀ କରାଇବା ଓ ପତନୋନ୍ମୁଖ ଗୋଲକ ପାଣିପାଟିଆ ଘରକୁ ପୁନଃରୁଦ୍ଧାର କରିବାକୁ ଚେଷ୍ଟା କଲେ ।

ଏହି ସମୟର ଗୋଟିଏ ଘଟଣା ଉଲ୍ଲେଖଯୋଗ୍ୟ । ପ୍ରାୟ ୧୩୨୧ ସାଲ (୧୯୧୩) ଘଟଣା । କାଲ ମହର୍ଘ ପଡ଼ିଥାଏ । ପଇସା ଥାଇ ମଧ୍ୟ ଗାଁ ଗାଁରେ ଲୋକେ ଧାନ ଚାଉଳ ନପାଇ ଉପବାସ ରହୁଥାନ୍ତି । ନନା ଦୃଢ ପ୍ରତିଜ୍ଞାକଲେ ଯେ ୪ମାସ ପାଇଁ ଧାନ ଚାଉଳ ସଂଗ୍ରହ ନକରି ପାରିଲେ ସ୍ନାନ ପାନାହାର କରିବେ ନାହିଁ । ତଳଘାଟି ଅଞ୍ଚଳର ଛୋଟଗାଁକୁ ଗଲେ । କୌଣସି ଗୋଟିଏ ଗାଁର ଜଣେ ବୃଦ୍ଧ କୃଷୀ ନନାଙ୍କ ଲେଲୋପଦ୍ମ ଚେହେରା ଦେଖି ତାଙ୍କ

GPNanda Colln., Digitized by srujanika@gmail.com

କଥା ଗୁଷ୍ଟା କଲ । ନନାଙ୍କର ଦୁର୍ଦ୍ଦଶା କଥା ଶୁଣି ମୁଣ୍ଡ ଚାଡ଼େଇ ଛାଡ଼ିଲ । ସେ ତାର ଯୌବନ କାଳରେ ଆମଘରେ ଗୃହକର୍ମ କରିଥିଲ । କହିଲ, "ଜଗନ୍ନାଥ ମିଶ୍ରଙ୍କ ନାତି ମୋ ଆଖି ଆଗରେ ଗୃହଜଳ କିଣିବ ପୁଣି ନିଜେ ମୁଣ୍ଡାଇ କରିଯିବ ଏହା ମୁଁ କଦାପି ବରଦାସ୍ତ କରିବ ନାହିଁ । ଯାହାଙ୍କ ଅଇଁଠା ଚୋଡାଣୀ ଖାଇ ମୋର ଏ ଶରୀର ୯କୋଡ଼ ବର୍ଷ ଯାଏ ମୁହୂର୍ତ୍ତ ତାଙ୍କ ନାତିକୁ ଅନ୍ନ କଷ୍ଟ ?" ନନାଙ୍କୁ ବହୁ ଅନୁନୟ କରି ସ୍ନାନ ଓ ପାନାହାର କରାଇ ଝିଅ ସାହାଯ୍ୟରେ ଗୃହଜଳ ପଠାଇ ଦେଇ ପରେ ଶଗଡ଼ରେ ଧାନ ପଠାଇଦେଲ । ମା' କହେ ତାର ନାମ "ହଟିଆ ଚମ୍ପା" । ଆମ୍ଭେମାନେ ଖାଇବାରେ ଢେଞ୍ଚ କଲେ ମା' ତାଙ୍କ ଜଳଖିଆ ଦିଏ ।

"ଉତ୍ଥାୟ ହୃଦି ଲୀୟନ୍ତେ ଦରିଦ୍ରାଣାଂ ମନୋରଥାଃ"

ସେ କାଳରେ ଗ୍ରାମମାନଙ୍କରେ ବୟସ୍କ ଲୋକେ ବଡ଼ ସହାନୁଭୂତିଶୀଳ ଓ ସହୃଦୟ ଥିଲେ । ନନାଙ୍କର ଆର୍ଥିକ ଦୁର୍ଗତି ହେବାରୁ ଘର ତୋଳିବାପାଇଁ ପ୍ରଥମେ ୫୧୦୦୯ର ପଥର ଖୁଣ୍ଟି କିଣି ପକାଇଲେ । ଗ୍ରାମର ଶ୍ରୀଯୁକ୍ତ ନିଧି ମିଶ୍ର (କାଳନିଧି) ନାମକ ଜଣେ ସ୍ପଷ୍ଟବାଦୀ, ପରୋପକାରୀ ଓ ବୟୋଜ୍ୟେଷ୍ଠ ଲୋକ ପଥରଖୁଣ୍ଟି ବିକ୍ରୀକରାଇ ଧାନ ଜମି କିଣାଇ ଦେଇଥିଲେ । ନନାଙ୍କର ଶୋକା ବୟସର ତୋକାମିକୁ ସେ ମହାଶୟ ପ୍ରମାଣ କରିଦେଇଥିଲେ । ଯେହେତୁ ନଡ଼ା ଅଭାବରୁ ଛପର ନ ହୋଇ ପାରି ଗୋଲକ ପାଣିପାଚିଆ ଘର ଭଙ୍ଗିଯାଉଛି ସେଇ ନଡ଼ା ଅଭାବକୁ ସର୍ବ ପ୍ରଥମେ ପୂରଣ କରିବା ଉଚିତ୍ । "ଗୃହଜଳ କିଣି ଭାତ ଖାଇ ନଡ଼ା କିଣି ଘର ଛପର କରିବାର ସାମର୍ଥ୍ୟ ଶରୀର କାଳ

GPNanda Colln., Digitized by srujanika@gmail.com

ରହେନ'' ଏହି ସଦୁପଦେଶ ନନା ତାଙ୍କଠାରୁ ଗ୍ରହଣକରି ନିଜର ମୃତ୍ୟୁ ପର୍ଯ୍ୟନ୍ତ ବରାବର ନିଧି ମିଶ୍ରଙ୍କଠାରେ କୃତଜ୍ଞ ଥିଲେ । ତାରି ଫଳରେ ଆମ୍ଭେମାନେ ଏ ପର୍ଯ୍ୟନ୍ତ ଅନଟନରେ ପଡ଼ିନାହୁଁ ।

ନନା ସଞ୍ଚୟଶୀଳତାକୁ ପସନ୍ଦ କରୁ ନ ଥିଲେ । ସେ ଯଦି କେବଳ ଅର୍ଥଗୃଧ୍ନୁ ହୋଇ ସଞ୍ଚୟ କରିଥାନ୍ତେ ତେବେ ଜଣେ ଧନାଢ୍ୟ ଲୋକହୋଇ ଅନ୍ୟ କ୍ଷେତ୍ରରେ ଘୃଣାର ପାତ୍ର ହୋଇ ଥାନ୍ତେ । ମାତ୍ର ସେ ଅର୍ଥାଭିଳାଷୀ ନ ହୋଇ ଦ୍ରବ୍ୟାଭିଳାଷୀ ଥିଲେ । ନିଜେ, ପିଲେ ଓ ବନ୍ଧୁବାନ୍ଧବ ପର୍ଯ୍ୟନ୍ତ କେହି ଯେପରି କୌଣସି ଅସୁବିଧାରେ ନ ପଡ଼ନ୍ତି ସେହି ଦୃଷ୍ଟିରୁ ନିର୍ଲୋଭରେ ଅର୍ଥବ୍ୟୟକରି ସମସ୍ତ ଘର ସରଞ୍ଜାମ କଲେ । ବର୍ତ୍ତମାନ ତାଙ୍କ ସୁକୃତରୁ ପରିବାର ବଢ଼ି ଶତ ଚତୁର୍ଥାଂଶ ହେଲେ ମଧ୍ୟ ଆମ୍ଭେମାନେ ବାସନ କୁସନ ଓ ଘର ସରଞ୍ଜାମର ଅଭାବ ବୋଧ କରୁନାହୁଁ । ତାଙ୍କର ଦୂର ଦୃଷ୍ଟିତାକୁ ମର୍ମେ ମର୍ମେ ଅନୁଭବ କରି କୃତଜ୍ଞତାର ନିଦର୍ଶନ ସ୍ୱରୂପ ଲୋତକ ବିସର୍ଜନ କରିବାକୁ ପଡ଼େ ।

ନନା ଏ ମଧ୍ୟରେ ମାର୍ଜୀ ବ୍ୟବସାୟ ସାଙ୍ଗକୁ କୃଷି ଆରମ୍ଭ କଲେ । ମାତ୍ର ନିଜର ସ୍ୱଳ୍ପ ଜମିଥିବାରୁ ଭାଗ କୃଷି କରୁ ମଧ୍ୟ ଥିଲେ । ସେଥିରେ ମନଃପୂତ ନ ହେବାରୁ ନିଜ ଚେଷ୍ଟାରେ ହଳେ ବଳଦରେ ଯେତିକ ଜମିକୃଷି ହୋଇ ପାରିବ ସେତିକ ଜମି ଖର୍ଦ୍ଦି କରି ସନ୍ତୁଷ୍ଟ ରହିଲେ । ନିଜେ ଅଧ୍ୟବସାୟୀ ଥିବାରୁ ବାଡ଼ିବଗିଚ୍ଚ ଓ ବଳଦା ଉପରି ଉନ୍ନତି ବିଧାନ କରିବାରେ ଯତ୍ନବାନ୍ ହେଲେ । ଏ ସବୁ ନିଜର ଶାରୀରିକ ପରିଶ୍ରମ ଉପରେ ପ୍ରାୟ ନିର୍ଭର କରୁଥିଲା । ସେ କେବେ ହେଲେ ପରମୁଖାପେକ୍ଷୀ ବା ପର ନିର୍ଭରଶୀଳ ନହୋଇ ସର୍ବଦା ଆତ୍ମନିର୍ଭରଶୀଳ ଥିଲେ ।

GPNanda Colln., Digitized by srujanika@gmail.com

ମା'କୁ ଆଉ ପର ଡିଙ୍ଗି ଚଢ଼ିବାକୁ ପଡ଼ିଲାନି କିମ୍ବା ଗିନା ଖଣ୍ଡି ଛଅ ଅଣା ପଇସାରେ ବନ୍ଧାପକାଇ ଝିଅକୁ ମାଗା ମଙ୍ଗଳକୁ ଛାଡ଼ିବା ଦରକାର ପଡ଼ିଲାନି । ଏବେ ସେ ବୋହୂଟିଏ ଖୋଜିବା ପାଇଁ ଦଅଁଙ୍କୁ ଜଣାଉଛି ।

—ବିବାହ—

"ନିର୍ବାଣ ଦୀପେ କିମୁ ତୈଳଦାନଂ
ଚୌରଂ ଗତେ ବା କିମୁ ସାବଧାନଂ
ପୟୋଗତେ କିଂ ଖଳୁ ସେତୁ ବନ୍ଧ
ବୟୋଗତେ କିଂ ବନିତା ବିଳାସ ।"

ବୟସ ଗଡ଼ିଯିବା ଭୟରେ ମା ଅତି ଆକୁଳ ହେଲା । ଏଣେ ନିର୍ଧନ, ପୁଣି ଷଣ୍ଢମାଇପର ପୁଅ । ହେଲେହେଁ ମା' ଘା ଚେଷ୍ଟାରେ ଥାଏ । ସେ ସମୟରେ ବ୍ରାହ୍ମଣ ଘରେ ବାଲ୍ୟବିବାହ ପ୍ରଚଳନ କଡ଼ାକଡ଼ି ଥିଲା । ପ୍ରାୟ ୭ରୁ ଆଠବର୍ଷ ମଧ୍ୟରେ ଝିଅ ୧୦ରୁ ବାର ବର୍ଷ ମଧ୍ୟରେ ପୁଅ ବିବାହ କରୁଥିଲେ । ଯାହା ଅଭାବଗ୍ରସ୍ତ ପୁଅ କ୍ୱଚିତ୍ କୋଡ଼ିଏ ବର୍ଷ ଡେଇଁ ଯାଉଥିଲା । ଅତିରିକ୍ତ ଅଭାବ ଗ୍ରସ୍ତ ନହେଲେ ଏପରି ଅବସ୍ଥା ଉପୁଜେ ନାହିଁ । ସେହି ପରିସ୍ଥିତିରେ ପଣ୍ଡ଼ ନନା ପ୍ରାୟ ୨୫ ବର୍ଷ ବୟସ ପର୍ଯ୍ୟନ୍ତ ବିବାହ କରି ନଥିଲେ ।

ବହୁତ ଖୋଜା ଲୋଡ଼ା, ଭଙ୍ଗାରୁଜା ପରେ ସର୍ବଶେଷରେ ଉଦୟମୁଖୀ ବୀରରାମଚନ୍ଦ୍ରପୁର ଶାସନ ନିବାସୀ ଅତ୍ରେୟ ଗୋତ୍ରଜ ଶ୍ରୀଯୁକ୍ତ ବାସୁଦେବ ରଥେ କନ୍ୟା ସମ୍ପ୍ରଦାନର ପ୍ରତିଶ୍ରୁତି ଦେଲେ । ଯଥାବିଧି ବିଭାଘର ହେଲା ।

GPNanda Colln., Digitized by srujanika@gmail.com

ବୋହୂର ନାମ ବାପ ଘରେ ଥିଲା 'ହ୍ରାସ' । କିନ୍ତୁ ଶାଶୁ ଦେଇଥିଲା "ଲକ୍ଷ୍ମୀ" । ମରିବାଯାଏଁ ଘାରି ହେଉଥାଏ "ମୋ ବୋହୂର ନାଁ ଲକ୍ଷ୍ମୀ ଦେଇଥିଲି, ସେ ପାଦ ଦେଲାରୁ ମୋ ଘରେ ଲକ୍ଷ୍ମୀ ମାଡ଼ି ଯାଇଥିଲେ, ସେ ଚାଲି ଯିବାରୁ ତା ସଙ୍ଗେ ସଙ୍ଗେ ଚାଲିଗଲେ ।" ପ୍ରକୃତରେ ବିବାହ ପରେ ନନା ସମସ୍ତ ଉନ୍ନତି ମୂଳକ କାର୍ଯ୍ୟ କରିଛନ୍ତି । ଅବସ୍ଥା ସ୍ୱଚ୍ଛଳ ହେବାରୁ ଭଉଣୀମାନେ ନିଜ ନିଜର ପିଲାମାନଙ୍କୁ ଧରି ଏଠାରେ ଥାନ୍ତି । ତେଣୁ ଘର ସବୁବେଳେ ଗହଳ ଥିଲା । ନନା ଏହି ବାଳରୂପୀ ନାରାୟଣ ମେଳରେ ଅପାର ଆନନ୍ଦରେ ଥାଆନ୍ତି । ତେଣୁ ଅର୍ଥ ଚିନ୍ତା ନ ଥାଏ । ସେ କାଳ ରୀତିରେ ଭଣଜାମାନେ ସାବାଳକ ହେବାଯାଏଁ ମାମୁଁ ଘରେ ରହିବା ବଂଶଗତ ପରମ୍ପରା ଥିଲା । ଏପରି କି ମୁଁ ବଡ଼ହିଏ ହେବାଯାଏଁ ମୋତେ ନଚିହ୍ନିଥିବା ଲୋକେ "ମାମୁଁ ଅଛନ୍ତି କି" ବୋଲି ପଚାରନ୍ତି । ମୁଁ ଭଣଜା ନୁହେଁ ପୁଅ ବୋଲି ନିଜକୁ ପରିଚୟ ଦିଏ ।

ନନାଙ୍କୁ ପ୍ରାୟ ୩୦ ବର୍ଷ ବୟସରେ ଦୁର୍ଘଟଣା ହେଲା । ୩୪ ବର୍ଷଠାରେ କନ୍ୟା ସନ୍ତାନ "ହ୍ରାସ" ଜନ୍ମିଥିଲା । ମାତ୍ର ବଞ୍ଚି ନ ଥିଲା । ନନାଙ୍କୁ ୩୬ ବର୍ଷଠାରେ ପ୍ରଥମ ପୁତ୍ର ସନ୍ତାନ (ଲେଖକ) ଜନ୍ମ ହେଲା । ସେ ଦିନ ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀ ଓ ଶେଷ ସୋମବାର ଥିବାରୁ ପୁରୀ ସହରର ବାଲି ଲୋକନାଥଙ୍କଠାରେ ବିଶେଷ ଉତ୍ସବ ହୁଏ (ସରନ୍ତି ସୋମବାର ମହାମେଳା) । ସେହି ହେତୁରୁ ପୁତ୍ରର ନାମ 'ଲୋକନାଥ' ରଖିଥିଲେ । ନନାଙ୍କୁ ୩୮ ବର୍ଷ ବୟଃକ୍ରମରେ ଦ୍ୱିତୀୟ ପୁତ୍ର 'ହରି' ଜନ୍ମହେଲା ।

ମୋର ତଳେ ସ୍ରଇହିଏ ହେବାରୁ ମା ମୋତେ ଗର୍ଣ୍ଣିଧନ କରିଥାଏ । ତେଣୁ ବୋଉ ସମ୍ବନ୍ଧରେ କୌଣସି କଥା ମୋର

GPNanda Colln., Digitized by srujanika@gmail.com

ମନେ ନାହିଁ । ନିମ୍ନଲିଖିତ ଘଟଣାରେ ଅସ୍ପଷ୍ଟ ମନେ ଅଛି । ଥରେ ବୋଉ ହାତରୁ ଖଇ ଖୋଉଥିଲି । ଆଉ ଥରେ ମୋତେ ଡରାଉଥିଲେ । ଥରେ ଝାଡ଼ାବସି କାନ୍ଦୁଥାଏ । ଶେଷଥର ମୋତେ ଭାତ ଖୁଆଇଲାବେଳେ କାନ୍ଦିଲି ।

ଅପ୍ରତ୍ୟାଶିତ ସ୍ତ୍ରୀ ବିୟୋଗ

ମୋର ପିଲାଟି ମାତ୍ର ୬ ମାସର ହୋଇଥାଏ । ଭାଦ୍ରବମାସ ଶୁକ୍ଳପକ୍ଷ ଅଷ୍ଟମୀ (ଶ୍ରୀ ରାଧାଷ୍ଟମୀ) ରାତିରେ ବୋଉର ଶବ ପାଣି-ଗଡ଼ିଆରୁ ମିଳିଲା । ଦୀପଟିଏ ଗଡ଼ିଆ କୂଳରେ ଜଳୁଥାଏ । ଏହା ଆତ୍ମହତ୍ୟା ବୋଲି ଲୋକେ ସନ୍ଦେହ କଲେ । ସେ କାଳରେ ବୋହୂମାନେ ଆତ୍ମହତ୍ୟା କରିବା ସର୍ବସାଧାରଣ ଘଟଣା ହୋଇଥିଲା । ଶୌଚ କରିବା ଅବସ୍ଥାରେ ଗୋଡ଼ ଖସିଯିବା ମଧ୍ୟ ସନ୍ଦେହ କରାଗଲା । ବର୍ତ୍ତମାନକୁ ହିସାବ କଲେ ୮୫ ବର୍ଷ ତଳର ଘଟଣା । ଏତିକି ମନେ ଅଛି ପୁଲିସ୍ ଆସିଥାଏ । ମା' ବାହିଆଡ଼ ଦାଣ୍ଡର ସାହି ଆଡ଼ୁ ବୋବାଳି ଘୁଡ଼ି ଆସୁଥାଏ । ନନା ଉପର ଘର ଅଗଣାରେ ମୁଣ୍ଡପୋତି ବସିଥିଲେ । ମୁଁ ପିଠିରେ ଲଦି ହୋଇ କଣ ପଚାରିଲାରୁ ସେ କହି କାନ୍ଦି ଉଠିଲେ । ତା ପରେ ଦଶାହ ଦିନ ମୁଁ ନୂଆଲୁଗା ପିନ୍ଧି ଖୁସିରେ ଆସି ମା'ଠାରେ କାଖ ହୋଇଥାଏ । ଜେଜେଇ (ଗୋବିନ୍ଦ ମିଶ୍ରେ) କିଏ ଧରିଥାନ୍ତି ।

ସାନପୁଅ ହରିକୁ ଆଣି ନେଇ ତା ଗାଁର ଗୋଟିଏ ବାଉରୁଣୀଠାରୁ ସ୍ତନଦୁଗ୍ଧ ପାନ କରାଇ ରଖିଥିଲା । ମାତ୍ର ସେ ଆଉ ଦିନେ ଘରେ କାନ୍ଦ ବୋବାଳି ପକାଇ ବୋଉ କୋଳକୁ

୫

GPNanda Colln., Digitized by srujanika@gmail.com

ଚାଲିଗଲା । ମୁଁ ଏକମାତ୍ର ସନ୍ତାନ ଥିବାରୁ ଓ କାଳେ ମୋତେ ବୋଉ ଆଉ ପୁରକୁ ନେଇଯିବ ଏଇ ଭୟରେ ମା ମୋତେ କେବେ ହେଲେ କଡ଼ଛଡ଼ା କରି ନଥାଏ । ରାତିରେ ମୋତେ କୋଳରେ ଜାକି ଶୁଏ । ଦିନରେ ପ୍ରାୟ କାଖ କରି, କାନ୍ଧ କରି ସବୁ କାମ କରେ । ରାତିରେ ଏମିତି ହୁଏ ଯେ ନନା ମୋତେ ଧରିଲେ ମା ଚିଠା କରିଦି, ପୂଜା ବାଢ଼େ । ପୁଣି ମା ଧରିଲେ ନନା ପୂଜା କରିସାରି ଖାଇ ବସନ୍ତି । ଦୋଅଡ଼ ଭାତ ତିଅଣ ଠାଆ ପାଖରେ ରଖାଯାଇ ଥାଏ । ପୁଣି ନନା ଧରି ପାନ ସଜାଡ଼ନ୍ତି । ଏ ସମୟରେ ମା ଖାଇ ଅନ୍ୟାନ୍ୟ କାମ ସାରେ । ଅବଶ୍ୟ ଅଧିକାଂଶ ସମୟରେ ପିଉସୀ ନାନୀମାନେ ସାହାଯ୍ୟ କରନ୍ତି ।

ମା' ସମୟେ ୨ ଖୁବ୍ ବାହୁନା ପକାଇ କାନ୍ଦେ । ସେ କାନ୍ଦ ଘଣ୍ଟା ଘଣ୍ଟା ଧରି ଲାଗି ରହେ । ସାଇପଡ଼ିଶା ଘରେ ଜମା ହୁଅନ୍ତି । ଯେତେ ବୁଝାଇଲେ ବି ବୁଝେନି । ମୋତେ କୋଳରେ ଜାକିଧରି ଥାଏ । ନନା ପୁନର୍ବିବାହ ନ କରିବା ପାଇଁ ମନସ୍ଥ କରିଥିଲେ । ମା'କୁ ସେତେବେଳକୁ ୭୦ ବର୍ଷ ପାଖ ଧରିଥିବ । ମୁଁ ବରାବର ନନାଙ୍କୁ ପ୍ରଶ୍ନ କରେ ତୁମେ ବୋଉ ବୋଲି ଡାକୁଛ, ମୁଁ କାହାକୁ ବୋଉ ବୋଲି ଡାକିବି । ସନ୍ତାନ ବାତ୍ସଲ୍ୟତାର ଚୂଡ଼ାନ୍ତ ପ୍ରମାଣ ଦେଇ ନନା ନିଜ ବୋଉକୁ 'ମା' ବୋଲି ଡାକିଲେ ଓ ପିଉସୀମାନେ ମଧ୍ୟ ଡାକିଲେ । ଏହା ଗୋଟିଏ ଅଭୂତପୂର୍ବ ଘଟଣା । ମୋର ପୁଣି ବୋଉ ନ ଆସିବା ଯାଏଁ ଏପରି ଚାଲିଲା । ମୋ ବୋଉର ପ୍ରେତ ଆମ ଘରେ ବୁଲୁଛି, ମୋତେ କାଳେ ନେଇଯିବ ଏହି ଭୟରେ ମୋ ଦେହରେ ନାନାପ୍ରକାର ଡେଉଁରିଆ, ତାବିଜ, ଲୁହାଖଡୁ, ନାକ କାନ ଫୋଡ଼ା ଇତ୍ୟାଦି

GPNanda Colln., Digitized by srujanika@gmail.com

ହୋଇଥାଏ । ବୟସ୍କ ଲୋକେ ପ୍ରସ୍ତାବ ଦେଲେ ଯେ ଆଜ ଗୋଟିଏ ବୋହୂ ନ ଆସିଲେ ପ୍ରେତ ନିବୃତ୍ତ ହେବନି । ତେଣୁ ଦ୍ୱିତୀୟ ବିବାହ ଥୟ ହେଲା ।

ବୀର ପୁରୁଷୋତ୍ତମପୁର ଶାସନର ପ୍ରଥମଶ୍ରେଣି ନିବାସୀ ମାଧବ ମିଶ୍ରଙ୍କ କନ୍ୟା ପାତ୍ରୀ ସ୍ଥିର ହେଲା । ନିର୍ଆଡ଼ମ୍ବର ବିବାହ ହେଲା । ମା ଦେଇଥିଲା ବୋହୂର ନାମ 'ଉଜ୍ଜ୍ୱଳ' । ପ୍ରକୃତରେ ଏ ବୋଉଟିର ଚେହେରା ଅତି ଉଜ୍ଜ୍ୱଳ ଥାଏ । ସେତେବେଳକୁ ବୋଉକୁ ମାତ୍ର ୧୧ ବର୍ଷ । ମୋତେ ୩ ବର୍ଷ । ନୂଆ ବୋହୂ ଦେଖି ଆସନ୍ତି ମୁଁ ତାଙ୍କୁ ଦେଖିବାକୁ ଛାଡ଼େନି । କାଳେ ସେମାନେ ମୋର ସୁନ୍ଦରିଆ ବୋଉଟିକୁ ନେଇଯିବେ ଏଇ ଭୟରେ ମୁଁ ଦୁଆର ଆଗୁଳି ଠିଆ ହୁଏ ।

ବିବାହ ଦିନର ମର୍ମସ୍ପର୍ଶୀ ଘଟଣାଟି ମନେ ଅଛି । ସାବତ ପୁଅ ବେଦୀ ମୁହଁ ଚାହିଁବା ନିଷେଧ ଥାଏ । ମୋତେ ସେଥି କାରଣରୁ ଖେଳ ସାଙ୍ଗ ଓ ଭଲ ଖାଇବା ଜିନିଷ ଦେଇ ଭୁଲାଇ ରଖାଯାଇ ଥାଏ । ମାତ୍ର ସେଇ କେତେ ଘଣ୍ଟା ପାଇଁ ମୋର ଅଦର୍ଶନରେ ବ୍ୟଥିତ ହୋଇ ନନା ବେଦୀ ଉପରେ କାନ୍ଦିଲେ । ସବୁ ବିଧି ନିଷେଧ ପସର ଫାଟିଗଲା । ନନା ମୋତେ କୋଡ଼ରେ ପୂରାଇ ପୁଣି କାନ୍ଦିଲେ । ତା ପରେ ବିବାହ କାର୍ଯ୍ୟ ଚାଲିଲା ।

ମୋତେ ବୋଉ ଏପରି ଅମୃଚ୍ଛୁକ ଲାଗିଲା ଯେ ସେ ହଗିଗଲେ, ଗାଧୋଇ ଗଲେ ମଧ୍ୟ ମୁଁ ସାଙ୍ଗରେ ଯାଏ । ମା ବୋଉକୁ ତାଗିଦ କହିଲେ, ମୁଁ ମା'କୁ ମାରେ । ବୋଉ ଅଝିଟିବାରୁ ମା ମୋତେ

GPNanda Colln., Digitized by srujanika@gmail.com

ଘୃତ ନଖୁଆଇ ବୋଉ ଖୁଆଇ ଦେଉ । କଏ ଖୋଇ ନଦେଲେ ମୁଁ ଖାଇପାରେନ । ଏହି ମନ୍ଦ ଅଭ୍ୟାସ ମୋର୍ ୧୫ ବର୍ଷ ବୟସ ଯାଏଁ ଥାଏ । ଏପରିକି ହାଇସ୍କୁଲରେ ପଢ଼ିଲାବେଳେ ମଧ୍ୟ ସ୍କୁଲବେଳ ହୋଇଯିବ, ଖାଇପାରିବିନି କହି କାନ୍ଦେ । ମାତ୍ର ବୋଉ ସକାଳ କାଞ୍ଜି ଟିକେ ପକାଇ ମୋତେ ଖୁଆଇ ଦିଏ । ସେତେବେଳକୁ ବୋଉର ଦୁଇତିନୋଟି ପିଲାପିଲା ହୋଇଥାନ୍ତି । ପିଲାଦିନେ ଥରେ ମୁଁ ଦେଖିଲି ମୋର ସାନ ଶ୍ରୀଧରକୁ ତା ବୋଉ କାଖେକରି ଧାନ କୁଟୁଛି । ମୁଁ ମୋର ଜିଦ୍ ଧରିଲି । ବୋଉ ସେତେବେଳକୁ ପିଲା ହେବାରୁ ଢେଙ୍କି ଧାନ କୁଟୁଥାଏ । ବୋଉ କାଖେଇ ପାରିବ ନାହିଁ ବୋଲି ମା ବୁଝାଇଲା । ମାତ୍ର ବୋଉ ଅଗ୍ରହଶୀଳ ହୋଇ ମୋତେ କାଖେଇ ସାରିଥାଏ ।

ମୋର ପିଲାଦିନେ ଅଙ୍ଗ କୁତ୍ସିତ ରୂପ ଥିଲା । ଏକ ତ କଳା, ପୁଣି ଗାଲଯାକ ସିଂଘାଣିର ବୋଳ ବସିଥାଏ । ଦାଉ ଓ କାଛୁ ଦେହରେ ବସା ବାନ୍ଧି ଥାଏ । [ଏବେ ମୋର ମଧ୍ୟମପୁତ୍ର ଦେବପ୍ରସାଦ (ବାବୁଲା) କେତେକ ପରିମାଣରେ ସେପରି ଦିଶେ] । ମା ମୋ ଉପରେ ରାଗିଗଲେ ମୋତେ 'କାଳିମୁଣ୍ଡ', 'କୋକ' ଓ 'ପାଣିଧଣ୍ଡ' ବୋଲି ଡାକେ । ତଥାପି ବୋଉ ମୋତେ ତା ସଙ୍ଗରେ ଖୁଆଏ ଓ ଆଦର ସୋହାଗ କରେ । *

ଏ ବୋଉର ପ୍ରଥମ ଗର୍ଭରେ ମୃତପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ପରେ ଗୋଟିଏ ଗର୍ଭସ୍ରାବ ହେଲା । ତୃତୀୟ ଗର୍ଭରେ ଗଙ୍ଗାଧର (କୁନି) ଜନ୍ମ ହେଲା । ସେତେବେଳକୁ ବୋଉକୁ

---

* ବୋଉ ସମ୍ବନ୍ଧରେ ଗୋଟିଏ ସ୍ୱତନ୍ତ୍ର ପୁସ୍ତିକା ପ୍ରକାଶ ପାଇଛି ।

GPNanda Colln., Digitized by srujanika@gmail.com

୬୬ ବର୍ଷ ଓ ନନାଙ୍କୁ ୫୨ ବର୍ଷ । ତା ପରେ ତିନତିନ ବର୍ଷ ତଫାତରେ ନଣା ଓ ବୈଦ୍ୟନାଥ ଜନ୍ମହେଲେ । ଆଉ ଦୁଇଟି ଗର୍ଭ ନଷ୍ଟପରେ ୧୭ ମାସ ଗର୍ଭସ୍ଥ ପରେ ଘନବନ୍ଧୁ ଜନ୍ମହେଲ । ତାହା ଅଷ୍ଟମ ଓ ଶେଷ ଗର୍ଭ । ନନାଙ୍କୁ ସେତେବେଳକୁ ୭୨ ବର୍ଷ ହୋଇଯାଇଥାଏ ।

ନନାଙ୍କର ସେତେବେଳକୁ ଶାରୀରିକ ବଳ ଯଥେଷ୍ଟ ଥିଲେ ମଧ୍ୟ ବୟସ ଅନୁପାତରେ ସାହସ କମିଯାଇଥିଲ । ପିଲା ସଂଖ୍ୟା ଟିକଏ ବଢ଼ିଯିବାରୁ କାଳେ ଚଳାଇ ନପାରିବେ ବୋଲି ବରାବର ଭୟ ସଂକୋଚରେ ଥାନ୍ତି । ଯେଉଁ ଲୋକ ୪ଟି କୁଟୁମ୍ବ ଅନାୟାସରେ ଚଳାଉଥିଲେ ସେ ୪ଟି ପିଲାଙ୍କୁ ଚଳାଇବା ଦୁରୂହ ବ୍ୟାପାର ବୋଲି ମନେ କଲେ । ବୟସ ଗଡ଼ି ପଡ଼ିଲେ କଣ ନ ହୁଏ ?

ମାତୃ ବିୟୋଗ

କଥାରେ କହନ୍ତି, "ବାତଜ୍ୱର ବାଟରେ ଘର" । ନନାଙ୍କର ବାତଜ୍ୱର ଠିକ୍ ତାହାହିଁ ଥିଲ । ଅଗ୍ରହଣ ବାତଜ୍ୱର ଘନଘନ ଆକ୍ରମଣ କରିବାରୁ ତାଙ୍କଠାରେ ଶାରୀରିକ ଓ ମାନସିକ ଦୁର୍ବଳତା ଲକ୍ଷ୍ୟ ହେଉଥିଲ । ସେ ସେତେବେଳକୁ ଏକମାତ୍ର ରୋଜଗାର କ୍ଷମ ଓ ଜର୍ଜର ବୟସରେ ପିଲମାନଙ୍କର ଦାୟିତ୍ୱ ପଡ଼ିବାରୁ ମନୋବଳ ଭାଙ୍ଗି ପଡୁଥାଏ । ସେତିକବେଳକୁ ମୋର ଦୁରାରୋଗ୍ୟ ବ୍ୟାଧି ହେତୁ ମୁଁ ପ୍ରାୟ ଘରେ ବସିଥାଏ । ଲଗାଯିବା ଭାବରେ ଫଳ-ହାନି ଘଟି ନନାଙ୍କୁ ଅଧିକ ହତୋତ୍ସାହ କରି ପକାଇଲ । ମାତ୍ର ସେ ପିଲଦିନୁ ପ୍ରାତଃ ସ୍ନାନ ସନ୍ଧ୍ୟା କରିବା ଅଭ୍ୟାସ ରଖିଥିବାରୁ

GPNanda Colln., Digitized by srujanika@gmail.com

ଓ ଅତୁଳନୀୟ କଷ୍ଟ ସହିଷ୍ଣୁତା ତାଙ୍କର ଅସ୍ଥିମଜ୍ଜାଗତ ହୋଇଥିବାରୁ ସେ ଭାଙ୍ଗିପଡ଼ି ନଥିଲେ ।

୧୯୪୦ ମସିହାରୁ ମୁଁ ପୁରୀ ସଦରରେ ଟିଉସନ୍ କରି ସାମାନ୍ୟ ରୋଜଗାର କ୍ଷମ ହେବାରୁ ଟିକିଏ ଅଶ୍ୱସ୍ତ ହୋନ୍ତି । ମାତ୍ର ମୋତେ ଦେଖିବା ଆଳରେ ଏକାଦଶୀରେ ଜଗନ୍ନାଥ ଦର୍ଶନ ଆରମ୍ଭ କରିଥିଲେ । ନିଜେ ଚାଲି ଚାଲି ଯାଆସ କରନ୍ତି । ତାଙ୍କର ଭଲ ସ୍ୱାସ୍ଥ୍ୟ ଦେଖି ତାଙ୍କୁ ଆଉ ଚାକିରୀ ବ୍ୟବସାୟ ପାଇଁ ବଙ୍ଗଦେଶ ଯିବାକୁ ଅନୁମୋଦନ ଛାଡ଼ିଲୁ ନାହିଁ । ସେ ମଧ୍ୟ ଜାଣନ୍ତି ପିତୃ ଅତିବୃଦ୍ଧା ମାତାକୁ ଛାଡ଼ି ଦୂର ବିଦେଶକୁ ନ ଯିବାକୁ ରାଜିହେଲେ । ତେଣୁ ସେ ନିତ୍ୟକର୍ମନିଷ୍ଠ ହୋଇ ଗାଁରେ ରହି ଚାଷ କାର୍ଯ୍ୟରେ ଲାଗିଲେ । ମାତ୍ର କୌଣସି କାର୍ଯ୍ୟରେ କେବେ ଆଳସ୍ୟବୋଧ କରିବା ବା କାହାରିଠାରୁ ସେବା ଗ୍ରହଣ କରିବାର ମନୋଭାବ କେବେହେଲେ ପୋଷଣ କରୁନାହାନ୍ତି ।

୧୯୪୩ ମସିହା ଠାରୁ ମା ଦୃଷ୍ଟିଶକ୍ତି ହରାଇଲା । କେବଳ ଗାଈ ଖୁଆଇବା ଓ ଝାଡ଼ା ଫେରିବା କାର୍ଯ୍ୟ ବିନା ସାହାଯ୍ୟରେ କରୁଥାଏ । ସେଇବର୍ଷ ଦାନୁ ଜନ୍ମ ହୋଇଥାଏ । ମା ନିଜେ ନ କରି ପାରିଲେ ମଧ୍ୟ ବସି ସବୁ ବରାଦ କରାଇ ପିଲାଙ୍କ ହାରା କରାଏ । ତାକୁ ଝାଡ଼ା ଯିବାକୁ ସୁବିଧା ହେବ ବୋଲି ସେ ବରାବର ବାଡ଼ି ପର ବାଡ଼ିମୁଣ୍ଡରେ ବସେ । ଡାଳ, ଗାମୁଛା, ହାତବାଡ଼ି ସର୍ବଦା ପାଖରେ ରଖିଥାଏ । ବେଳେବେଳେ ପିଲାମାନେ ଲୁଚାଇ ଦିଅନ୍ତି । ସେ ସ୍ନେହମିଶା କ୍ରୋଧ ପ୍ରକାଶ କରେ । ପିଲାମାନେ ଚାଲିଗଲାବେଳେ ମା ମୁଣ୍ଡରୁ ପାଚିଲାବାଳ ଉପାଡ଼ନେଇ ପଳାନ୍ତି । ମା ତୁହାଏ ବିପରୀତ ଆଶୀର୍ବାଦ ଶୁଣାଏ । ଶେଷକୁ ମା ମୁଣ୍ଡଟି ଲଣ୍ଡା ହୋଇପଡ଼ିଲା ।

GPNanda Colln., Digitized by srujanika@gmail.com

ଶେଷ ଭାଗକୁ ମା ଅତି ଦୁର୍ବଳ ଓ ବିବର୍ଣ୍ଣ ହୋଇଗଲେ । ତାର ଆକୃତି ସୁନାପରି ଦେହ କୋଡ଼ିଏ ତମ୍ବା ପରି ହୋଇଯାଇ ଥିଲା । ପିତଳ ହଣ୍ଡାପରି ଅନ୍ତଳ ପେଟ ଓ ଗୁଣ୍ଡୁଣୀ ହାତଗୋଡ଼ର ମାଂସାଳ ଶରୀର ଅସ୍ଥିଚର୍ମସାର ହୋଇଗଲା । ଦୁର୍ବଳ ହୋଇ ପଡ଼ିବାରୁ ନିଜକୁ ଅସହାୟ ମନେକରି ସନ୍ତାପି ହେଉଥାଏ । ଯେଉଁ କାର୍ଯ୍ୟରେ ସେ ବ୍ୟସ୍ତଥାନ୍ତି ତା ପାଖରେ କିଏ ବସି ଦୁଃଖସୁଖ ନ ହେବାରୁ ସେ ଅତିଶୟ ଅସନ୍ତୁଷ୍ଟ ହେଉଥାଏ ।

ନନା କୌଣସି କାମରେ କୁଆଡ଼େ ଗଲେ, ଆସିଲା ମାତ୍ରେ ଆଗ ମା' ଖବର ବୁଝନ୍ତି । ପରେ ଗାଈ, ଦଅଁ ଓ ପିଲାଙ୍କ ଖବର କ୍ରମାନ୍ୱୟରେ ବୁଝନ୍ତି । ଏ ସମ୍ବନ୍ଧରେ ନନା ଗୋଟିଏ କ୍ଷୁଦ୍ର ଗପ କହନ୍ତି । ତାହା ଯେପରି ଶିକ୍ଷଣୀୟ ସେହିପରି କୌତୂହଳୋଦ୍ଦୀପକ । ଜଣେ କୃଷୀ ତାର ସକଳ ଧନ୍ଦା ସାରି ଆସିଲେ ସ୍ତ୍ରୀକୁ ପଚାରେ, "ମହାଜନ ଶୁଝା ହେଲାଣି ? କରଜ ଲଗାଇଲଣି ? ପାଣିକୁ ଫିଙ୍ଗି ଦେଲଣି ? ଆଜି କଣ ବଳିଛି ଯେବେ, ଆଣେ ଦଅଁକୁ ଦେଖାଇ ସେବା କରିବା ।" ଧାନେ ରାଜା ଅନ୍ଧାରିବଳେ କହି ଯାଇ ଏହା ଶୁଣିଲେ । ସକାଳେ ତାକୁ ଡ଼କାଇ ନେଇ କଥାର ତାତ୍ପର୍ଯ୍ୟ ବୁଝିଲେ । ମହାଜନ ଶୁଝିବାର ଅର୍ଥ ହେଉଛି ବୃଦ୍ଧ ପିତୃମାତୃ ସେବା ଓ ପଥ୍ୟ । କରଜ ଲଗାଇବାର ଅର୍ଥ ପୁଅକୁ ହେପାଜତ କରି ଖୁଆଇବା । କାରଣ ତା ଠାରୁ ଭବିଷ୍ୟତରେ ପାଇବାର ଆଶା ଅଛି । ପାଣିକୁ ପକାଇ ଦେବାର ଅର୍ଥ ଝିଅକୁ ଯତ୍ନକରି ଖୁଆଇବା । କାରଣ ତା' ଠାରୁ କିଛି ପାଇବାର ଆଶାନାହିଁ । କୃଷୀର ଏତାଦୃଶ କର୍ତ୍ତବ୍ୟ ନିଷ୍ଠା ଦେଖି ରାଜା ଉପଯୁକ୍ତ ପାରିତୋଷିକ ଦେଲେ ।

GPNanda Colln., Digitized by srujanika@gmail.com

ମା ପ୍ରାୟ ୯୦ ବର୍ଷ ବଞ୍ଚିଥିଲା । ମାତ୍ର ତାର ତିରୋଧାନର ୨୦ ବର୍ଷ ପୂର୍ବରୁ ନନା ପ୍ରତିଥର ବଙ୍ଗଳା ଯିବାବେଳେ ଗାଁ ଟିଯାକ ସମସ୍ତଙ୍କୁ ଅନୁନୟ ବିନୟ ହୋଇ କହି ଯାଆନ୍ତି, "ମୋ ବୋଉ ଲାଗିଲା । ଯେପରି ବାସିମଡ଼ା ନ ହୁଏ ।" ସେ ବର୍ଷବର ଧରି ଙ୍କୁ ଡାକନ୍ତି ତାଙ୍କ ଉପସ୍ଥିତିରେ ମାଆ ବିୟୋଗ ଘଟୁ । ପ୍ରତିଥର ମୁଖାଗ୍ନିର ପୋଡ଼ିବା ପାଇଁ କାଠ ମଧ୍ୟ ସଂଗ୍ରହ କରି ରଖି ଯାଇଥାନ୍ତି । ବିଧି ତାଙ୍କ ଡାକ ଶୁଣିଲେ; ମାତ୍ର ୨।୩ ମାସ ଶଯ୍ୟାଗତ ହୋଇ ପଡ଼ିବା ପରେ ୧୯୦୭ ମସିହା ଭାଦ୍ରଶୁକ୍ଳ ବଡ଼ ଏକାଦଶୀ ଗତ ହୁଆଁ ଦ୍ୱାଦଶୀ ତିଥିରେ ସୂର୍ଯ୍ୟୋଦୟ ସମୟକୁ ପ୍ରାଣତ୍ୟାଗ କଲା ।

ଏକାଦଶୀ ଦିନ ନନା ବଡ଼ ସନ୍ତର୍ପଣରେ ସହିତ ଯାଇ ଶ୍ରୀମନ୍ଦିରରେ ଜଗନ୍ନାଥ ଦର୍ଶନ କରି ବୁଲି ଆସିଥାନ୍ତି । ମୁଁ ମା ପାଖରେ ଜଗିକରି ଥାଏ । ଅତି ପ୍ରତ୍ୟୁଷରେ ନାଡ଼ି ନ ମିଳିବାରୁ ପଞ୍ଚଦାନ ଦିଆଗଲା । ସଦ୍ୟ କ୍ରିୟା ମଧ୍ୟ ଧରାଗଲା । ସଦ୍ୟ ଚିକ୍ରାନ୍ତ ହେଲା । ଦଶାହ ଦିବସକୁ ଶ୍ରୀ ମହାପ୍ରସାଦ ଆସି ଗ୍ରାମବାସୀ ଓ ବନ୍ଧୁବାନ୍ଧବ ବ୍ରାହ୍ମଣ ଶମ୍ଭୁ ତୃପ୍ତ ହେଲେ ।

ମା ଏକାଦଶୀ ତିଥି ନପାଇ ଦ୍ୱାଦଶୀ ପାଇବାରୁ ତାର ପୁଣ୍ୟବଳରେ ମୋର ସନ୍ଦେହ ଥିଲା । ମାତ୍ର ନନା ବୁଝାଇଦେଲେ ବିଧବା ସ୍ତ୍ରୀ ପକ୍ଷେ ଏକାଦଶୀ ପ୍ରଶସ୍ତ ନୁହେଁ । କାରଣ ତୁଣ୍ଡବାଟେ ପାଣି ଦିଆ ନଯାଇ ନାକବାଟେ ଦିଆ ଯାଇଥାନ୍ତା । ଦ୍ୱାଦଶୀ ଲାଗିବାରୁ ପାଣି ଟୋପାକ ପାଇଁ ଆଉ ନରଖ ହୋଇନ ।

ଆମ୍ଭେମାନେ ମା'ର ୧୩ ଜଣ ନାତି ନାତୁଣୀ ଥାଇ ତାର ଶୁଦ୍ଧ, ଶ୍ରାଦ୍ଧ, ବାର୍ଷିକ ଶ୍ରାଦ୍ଧ ମଧ୍ୟ ସବିଧିରେ ପାଳନ କଲୁ ।

GPNanda Colln., Digitized by srujanika@gmail.com

ମହାପ୍ରୟାଣ

[ମହାକାର୍ତ୍ତିକ—ବଡ଼ ଏକାଦଶୀ—ବକପଞ୍ଚକ—
୧-୧୧-୪୯ ଦ୍ୱିପ୍ରହର]

୧୯୪୯ ମସିହାଟି ଆମ୍ଭମାନଙ୍କ ପକ୍ଷେ ଅତ୍ୟନ୍ତ ବିପଦର ବର୍ଷ । ଇଂରାଜୀ ବର୍ଷ ଆରମ୍ଭରୁ ଜ୍ୱର ନ ଛାଡ଼ୁଣୁ ନନାଙ୍କର ରୋଗବୃଦ୍ଧି ଚାଲିଲା । ଘନ ଘନ ବାତଜ୍ୱର ଓ ପେଟରେ ପ୍ଲୀହା ଯଥି କଷ୍ଟ ପଡ଼ିଲା । ଗ୍ରାମର ସୁନାମଧନ୍ୟ କବିରାଜ ଓ ମୋର ପରମ ହିତାକାଂକ୍ଷୀ ଶ୍ରୀଯୁକ୍ତ ଭଗବାନ ମିଶ୍ରେ (ଭଗି କବିରାଜ) ଯକୃତ ବୃଦ୍ଧି ବୋଲି ଚିକିତ୍ସା କଲେ । ନନା ସେଥିରେ ବଳିଷ୍ଠ ଲେକ ଏପରି ଦୁର୍ବଳ ହୋଇପଡ଼ିଲେ ଯେ ଚପାଖରକୁ ଗାଧୋଇବାକୁ ଯାଇପାରିଲେ ନାହିଁ । ଡାକ୍ତରୀ ଚିକିତ୍ସା ଦରକାର ହେଲା ।

ନାଗର ଦିନ କଟକ ଆଣିଲୁ । ପ୍ରଥମେ ଘରୋଇ ଡାକ୍ତର ବୃନ୍ଦାବନ ଆଗ୍ରୱାଲଙ୍କ ଚିକିତ୍ସା ଓ ପରେ କଟକ ବଡ଼ ଡାକ୍ତରଖାନାର ବିଲାତ ଫେରନ୍ତା ଡଃ ଗିରିଜାଶଙ୍କର ଦାଶ ମହାପାତ୍ରଙ୍କ ଚିକିତ୍ସାରେ ରହିଲେ । ଏପ୍ରେଲ୍ ୮ ତାରିଖରୁ ଡାକ୍ତରଖାନାରେ ରହିଲେ । ଖଟିଆ ଉପରେ ଶୋଇପଡ଼ି କହିଲେ, "ସେମାନଙ୍କୁ ଗାଁରେ ଛାଡ଼ି ଆସିଥିଲି ଏଠାରେ ତୁମମାନଙ୍କୁ ଛାଡ଼ିଲି । ଏଣିକି ଦେହ ଛାଡ଼ିବି ।" ସେତେବେଳକୁ ଗାଁରେ ବୋଉ, ନିଶା, କୁନି ଓ ଦିନୁ ଥାନ୍ତି । ଏଠାରେ ବଇଦା ଓ ତା' ଭଉଣୀ ମୋ ସଙ୍ଗେ ଥାନ୍ତି । ନନାଙ୍କର ସେ କଥା ପଦକ ଏବେ ମଧ୍ୟ ମୋ ସ୍ମୃତିରେ ଜୀବନ୍ତ ହୋଇ ରହିଛି । ନନା ଡାକ୍ତରଖାନାର ପାଣି ମଧ୍ୟ ପିଉନ୍ତି ନାହିଁ । ବସାରୁ ସବୁ ନେବାକୁ ହୁଏ । ପ୍ରାୟ ୨୨ ଦିନ ରୋଗ ନିର୍ଣ୍ଣୟ ହେବାରେ

GPNanda Colln., Digitized by srujanika@gmail.com

ବଢ଼ିଗଲା । ଦୁଇଥର ଏକ୍ସରେ (**X-ray**) କରାହେଲା । କ୍ୟାନ୍ସର ଥିବାର ସନ୍ଦେହ ମଧ୍ୟ ହେଲା । ଏ ଅବସ୍ଥାରେ ଅପରେସନ୍ କରିବାକୁ କୌଣସି ଡାକ୍ତର ଗିରିଜାବାବୁଙ୍କ ସଙ୍ଗେ ଏକମତ ନଥାନ୍ତି ।

ଅପରେସନ୍ ବଡ଼ ଧରଣର (**Major operation**)। ବୟସ୍ ବହୁତ ମଧ୍ୟ । ଅପରେସନ୍ ପ୍ରାଣ ସଂଶୟ ହେବ୍ବ ମୁଁ ରାଜି ନଥିଲି । ପୂର୍ବଦିନ ଡାକ୍ତରଙ୍କ ବସାକୁ ଯାଇ କାନ୍ଦିଲି । ସେ ବିଦେଶର ନାନା ପ୍ରକାର ଉଦାହରଣ ଦେଇ ବୁଝାଇଲେ । ସବୁ ଶେଷରେ ଠିକ୍ ହେଲା ୮ଟା ସକାଳେ ରୋଗୀକୁ ପଚାରିବେ । ସେ ରାଜି ହେଲେ ଅପରେସନ୍ ହେବ ।

ସକାଳେ ଡାକ୍ତର ଗିରିଜା ବାବୁ ନନାଙ୍କୁ ନମସ୍କାର କରି ପଚାରିଲେ । ନନା ହସି ହସି ଅପରେସନ୍ କରିବାକୁ କହିଲେ । ଦୀର୍ଘ ୩ ଘଣ୍ଟାଧରି ପ୍ରାୟ ସମସ୍ତ ସର୍ଜିକାଲ ଡାକ୍ତର ଓ ଡାକ୍ତରୀ ଛାତ୍ରଙ୍କ ଉପସ୍ଥିତିରେ ଅପରେସନ୍ ହେଲା । ସଚେତ ଅବସ୍ଥାରେ ଅପରେସନ୍ ହେଲା । ବିପଦର ଆଶଙ୍କା ଥିବାରୁ ଅକ୍ସିଜେନ୍ ପାଖେ ପାଖେ ରଖାଯାଇ ଥାଏ । ମୁଁ ପ୍ରତି ମୁହୂର୍ତ୍ତ ଗଣୁଥାଏ । ୨୪ ଘଣ୍ଟା, ୪୮ ଘଣ୍ଟା ଗତ ହେଲା । ଅପରେସନ୍‌ଠାରୁ ୧୬ ଦିନ ଯାଏ ଭାତ ପଥ୍ୟ ଦିଆଯାଇ ନଥିଲା । ଘରେ ଆସି ଭାତ ପଥ୍ୟ ଦିଆଗଲା ।

ନନା ବଡ଼ ଧାତୁଆ ଲୋକ । ଭୋଜନ ଠିକ୍ ହୁଏ । ପରିଶ୍ରମ ମଧ୍ୟ ଠିକ୍ ବଳି ହୁଏ । ଦୀର୍ଘଦିନ ଧରି କମ୍ବଳ ରଖିବାରୁ ନନା ଡାକ୍ତରଙ୍କୁ ପଚାରିଲେ ନଖାଇଲେ ବଳ କପରି ଆସିବ । ବଳ ଆସିବାକୁ ଇନ୍‌ଜେକ୍‌ସନ୍ ଓ ଔଷଧ ଦିଆଯାଉଛି ବୋଲି ଡାକ୍ତର

GPNanda Colln., Digitized by srujanika@gmail.com

କହିଲେ । ନନା ପୁଣି ପଚାରିଲେ ଯେ ଆଦୌ ନ ଖାଇଲେ ଜୀର୍ଣ୍ଣକାରୀ ଯନ୍ତ୍ର ସବୁ ଦୁର୍ବଳ ହୋଇ ପଡ଼ିବେ ତେଣୁ ଦେହରେ ଖାଦ୍ୟ ଚଳିବାକୁ ଅନେକ ଦିନ ବଢ଼ିଯିବ । ତାହା ଦୁର୍ବଳ ନ ହେବାକୁ ଔଷଧ ଓ ଇଞ୍ଜେକସନ୍ ଦିଆଯାଉଛି ବୋଲି ଡ଼ାକ୍ତର ଉତ୍ତର ଦେଲେ ।

ମେ ମାସ ୧୧ ତାରିଖରେ ନନା ଡ଼ାକ୍ତରଖାନାରୁ ବସାକୁ ଆସିଲେ । ମନ ଭାରି ଖୁସି ଥାଏ । ଖାଇବାର ବନ୍ଦୋବସ୍ତ ନିଜେ ସବୁ କରାଇଲେ । ସବୁ ଜିନିଷ ଦାଣ୍ଡ ପିଣ୍ଡାରେ ନିଜେ ବସି କିଣିବାକୁ ସୁଖ ପାଇଲେ । ସନ୍ଧ୍ୟାରେ ନଦୀକୂଳ ଓ ବଜାର ଆଡ଼କୁ ବୁଲିବାକୁ ବାହାରିଲେ । ବିଶେଷ ପରିମାଣ ଅମ୍ବ କିଣିଲେ । ଖୁବ୍ ଖୁସିରେ ମାସଟିଏ ବସାରେ ରହି ଶୀତଳଷଷ୍ଠୀକୁ ସାର ପୁରୁଷୋତ୍ତମପୁର ଯିବାକୁ ଇଚ୍ଛା କଲେ ।

ଅଚାଧୁ ଭାଇନାଙ୍କ ସେବା ଓ ଦୁଃଖୀନାନୀର ସ୍ନେହରେ ସେ ସଦା ସନ୍ତୋଷ । ତେଣୁ ସେଠାରେ ୩।୪ ଦିନ ରହି ଗାଁକୁ ଗଲେ । ଗାଁରୁ ଆଣିଲାବେଳେ ୩।୪ ଜଣ ଧରି ଗାଡ଼ିରେ ବସାଇଥିଲି । ସେ ଏକାରେ ଗାଁକୁ ଯିବା ଦେଖି ମୋର ଆନନ୍ଦର ସୀମା ନଥାଏ । ଗାଁରେ ମାସେ ଖଣ୍ଡେ ରହି ଫେରି ଆସିବା ଉଦ୍ଦେଶ୍ୟରେ ଯାଇଥିଲେ । ମାତ୍ର ଅନୁପେଷ ଅବସ୍ଥାରେ ସେଠି ଗାଁରେ ବେଶୀଦିନ ରହିବାକୁ ପଡ଼ିଲା ।

ଏଥି ପୂର୍ବରୁ ନନା କଟକରେ ଅତି ଦୁର୍ବଳ ଅବସ୍ଥାରେ ଥିବାବେଳେ ଗାଁରେ ମୋ ଖୁଡ଼ି ମରିଯାଇଥିଲା । ମୁଁ ଏକା ଯାଇ ସେ କାର୍ଯ୍ୟ ନିର୍ବାହ କରି ଆସିଥିଲି । ମାତ୍ର ନନା ସୁସ୍ଥ ହୋଇ ଗାଁକୁ

GPNanda Colln., Digitized by srujanika@gmail.com

ଯାଇ ଦେଖିଲେ ସାନ ମା (ତାଙ୍କ ଖୁଡ଼ି) ମରଣାନ୍ତକ । ତାର ମୃତ୍ୟୁକୁ ଅପେକ୍ଷାକରି ଗାଁରେ ରହିବାକୁ ବାଧ୍ୟ ହେଲେ । ଏ ମଧ୍ୟରେ ବୋହୂ ଅନ୍ତଃସତ୍ତ୍ୱା ଥିବାରୁ ଠାକୁରାଣୀ ଗାଧୁଆ କରାଇ ତାଙ୍କ ପଞ୍ଚାମୃତ ଭୋଜନ କରାଉଥାନ୍ତି । ନିଜେ ଗୃହଆତକୁ ନିମନ୍ତ୍ରଣ ଦେବାକୁ ଯାଇଥାନ୍ତି ।

ସାନ ମା ଶ୍ରାବଣ କୃଷ୍ଣ ନବମୀ ତିଥିରେ ଲୀଳାଧାମ ତ୍ୟାଗ କଲା । ନନା ନିଜେ ତଇଲୁଣୀ ଦେଇଥିଲେ । ମୁଖାଗ୍ନି ଦେଲେ । ନିଜେ ମଧ୍ୟ କ୍ରିୟା ଧରିଲେ । ଦୁର୍ବଳ ଶରୀରରେ ଦୁର୍ବଳ କର୍ମାଙ୍ଗ କରିବାରୁ ପୁଣି ବାତଜ୍ୱର ଆକ୍ରମଣ କଲା । ମାତ୍ର ସେ ବାତଜ୍ୱର ନୂଦେଇଁ ନେଷେ ନିଦାନ । ସେତେବେଳକୁ ଆମେ ସବୁ ପୁଅମାନେ ଓ ବୋହୂ କଟକରେ ଥାଉ । ନନା, ଝିଅ ଓ ରୋଜ ଗାଁରେ ଥାନ୍ତି । ଗାଁରେ ଦୁଧ ଓ ମାଛ ସୁବିଧାରେ ମିଳିବ ବୋଲି ନନା ଗାଁ ଛାଡ଼ିବାକୁ ନାରାଜ ହେଲେ ।

ଏ ମଧ୍ୟରେ ମୋର ପ୍ରଥମ ପୁତ୍ର ଅଗଷ୍ଟ ୨୯ ତାରିଖ ଋଷି ପଞ୍ଚମୀ ତିଥିରେ ଜନ୍ମହେଲା । ମାତ୍ର ନନାଙ୍କର ପୁଣି ସାଙ୍ଘାତିକ ଦେହ ବ୍ୟସ୍ତ ଲାଗି କେହି ଆନନ୍ଦ ଉପଭୋଗ କରିପାରିଲେ ନାହିଁ ।

ଏ ମଧ୍ୟରେ କଟକରେ ପୁଅ ଜନ୍ମ ହେଲା । ୫।୬ ଦିନର ପୁଅ ହେଲାବେଳକୁ ନନାଙ୍କ ଅବସ୍ଥା ବେଶୀ ବଢ଼ାବଢ଼ି ବୋଲି ଖବର ପହଞ୍ଚିଲା । ମୁଁ ନିଜେ ପୁଣି ଯାଇ ଗହ୍ମା ପୂର୍ଣ୍ଣିମା ଦିନ ନନାଙ୍କୁ କୌଣସିମତେ କଟକ ଆଣିଲି । ଘରୁ ସମସ୍ତେ କଟକ ଆସିଲେ । ଗାଁରୁ କଟକ ଦୌଡ଼ା ଧାପଡ଼ ଓ ଗାଡ଼ି ଖର୍ଚ୍ଚରୁ ରକ୍ଷା ମିଳିଲା ।

ପ୍ରଥମେ ହୋମିଓପାଥି ଚିକିତ୍ସାରେ ରଖାଇ ଥାଏ । ଏଲୋପାଥି ଡ଼ାକ୍ତର ମୋତେ ନିରାଶବାଣୀ ଶୁଣାଇ ଥାନ୍ତି ।

GPNanda Colln., Digitized by srujanika@gmail.com

ମୁଁ ସେ କଥା ଖୋଲି ନଥାଏ । ମାତ୍ର ହୋମିଓପାଥିରେ କିଛି ପରିବର୍ତ୍ତନ ନ ଦେଖି ନନାଙ୍କର ଅସନ୍ତୋଷର ସୂଚନା ମିଳିଲା । ନନାଙ୍କୁ ନେଇ ପୁଣି ଡ଼ାକ୍ତର ଗିରିଜାବାବୁଙ୍କୁ ଦେଖାଇଲି । ସେ ପୂର୍ବପରି କହିଲେ, "ମଣିଷ ହାତରେ ଯାହା ହେବାର କଥା ତାହା ଅତିମ କରିସାରିଛୁ । ଏଣିକି ଭଗବାନଙ୍କ ଉପରେ ନିର୍ଭର କର ।" ନନାଙ୍କ ସମ୍ମୁଖରେ ଏହା ଡ଼ାକ୍ତର କହିବାରୁ ନନା ଆଉ ଡ଼ାକ୍ତରଖାନାରେ ରହିବାକୁ ରାଜି ନ ହୋଇ ବସାକୁ ଆସିଲେ । ପୁଣି ସେଇ ହୋମିଓ ଚିକିତ୍ସା । ଜାଜିଂଆ ପଟିର ହୋମିଓ ଡ଼ାକ୍ତର କୃଷ୍ଣଚନ୍ଦ୍ର ପଟ୍ଟନାୟକ ଓ ମଝେ ମଝେ ଡ଼ାକ୍ତର ବିପ୍ରଚରଣ ମହାନ୍ତିଙ୍କ ପରାମର୍ଶ ନିଆଯାଏ । ମୋର ଚିର ବିଶ୍ୱସ୍ତ ଡ଼ାକ୍ତର ହରନାଥଜୀଙ୍କୁ ଦେଖାଇଲି । ସେ ମଧ୍ୟ ନିରାଶବାଣୀ ଶୁଣାଇଲେ । ମାତ୍ର ହୋମିଓ ଚିକିତ୍ସା କରିବାପାଇଁ ପରାମର୍ଶ ଦେଲେ । ମୋର ବିପଦର ବନ୍ଧୁ କବିରାଜ ବଳରାମ ମିଶ୍ର ନାଡ଼ି ଦେଖିବାରେ ଏପରି ସିଦ୍ଧହସ୍ତ ଯେ ସେ ପରିଷ୍କାର ଖୋଲି କହିଦେଲେ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ବଞ୍ଚି ପାରନ୍ତି ।

ଗାଁରେ ଦୁର୍ଗାପୂଜା ପାଇଁ ଦୁଆରପୂଜା ବନ୍ଦାହେବ ବୋଲି ବୋଉ, ନାତି, ବୋହୂ ଓ ଝିଅକୁ ନେଇ ଗାଁକୁ ଗଲି । ବାକି ପିଲାଯାକ କଟକରେ ରହିଲେ । ଯେତେବେଳେ ମାଇପେ କେହି ନଥାନ୍ତି ପିଲେ ନିର୍ବେଦ ହୋଇ ରହିଥାନ୍ତି । ମୋତେ ନନାଙ୍କର ସମସ୍ତ ସେବା କାର୍ଯ୍ୟ ବାଦ୍ ସେତେଇ କରିବାକୁ ପଡ଼େ । ଅଫିସ ମଧ୍ୟ ଯାଏ । ଦିନେ ଦିନେ ଭାତ ପଖାଳିବାକୁ ମନେ ନଥାଏ । କୁନି ସ୍କୁଲରୁ ଆସିଲେ ଭାତରେ ପାଣି ପୂରାଇ ସମସ୍ତେ ପଖାଳି ଖାଆନ୍ତି । ଟେଣ୍ଟି ଦିନୁଟି କହେ, "ବଡ଼ ଭାଇନା ! ଆଜି ଭାତ ଖାଲି

GPNanda Colln., Digitized by srujanika@gmail.com

ମୁହଁ ମୁହଁ ହେଉଛି, ଭଲ ଲାଗୁନି ।" ବାନୁକୁ ସେତେବେଳକୁ ୪ ବର୍ଷ ମାତ୍ର । ମୋର କୋଳ ଉଠି ଅନ୍ତର୍ହିତ ହେଲେ ।

ଭଗବାନ ଦୁଃଖ ଉପରେ ଦୁଃଖ ଦେଇଥାନ୍ତି । ଅଭାବ ଅନାଟନ ବଢ଼ିବାକୁ ଲାଗିଲା । ଏଠାରେ ଘରଭଡ଼ା, ନନାଙ୍କ ପଥ୍ୟ ଓ ଔଷଧ ମିଶି ମାସିକ ଖର୍ଚ୍ଚ ପ୍ରାୟ ଟ ୨୦୦୲ । ଧାର ଉଧାରିର ସୀମା ରହିଲାନି । କେତେ ଖୋସାମତ ହୋଇ ପ୍ରତିଦିନ ଟ ୫୲ ଧାର ଆଣି ଚଳିବାକୁ ହୁଏ । ସେତେବେଳେ ଏଇ ଧାରଣା ହେଲା ଯେ ସରକାରଙ୍କର ବର୍ଷିକିଆ ବଜେଟ୍ । ବୃହତ୍ ଅଙ୍କର ମାସିକିଆ ବଜେଟ୍ । ମାତ୍ର ମୋର ପ୍ରତିଦିନ ବଜେଟ୍ ହୁଏ ।

ଏ ମଧ୍ୟରେ କୁମାର ପୂର୍ଣ୍ଣିମା ନିକଟ ହେଲା । ପ୍ରସ୍ତୁତ ଖର୍ଚ୍ଚ ସାଙ୍ଗକୁ ଏହା ଗୋଟିଏ ବଡ଼ ଖର୍ଚ୍ଚ । ସମସ୍ତେ ନୂଆ ପିନ୍ଧିବେ । ଘରେ ଥିବା ଲୁଗା, ଗାମୁଛା ଦୋହରୀ କରି ଚଳାଇବାକୁ ମନସ୍ଥ କରିଥାଏ । ମାତ୍ର ପିଲାମାନେ ମୁହଁ ଶୁଖାଇ ଦେଲେ । ଆଉ ବାହା ସହିଲାନି । ଯେଉଁ ସୁନା ହାତ ବୋତାମ ଯୋଡ଼ିକ ଥିଲା ତାକୁ ଟ ୪୫୲ ରେ ବିକ୍ରି କରି ପିଲାଙ୍କ ମନ ମୁତାବକ ପୋଷାକ ହେଲା । ବର୍ଷକେ ଥରେ ପିନ୍ଧିଲେ ଆନନ୍ଦ ହେବେ । ନନା ବଞ୍ଚିଥାଇ ଏହା ଦେଖିବେ ଏଥିରେ ମୋର ଆତ୍ମ ସନ୍ତୋଷ ହେଲା । ସମସ୍ତେ ନୂଆ ପିନ୍ଧିଲୁ । ନନାଙ୍କ ପାଇଁ ନୂଆ ଲୁଗା ହୋଇଥିଲା । ମାତ୍ର ସେ ନ ପିନ୍ଧି କହିଲେ, "ଏପରି ଅବସ୍ଥାରେ ପଡ଼ି ନୂଆ ଲୁଗା ପିନ୍ଧିବା ମନା ।" ମୁଁ ଅନୁମାନ କଲି ସେ ପର୍ଯ୍ୟନ୍ତ ତାଙ୍କର ବଞ୍ଚିବାର କ୍ଷୀଣ ଆଶା ଥାଏ । ଆହା ! ସେ ଲୁଗା ଖଣ୍ଡି ତାଙ୍କ ସଙ୍ଗେ ଶ୍ମଶାନକୁ ଗଲା ।

ଆଉ ଭଲ ହେବାର ଆଶା ନଦେଖି ନନାଙ୍କୁ ଗାଁକୁ ନେବାପାଇଁ ଯୋଗାଡ଼ କଲି । ନନା ଆସିଲାଦିନୁ ଗାଁକୁ ଯିବାକୁ

GPNanda Colln., Digitized by srujanika@gmail.com

ଲଗାଇଥିଲେ । ଡ଼ାକ୍ତର ଖେମଟର ପାଇଁ ଆସି ଔଷଧ ଦେବେ ବୋଲି ଆସିଲେ । ମାତ୍ର ନନା କହିଲେ ସେଥିରୁ ବେଶି ଧଳା ହେବନି । ଡାକ୍ତର ଅପେକ୍ଷା କଲେ । ଆଜଟେଉ ତାଙ୍କ ସାମନାରେ କୂଅଚ୍ଛେଦମା ଉପରେ ବସି ଗୋଟିଏ ମଗ୍‌ରେ ପରୀସା କଲେ । ତା ମଧ୍ୟ ସୁସ୍ଥ ଲୋକର ପରୀସ୍ରାପରି ଧଳା ହେଲା । ଡ଼ାକ୍ତର ଓ ନନା ଏକମତ ହେଲେ ଯେ କଟକରେ ଯେପରି ଔଷଧ ଓ ପଥ୍ୟର ସୁବିଧା ହେଉଛି ସେପରି ଗାଁରେ ହେବନି । ତେଣୁ ଏଠି ରହିବେ । ଡ଼ାକ୍ତର ବୃନ୍ଦାବନ ଆଚାର୍ଯ୍ୟ ମଧ୍ୟ ପରାମର୍ଶ ଦେଲେ ଯେ ଯେଉଁଠି ହେଲେ ପ୍ରାଣ ଯିବ । ମାତ୍ର ଗାଁରେ କଲବଲ ହୋଇଯିବ । କଟକରେ ଔଷଧ ଓ ପଥ୍ୟ ବେଳରେ ମିଳୁଥିବା ହେତୁ ଆତ୍ମା ଶାନ୍ତିରେ ଯାଇ ପ୍ରାଣଯିବ ।

ଏ ମଧ୍ୟରେ ଶ୍ରୀରାମଚନ୍ଦ୍ରପୁରର ଗୋସ୍ୱାମୀ କଟକେଇ ଦେଖିବାକୁ ଆସିଥିଲେ । ସେ ନନାଙ୍କୁ କହିଲେ, "ଭାଇନା ! ଚାଲ ଗାଁକୁ ବାହାରିଯିବା । ଏଠାରେ 'ମୁନା' ✻ ର ନାନା ଅସୁବିଧା ହେବ ।" ନନା ଉତ୍ତର ଦେଲେ, "ପୁଅ ଚିକିତ୍ସା ଛାଡ଼ି କେତେଦିନ ଗାଁରେ ରହିବି ? କେତେଦିନ ମୋର କର୍ମଯୋଗ ଅଛି ତା କିଏ କହିବ ? ମୁଁ ଶେଷ ଜୀବନରେ ପୁଅକୁ ଦେଖି ଏଇଠି ମରିବି ।"

କାର୍ତ୍ତିକ କନ୍ଦୁଦନ ଭୋଗ ହେବାରୁ ରୋଗ ଆସ୍ତେ ଆସ୍ତେ ବଳାଇଲା । ନନା ଜୀବନର ଆଶା ତ୍ୟାଗ କଲେ । ଜିଦାସ୍କାଳୀନ କଥା ସବୁ କହିଲେ । ତା ସବୁ ମୁଁ ଲେଖିବାକୁ ଅକ୍ଷମ । ମୁଁ ବରାବର

✻ ଲେଖକ ନିଜ ଗ୍ରାମରେ 'ମୁନା' ବୋଲି ପରିଚିତ । ଏହା ମା'ର ସ୍ନେହପ୍ରଦତ୍ତ ଅପଭ୍ରଂଶୀ ନାମ ।

GPNanda Colln., Digitized by srujanika@gmail.com

ନୀରବ କ୍ରନ୍ଦନ କଲି । ଙ୍କାତା ପରସ୍ତ୍ରା ବାଡ଼ଆଡ଼ରୁ ଅଗଣାକୁ ଓ ଅସ୍ତ୍ରେ ଅସ୍ତ୍ରେ ଘରେ ସୀମିତ ହେଲା । ସମସ୍ତ ବନ୍ଧୁ ବାନ୍ଧବଙ୍କୁ ଚିଠି ଦ୍ୱାରା ଜଣାଇଲି ଓ ଆସି ଦେଖିଯିବାକୁ ଅନୁରୋଧ କଲି । କେତେକ ଆସିଥିଲେ ମଧ୍ୟ ।

ନନାଙ୍କର ମହାପ୍ରସାଦ ସେବା କରିବାପାଇଁ ବଳବତୀ ଇଚ୍ଛା ହେଲା । ଚନ୍ଦ୍ରା ବାପାଙ୍କୁ ପୁରୀ ପଠାଇ କାର୍ତ୍ତିକ କୃଷ୍ଣ ଏକାଦଶୀ ଦିନ ମହାପ୍ରସାଦ ଅଣାଇଲି ।

ମହାପ୍ରସାଦ ଦେଖି ନନା ଖୁବ୍ ଖୁସିହେଲେ । ଅତି ଆନନ୍ଦରେ ବସି ନିଜ ହାତରେ କାଢ଼ି ମହାପ୍ରସାଦ ସେବା କଲେ । ଗଣ୍ଡେ ଅନ୍ନପ୍ରସାଦ କାଢ଼ି ପଥୁରିରେ ରଖିଲେ । ତାହା ପାଣି ପୁରାଇ ମୁଣ୍ଡ ଉପରେ ରଖିବାକୁ ଆଦେଶ କଲେ । ତାହାହିଁ ହେଲା ।

ଏ ପର୍ଯ୍ୟନ୍ତ ମଧ୍ୟ ବୋଉ ଜାଣିପାରୁ ନ ଥାଏ ଯେ ନନା ଆଉ ବଞ୍ଚିବେନି । ଏବେ ତ କେହି ପୁଣି ଗାଁ ନୁହେଁ । ଦିନେ ନନାଙ୍କର ଘଡ଼ଙ୍କ ଜଟିଳପର ହେଲା । ମୁଁ ବୋଉକୁ ଉଠାଇଦେଇ ଝଟ୍‌କରି ଡାକ୍ତରଙ୍କୁ ଡାକିବାପାଇଁ ଚାଲିଗଲି । ଡାକ୍ତରଙ୍କୁ ଆଣି ଦେଖିଲି ଯେ ବୋଉ ଅଚେତ ହୋଇ ପଡ଼ିଛି । ଦାନ୍ତ ଥରୁଛି । ଏପରି ଅବସ୍ଥା ଦେଖି ଶେଷକାଳ ପର୍ଯ୍ୟନ୍ତ ମୁଁ ବୋଉକୁ କିଛି ଜଣାଇନାହିଁ । ପିଲାମାନଙ୍କୁ କାହିଁକି ବା ଜଣାନ୍ତି ।

ବୋଉକୁ ତାଙ୍କ ପାଖରେ ବସାଇ ନନା କେତେ ଉପଦେଶ ଦିଅନ୍ତି । ପୁଣି ବେଳେ ବେଳେ କହନ୍ତି, "ତୋର ମୁହଁରେ କିଛି ତ ବିଲକ୍ଷଣ ଦେଖାଯାଉନି ? ତୁ ବିଧବା ହେବୁ କିପରି ?" ତଥାପି ବୋଉ କିଛି ଜାଣିପାରୁ ନଥାଏ । ବାସ୍ତବିକ ନନା ଯେପରି

GPNanda Colln., Digitized by srujanika@gmail.com

ଟାଣରେ କଥାବାର୍ତ୍ତା କରୁଥାନ୍ତି କେହି ମଧ୍ୟ ବିଶ୍ୱାସ କରିବ ନାହିଁ ଯେ ନିକଟରେ ସେ ମୃତ୍ୟୁମୁଖରେ ପଡ଼ିବେ । ତାଙ୍କ ମୁହଁ ମଧ୍ୟ କିଛି ବିଲକ୍ଷଣ ବା ବିକଟାଳ ଦେଖାଯାଉ ନଥାଏ । ତେଣୁ ଡ଼ାକ୍ତର ଏହା କହିଲେ ମଧ୍ୟ ମୋର ମଧ୍ୟ କ୍ଷୀଣ ଆଶା ଥାଏ ନନା ବଞ୍ଚିବେ ।

ନନା ଦେହ ବ୍ୟସ୍ତ ଲାଗି ଆଶ୍ୱିନ ମାସରେ ମହାଳୟା ଶ୍ରାଦ୍ଧ କରିପାରି ନଥାନ୍ତି । ତେଣୁ କ୍ଷୌର ନ ହୋଇ ରୁଢ଼ ରଖିଥାନ୍ତି । ଦେହ ଭଲ ହେଲେ ପଯ୍ୟା ଶ୍ରାଦ୍ଧ କରିବେ ଓ ସେହିଦିନ ମହାଳୟା କଲେ ପରେ କ୍ଷୌର ହେବେ ଏହି ଆଶା ବାନ୍ଧିଥାନ୍ତି । କହନ୍ତି, "କନ୍ୟାଗତ ମଠକାନ୍ତା ନରାଣାଂ ପିତରୋ ଜନାଃ ।" ମାତ୍ର ଦଇବ ଇଚ୍ଛାକଲନି । ପଯ୍ୟା ଶ୍ରାଦ୍ଧ ଦିନକୁ ଆଉ ବଞ୍ଚିପାରୁ ନଥାନ୍ତି । ତେଣୁ ଶ୍ରାଦ୍ଧ କରିବାକୁ ମୋତେ ଆଦେଶ ଦେଲେ । ମୁଁ ଯଜମାନ ହୋଇ ଦୁଇଟିଯାକ ଶ୍ରାଦ୍ଧ କଲି ।

ତହିଁ ଆରଦିନ ଶୋଇକରି କ୍ଷୌରକାର୍ଯ୍ୟ କରାଗଲା । କ୍ଷୌରକାରୀ ଭଣ୍ଡାରି ମଧ୍ୟ କହି ପକାଇଲା, "ଆଉ ଆଶା ନାହିଁ ଭଗବାନଙ୍କୁ ଆଶ୍ରା କର ।"

ଯମର ଅନେକ ଦ୍ୱାର । କେଉଁ ବାଟରେ ନେବ ତାହା କେଏ ଜାଣି ପାରନ୍ତିନି । ନନାଙ୍କ ପାଇଁ ଛଅଟି ଦ୍ୱାର ଖୋଲା କରିଥାଏ । ୧- ହଳଧିଆ କାମଳ, ୨- ଜଳୋଦରୀ, ୩- ରକ୍ତାର୍ଶ, ୪-ବାତଜ୍ୱର, ୫-କୁଣ୍ଡିଆ, ୬-ଅନ୍ଧାରକଣା । ଗୋଟିକୁ ବନ୍ଦ କରାଇଲେ ଅନ୍ୟ କେତୋଟି ପ୍ରବଳ ହୋଇ ଉଠନ୍ତି । ଏଥିରେ ଡ଼ାକ୍ତରଙ୍କର ଦୃଷ୍ଟି କଣ ? ତଥାପି ଔଷଧବଳରେ ପ୍ରାଣ ଅଟକି କଲବଲ ହୋଇନାହିଁ ।

GPNanda Colln., Digitized by srujanika@gmail.com

ଅନେକ ଥର ଜାଡକ ଦେଖାହେଲା । ମାତ୍ର କୌଣସି କ୍ଷ୍ୟାତେ ଘାଟି ହେଉଇବ ବୋଲି କହିଲେ ନାହିଁ । ବରଂ ଜନପାଦ ଝାଳ ପଡୁଛି ବୋଲି ପ୍ରତ୍ୟାଦତ ହେଲା । କେବଳ କଲାମେଣ୍ଟା ଦାନ ବ୍ୟତୀତ ଅନ୍ୟ ସବୁ ଦୈବୀ କରାହେଲା । ମାତ୍ର ସବୁ ନିଷ୍ଫଳ ହେଲା ।

ପ୍ରାୟ ୧୫ ଦିନ ଥାଇ ଝାଡ଼ା ହେଲା । ଏପରିକ ଦିନେ ଦିନେ ୧୨।୧୫ ଥର ପର୍ଯ୍ୟନ୍ତ ହୁଏ । ଆଉ ବାହାରକୁ ନାଇପାରିବା ଅବସ୍ଥାରେ ନଥାନ୍ତି । ତେଣୁ ଶେଯରେ ଶୋଇ ଝାଡା ଫେରିବାରେ ବନ୍ଦୋବସ୍ତ କରାଯାଇ ଥାଏ । ଡାକ୍ତରଖାନାପରି ବ୍ୟବସ୍ଥା କରା ଯିବାରୁ ରୋଗୀପକ୍ଷରେ କଷ୍ଟଦାୟକ ନଥାଏ ବା ଦୁର୍ଗନ୍ଧର ସମ୍ଭ ନଥାଏ ।

ମହାପ୍ରସାଦ ଖାଇବା ପରଦିନଠାରୁ ଫଳ ଖାଇବାକୁ ମଧ ମନା କଲେ । ସେ ମରିବା କଥା ଜାଣିପାରିଲେ । ନିଜ ଭୁଣ୍ଡରେ କହିଲେ, "ପ୍ରାଣ ପ୍ରୟାଣେ ହରି ବାସରେବା, ଯସ୍ୟାନ୍ତ ଗର୍ଭଂ ନରକଂ ପ୍ରୟାତ ।" ଫଳରସ କିଛିଏ ଖାଇବା ପାଇଁ ବାଧକଲେ ବିରକ୍ତି ପ୍ରକାଶ କରନ୍ତି । କେବଳ ନିର୍ମାଲ୍ୟ ମିଶ୍ରିତ ମିଶ୍ରିପଣାରେ ଦିନାତିପାତ ହେଲା ।

ତିନଦିନ ପୂର୍ବରୁ ପରିସ୍ରା ଲୁଚିକର ହେଲାନି । ତେଣୁ ପେଟର କଷ୍ଟ କିଛିଏ ବଢ଼ିଗଲା । ଏଣେ ମଧ ପାଦ ଯୋଡ଼ିକ ଫୁଲି ଆସିଲା । ଦୁଇଦିନ ପୂର୍ବରୁ ପାଦ ଥଣ୍ଡା ହୋଇଗଲା । ଆଉ ଡୋଉ ହେବାପାଇଁ ଦରକାର ଲଗିଲେନି । ମୋତେ ପାଖରୁ ଘୁଞ୍ଚିବାକୁ ଆଦୌ ରାଜି ହେଲେନି । ଏପରିକି ମୁଁ ଝାଡ଼ା ଯିବା ସମୟ ମଧ୍ୟରେ

GPNanda Colln., Digitized by srujanika@gmail.com

ଦୁଇଟାର ଖୋଜନ୍ତି । ମୋତେ ପ୍ରତି ଘଣ୍ଟାରେ ଥରେ କୁଣ୍ଢାଇକରି ୨|୩ ମିନଟ ଧରନ୍ତି । କଥା ଖୁବ୍ ଷାଣରେ କହୁଥାନ୍ତି । ମାତ୍ର ସ୍ୱର ଅସ୍ତେ ଅସ୍ତେ କମି ଆସୁଥାଏ । ଅଧିକାଂଶ ସମୟ କଥା କହୁଥାନ୍ତି । ଗୋଡକୁ ଲମ୍ବାଇବା ପାଇଁ, ଟେକିବା ପାଇଁ, ଉଠାଇ ବସାଇବା ପାଇଁ ବରାବର କହୁଥାନ୍ତି । ତାଙ୍କ ସନ୍ତୋଷ ମୁତାବକ ସବୁ ହେଉଥାଏ ।

ମରିବାର ପୂର୍ବଦିନ ଦିନ ତମାମ ଦଶା ହୋଇଗଲା । ତଥାପି କଥାବାର୍ତ୍ତା କେତେ ଷାଣରେ କହୁଥାନ୍ତି । ରାତିଟି ନିର୍ବିଘ୍ନରେ କଟିଗଲା । ଧନବେଳେ ବୋଉ ସଙ୍ଗେ କେତେ କଥାବାର୍ତ୍ତା ହେଲେ । ଅଳ କଳପରେ କହିଲେ ଗାଁକୁ ଯାଆନ୍ତି । ଯାଇପାରିବା ଅବସ୍ଥାରେ ନାହାନ୍ତି ବୋଲି ବୋଉ କହିଲା । ଗାଁର ଜଣକଜଣଙ୍କୁ ଖୋଜିଲେ । କଟକରେ ଗାଁର ଯେ କେତେଜଣ ଥିଲେ ସେମାନଙ୍କୁ ଡକାଇ ଆଣିଲି । ଦେଖି ପରମ ସନ୍ତୋଷ ହେଲେ । ବେଳେବେଳେ ସେ କଟକରେ କି ଗାଁରେ କେଉଁଠି ଅଛନ୍ତି ଭୁଲି ଯାଆନ୍ତି । ପ୍ରତି ଅଧଘଣ୍ଟା ମଧ୍ୟରେ ଥରେ ମୋତେ ଡାକକରି ଧରନ୍ତି । କହନ୍ତି, "କୁନା ତୋ ପାଇଁ କେତେ ଦୁଃଖ ଥୋଇଦେଇ ଗଲି ।" ମୁଁ ଥରେ ଦୁ'ଥର ବୁଝାଇଲି ଯେ ଦୁଃଖଟା ସୁଖରେ ପରିଣତ ହୋଇ ପାରେ । ମାତ୍ର ସେ ପୁଣି ଯେତେବେଳେ ବିକଳ କଣ୍ଠରେ ମୋତେ ଡାକଧରି ସେଇକଥା କହନ୍ତି ମୋର ବାକ୍ୟରୁଦ୍ଧ ହୋଇଯାଏ । ଆଖିରୁ ଲୁହଧାର ଗଡ଼ିପଡ଼େ । ନନାଙ୍କୁ ଲୁଚାଇ ଲୁହ ପୋଛେ ।

ଅତି ଆଶ୍ଚର୍ଯ୍ୟର କଥା ଯେ ମୋତେ ୩ ଦିନ ପୂର୍ବରୁ ଅଦୌ ନିଦ କମ୍ବା ନିଦ୍ରାଲସ୍ୟବୋଧ ମଧ୍ୟ ହେଲାନି । ବରାବର ନନାଙ୍କ ପାଖକୁ ଲାଗି ବସିଥାଏ । ଗୋଡ଼ ଓ କଡ଼ ବଦଳାଇବାକୁ ବରାବର

GPNanda Colln., Digitized by srujanika@gmail.com

କହୁଥାନ୍ତି । ତାହାହିଁ କରୁଥାଏ । ପୂଟ ଦିନ ବୋଡ଼କୁ ସବୁ ଖୋଲି କହିଦେଲି । ବୋଉ ଅତିଶୟ ବ୍ୟସ୍ତ ହୋଇ ପଡ଼ିଲେ । ଆହା ! ନନାଙ୍କର ସେତେବେଳର ସବୁକଥା କେଡ଼େ ଅଳିକଳପରି ! ଶରକ୍ତି ଭିବ ମୋଟେ ନଥାଏ ।

"ଅନ୍ତକାଳେ ଚ ମା ମେବ ସ୍ମରନ୍ ମୁକ୍ତ୍ୱା କଲେବରଂ,
ଯଃ ପ୍ରଯାତି ସମଦ୍ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ ।"

ଶେଷ ଦିନର ସକାଳ—ଖୁବ୍ ଭୋରରୁ ଦାନ୍ତ ଘଷାଇ ମୁହଁ ଧୋଇ ଦେଲି । ଦି'ଦିନ ହେଲା ଆଉ ଦାନ୍ତକାଠିରେ ଦାନ୍ତ ଘଷୁ ନଥାନ୍ତି । ଗଜକନା ଓ ତୁଳା ସାହାଯ୍ୟରେ ଦାନ୍ତ ଘଷା ହେଉଥାଏ । ମିଶିରିପାଣି ଦେବାକୁ ମନାକଲେ । ନିର୍ମାଲ୍ୟ ଦେବା ପାଇଁ କହିଲେ । ନିର୍ମାଲ୍ୟ ଟିକିଏ ପାଟିରେ ଦେଲି । ଆପେ ଦୁଇହାତ ଯୋଡ଼ି ଭଗବନ୍ନାମ ସ୍ମରଣ କଲେ । ମୁହଁ ଅତି ପ୍ରସନ୍ନ ଦେଖାଯାଉ ଥାଏ । ମୋତେ ଅତି ସନ୍ତୋଷରେ ଚାହିଁଲେ । କହିଲେ, "କୁନା ! ତୋ ହାତରୁ ନିର୍ମାଲ୍ୟଟିଏ ପାଇଲି ମୋର ଶେଷଇଚ୍ଛା ପୂର୍ଣ୍ଣ ହେଲା ।" ଅବଢ଼ା ତୋରାଣିରେ ନିର୍ମାଲ୍ୟ ମିଶା ମିଶିରିପାଣି ଗୋଳାଇ ଟିକିଏ ଦେବାକୁ ନିର୍ଦ୍ଦେଶ କଲେ । ତାହାହିଁ ହେଲା ।

ମୋତେ ତିଥି କଣ ବୋଲି ପଚାରିଲେ । କାର୍ତ୍ତିକ ଶୁକ୍ଳ ଏକାଦଶୀ (ବଡ଼ ଏକାଦଶୀ) ବୋଲି କହିଲି । ଆନନ୍ଦ ପ୍ରକାଶ କଲେ । ପାଞ୍ଜି ପାଖକୁ ଆଣିବାକୁ କହିଲେ । କେତେ ଦଣ୍ଡ ଏକାଦଶୀ ଅଛି ବୋଲି ପଚାରିଲେ । ୨୫ ଦଣ୍ଡ ୩୨ ପଳ ଅଛି ବୋଲି କହିଲି । "ସନ୍ଧ୍ୟାବେଳଯାଏଁ ଅଛି ପରା !" ସନ୍ଧ୍ୟା ପାଞ୍ଚଟା ଯାଏ ଅଛି ବୋଲି ମୁଁ କହିଲି ।

GPNanda Colln., Digitized by srujanika@gmail.com

ତା ପରେ ସମସ୍ତଙ୍କୁ ଏକାବେଳକେ ପାଖକୁ ଡାକିଲେ । ତାଙ୍କ ନିର୍ଦ୍ଦେଶ ମତେ ସମସ୍ତେ ବୃତ୍ତାକାରେ ଘେରିକରି ବସିଲୁ । ବୋହୂକୁ ମଝି ବସାଇଲେ । ବୋହୂ ଏକା ଅସିବାରୁ ପୁଅକୁ ଆଣିକରି ଆସେ ବୋଲି କହିଲେ । ପୁଅକୁ ଅଣିବାରୁ ତା ଉପରେ ଟିକିଏ ହାତ ବୁଲାଇଲେ । ପୁଣି ପୁଅକୁ ତାଙ୍କ ଗୋଡ଼ ଉପରକୁ ନେବାକୁ ନିର୍ଦ୍ଦେଶ ଦେଲେ । ତାହାହିଁ ହେଲା । ପୁନର୍ବାର ଯେତେବେଳେ ମୋତେ ଡାକିକରି କହିଲେ, "କୁନା ତୋ ପାଇଁ କେତେ ଦୁଃଖ ହୋଇ ନେଇ ଗଲା ।" ଏତିକି ମୁଁ କହିଁ କହିଁ ହୋଇ କାନ୍ଦିକାଇ ପୁଅକୁ ତାଙ୍କ ଉପରୁ ଅଣିଲି । ନନାଙ୍କ ଜାଣନ୍ତରେ ଏ ପର୍ଯ୍ୟନ୍ତ ମୁଁ କାନ୍ଦ ନ ଥିଲି । ନନା ମୋ କାନ୍ଦିବାର ଦେଖି କହିଲେ, "କୁନା, ତୁ କାନ୍ଦୁଛୁ ? ଏମାନଙ୍କୁ କିଏ ଚଳାଇବ ?" ବୋହୂକୁ ଡାକି କହିଲେ, "କୁନା, ତୋର ଅଗସ୍ତ୍ୟ । କେବେହେଲେ ହରାଦର କରିବୁନି ? ବେଶି କାଦ ପାଉଲେ ମୁଁ ଦୁଇ ମିନଟ ବାହାରକୁ ପଳାଇଯାଏ । ବଗିଚାର ଗୋଡ଼ ଅଉଁସୁଥାଏ । ନନା କେତେ ବେଳେ ଭିତରୁ ଟପଟ ଭିତରେ କଣ ହୋଇ ଯାଉଛି । ବଇଦା ଗିଠି ଚପିଦେଲେ ତାଙ୍କୁ ଭଲ ସୁଖଲାଗେ । ବଇଦା ସେ କାର୍ଯ୍ୟ କରୁଥାଏ ।

ସମସ୍ତ କପଟ ଚଞ୍ଚଳ ଖା'ପିଅ ସାରିବୁ ବୋଲି ନନା ଖୁବ୍ ଜିଦ୍ ଧରିଥାନ୍ତି । ଏମଧ୍ୟରେ କଟକରେ ଥିବା ଗ୍ରାମବାସୀଙ୍କୁ ଖବର ଦେଇଥାଏ । ଅତେମ ଖାଇସାରିବା ବେଳକୁ ଅଗାଧ ମହାପାତ୍ରେ ଅସିଲେ । ମହାପାତ୍ରଙ୍କୁ ପାନ ଦେବାକୁ ନିର୍ଦ୍ଦେଶ ଦେଇ ତାଙ୍କୁ ଟୋକିଏ ଅଣିବାକୁ କହିଲେ । ପାତ୍ରରେ ମହାପ୍ରସାଦ ତୋଡ଼ାଣି ତାଙ୍କ ପାଟିରେ ଦେବାକୁ କହିଲେ । ମୁଁ ଦେଉନଥାଏ,

GPNanda Colln., Digitized by srujanika@gmail.com

ମୂର୍ତ୍ତିରେ ଗାମୁଛା ଦେଇ କାନ୍ଦୁଥାଏ । ମହାପାତ୍ରେ କହିଲେ, "ଆଜ କାଲ ସମ୍ଭବ ନାହିଁ । ମୁଁ ଅଗ ଦେଉଛି ।" ସେ ଅଗ ଦେଲେ ମୁଁ ମଧ୍ୟ ଦେଲି । ତା ପରେ ସମସ୍ତଙ୍କୁ ଡ଼ାକି ପାତ୍ରରୁ ମାଟି ଦେବାକୁ କହିଲେ, ସମସ୍ତେ ଦେଲେ । ବୋଉ ମଧ୍ୟ ଦେଲା । ସ୍ୱର ଅତ୍ୟନ୍ତ ଅସ୍ପଷ୍ଟ ହେଉଥାଏ । ସେ ନିଜେ ମଧ୍ୟ ଆଉ କଥା କହି ପାରିବେନି କହିଲେ । ଏକଥା ବି କହିଲେ ଯେ ତୁମେ ଯାହା କହୁଛ, କରୁଛ ସବୁ ଜାଣୁଛି । ମାତ୍ର ଆଉ କହିପାରିବି ନାହିଁ । ଚନ୍ଦ୍ର କକେଇ ତାଙ୍କ ପିଲାଙ୍କୁ ଓ ଖୁଡ଼ୀଙ୍କୁ ଧରି ଆସି ପହଞ୍ଚିଲେ ।

ପ୍ରତିଦିନ ମୋ ଭଉଣୀ ନିଶା ରାମାୟଣ ପାଠ କରେ । ନନା ଶୁଣନ୍ତି । ସେ ଦିନ ମଧ୍ୟ ନିଶାକୁ ଡ଼କାଇଲେ । ମାତ୍ର ନିଶା ବହି ଧରି ବସିଲା ସିନା, ଖାଲି କାନ୍ଦିଲା । ମୋଟେ ବୋଲି ପାରିଲା ନାହିଁ । ଏ ମଧ୍ୟରେ ଭଣ୍ଡି କକେଇ (ଅଗାଧୁ ମିଶ୍ର) ଆସିଲେ । ସେ କବିରାଜ । ତେଣୁ ନାଡ଼ି ଦେଖିଲେ । ପୂର୍ବଦିନ ମଧ୍ୟ ସେ ନାଡ଼ି ଦେଖିଥିଲେ । ମୁଁ ପାଞ୍ଚଦାନ ଦେବା ପ୍ରସ୍ତାବ ଗୁପ୍ତରେ ତାଙ୍କୁ କହିଲେ । ସେ ମନା କରିଥିଲେ । କହିଲେ ସେପରି ଦୁର୍ବଳତା ନାଡ଼ିରେ ଦେଖୁନି । ଆଜିମଧ୍ୟ ଭଣ୍ଡି କକେଇ କହିଲେ ତଥାପି ନାଡ଼ି ଦମ୍ଭ ଅଛି । ଚନ୍ଦ୍ର କକେଇ ଓ ଭଣ୍ଡି କକେଇ ନନାଙ୍କୁ ପାଞ୍ଚଦାନ ଦେବା କଥା ପଚାରିଲେ । ନନା ସମ୍ମତି ପ୍ରଦାନ କଲେ, ସଙ୍ଗେ ସଙ୍ଗେ ସବୁ ଜିନିଷ ଯୋଗାଡ ହେଲା । ମାତ୍ର ଗୀତା ଖଣ୍ଡିକ ଖୋଜୁ ଖୋଜୁ ଚନ୍ଦ୍ର କକେଇ ମୋତେ ତଦ୍ରା କରି ପକାଇଲେ । କହିଲେ, ନିଃଶ୍ୱାସର ପରିବର୍ତ୍ତନ ଜଣାପଡୁଛି । ଶୀଘ୍ର ଆଣ । ନ ହେଲେ ଆ ।

ପାଞ୍ଚଦାନ କର୍ମଶେଷରେ ମୁହୂର୍ତ୍ତିକ ପରେ ଗୋଟିଏ ହେଙ୍କା ଉଠିଲା । ତା ପରେ ପରେ ଆଉ ଯୋଡ଼ିଏ ହେଙ୍କା ଉଠିଲା । ପାଟିରୁ

GPNanda Colln., Digitized by srujanika@gmail.com

କାଲି ଟିକିଏ ବାହାରି ପଡ଼ିଲା । ଆମ୍ଭମାନଙ୍କ ଆଡ଼କୁ ଚାହିଁଛନ୍ତି । ସେତେବେଳକୁ ଦିନ ୧୨ଟା ବାଜିଲାଣି । ଶେଷ ହିକ୍କାରେ ପ୍ରାଣବାୟୁ ଉଡ଼ିଗଲା । ପ୍ରଥମ ହିକ୍କା ପୂର୍ବରୁ ସମସ୍ତେ ଆସି ରୁଣ୍ଡ ହୋଇଥାଉ । ଯେତେବେଳେ ଚନ୍ଦ୍ରକଳେଇ ପ୍ରକାଶ କରିଦେଲେ ଯେ ସବୁ ସରିଗଲାଣି । ଆଉ କାହାରି କାନ୍ଦ ସମ୍ଭାଳି ହୋଇପାରିଲା ନାହିଁ !

ବୋଉ ସଙ୍ଗେ ସଙ୍ଗେ ଅଚେତ ହୋଇ ପଡ଼ିଗଲା । ନଣା ଓ ତା ଭଉଜ ଅନ୍ୟ ବଖରା ଭିତରକୁ ପଶିଯାଇ ବୋବାଳି ଛାଡ଼ିଲେ । କୁନା ଓ ବଇଦା ଦୁଇ ଦୁଆରବନ୍ଧକୁ ଧରି କଇଁ କଇଁ ହୋଇ କାନ୍ଦୁଥାନ୍ତି । ମୁଁ ଦିନୁକୁ କୁଣ୍ଢାଇକରି ଧରି ନନାଙ୍କ ପାଖରେ ବସି କାନ୍ଦିଲି । ଚନ୍ଦ୍ରକଳେଇ ଓ ଭଣ୍ଡିକଳେଇ ଅନେକ ବୁଝାଶୁଝା କଲେ । ମାତ୍ର ଘଣ୍ଟାଏ ବିତିଗଲା କାନ୍ଦ ବୋବାଳି ବନ୍ଦ ହେଲାନାହିଁ ।

ଚଞ୍ଚଳ କିପରି ମୁର୍ଦ୍ଦାର ଉଠିବ ? ମୁଁ ନିଜେ ନଗଲେ କାହାକୁ ଡାକିବ କିଏ ? ଦିନୁକୁ କୁନା ପାଖରେ ଛାଡ଼ିଦେଇ ସାଇକେଲ୍ ଧରିଲି । କୁନା କାନ୍ଦକାନ୍ଦ କହୁଥାଏ, "ଭାଇନା ତୁମେ କୁଆଡ଼େ ଯାଉଛ ।" ମୁଁ ବାହାରିଲି । ଚନ୍ଦ୍ରକଳେଇ ମନା କରିଥାନ୍ତି ବାଟରେ କାନ୍ଦି କାନ୍ଦି ଯିବୁନି । ଯାହାକୁ ଡାକିବେ ତାକୁ ମଧ୍ୟ ଅନୁରୋଧ କରୁଥାଏ ପାଞ୍ଚ ଦଶ ଟଙ୍କା ସଙ୍ଗରେ ଆଣିଥାଅ । ମୋ ପାଖରେ ମୋଟେ ଟ ୨୲ ଥାଏ । ଅଗାଧୁ ମହାପାତ୍ରେ ଟ ୧୦୲ ଓ ଚନ୍ଦ୍ରକଳେଇ ଟ ୧୦୲ ଆଣିଦେଲେ । ବଳରାମ ବାବୁ ବଡ଼ାଏ ନୋଟ୍ ଯାଚିଲେ । କିନ୍ତୁ ଟ ୧୫୲ ମାତ୍ର ଆଣିଲି । ସେ ବିଚରା ଦୋକାନରୁ ଫେରି ନଖାଇ ମୁର୍ଦ୍ଦାର ଯିବାର ବନ୍ଦୋବସ୍ତ କରାଇଲେ । ରଘୁକୁ ନନା ପୂର୍ବରୁ କହିଥିଲେ, ତା ହାତରେ

GPNanda Colln., Digitized by srujanika@gmail.com

ନିଆଁ ପକାଇବାକୁ । ସେ ଅଗଭତ୍ ହୋଇ ବାହାରିଲେ । ଭଣ୍ଡି ଲଟେଇ, ଅଗାଧ ମହାପାତ୍ରେ ଓ ଅନ୍ୟଜଣେ ପରିଚିତ ଲୋକ ମିଶି ମୁର୍ଦ୍ଦାର ଧରିଲେ । ପନ୍ତୁ ଶ୍ରାଦ୍ଧସାମଗ୍ରୀ ଧରି ମୁଁ ଅଗରେ ଚାଲିଲି । ଧାଣିଗ୍ରାହୀ ହରିକୁ ଘରେ ପିଲଙ୍କୁ ଜଗାଇ ଦେଇଥାଏ ।

"ରାମନାମ ସତ୍ୟ" ଉଚ୍ଚାରଣ କରି ଖଟବିନ୍ ସାହି ବସାରୁ ସିଧା ସଲଖ ଚାଲିବଜାର ଦେଇ ଗଣେଶଘୋଟରେ ନଈକୂଳରେ ପହଞ୍ଚି ଖାନ୍ ନଗରକୁ ଚାଲିଲୁ । ଚନ୍ଦ୍ରକଟେକ ମଧ୍ୟ ସଙ୍ଗେ ସଙ୍ଗେ ଶ୍ମଶାନରେ ପହଞ୍ଚିଲେ ଓ ପନ୍ତୁ ଶ୍ରାଦ୍ଧକର୍ମ କରାଇଲେ । ମୁଁ ମୁଖାଗ୍ନି ଦେଇ ଫେରିଲାବେଳକୁ ସନ୍ଧ୍ୟା । ହରିକୁ ପଠାଇଲି ମାଲ ଭାଇଙ୍କର ଶୀତଳ ଯୋଗାଡ଼ କରିବା ପାଇଁ । ବୋଉ ଆଉ କାନ୍ଦ ନପାରି ନିସ୍ତେଜ ହୋଇ ପଡ଼ିଗଲଣି । ପିଲମାନେ ସନ୍ତ୍ରସ୍ତ ଭାବରେ ଏକଜ ବସିଛନ୍ତି । ଧନୁ ମୋ ଉପରକୁ ଢେଙ୍କିପଡ଼ି ପଚାରିଲା, "ବଡ଼ ଭାଇନା ! ନନାଙ୍କର ଦେହ କଣ ହୋଇଥିଲା ବୋଲି ଔଷଧ ଖୁଆଉଥିଲ ? ମରିଗଲେ କାହିଁକି ? ପୁଣି ଭଲ ହେବେଟିକି ?" ଏ ପ୍ରଶ୍ନର ଉତ୍ତର ଅଜ ତୁଣ୍ଡରେ ଦେଇ ପାରିଲି ନାହିଁ । ତାକୁ କୋଡ଼ରେ ଧରି ବସି କାନ୍ଦିଲି ମାତ୍ର । ଶୁଣିଲି ଧନୁ ଯୁଆ ଦୂବଙ୍କୁ ଭଉଜଙ୍କୁ କହୁଥାଏ, "ନନା ମରିଗଲେରୁ ବଡଭାଇନା ମଶାଣିକୁ ନେଇଗଲେ । ବୋଉ କାନ୍ଦୁଛି କଆଁ ? ଆ, ଆମର ଖାଇବା । ବୋଉ ନ ଖାଇଲେ ନାହିଁ ।"

ସନ୍ଧ୍ୟାକୁ ଅଫିସରୁ ଦରମା ଟଙ୍କାତକ ପଠାଇ ଦେଲେ । ମନରେ ପଇସା ବିଷୟରେ ଟିକିଏ ଦମ୍ଭ ଆସିଲା । ଯଥାରୀତି କରି ଜିନିଷପତ୍ର ଦ'ଖଣ୍ଡ ବନ୍ଧାବନ୍ଧି କରି ରାତିଟି ବାହାରେ ପିଣ୍ଡାରେ କଟାଇଲୁ । ରାତି ଥାଉଁ ହରି ପିଲଙ୍କୁ ନେଇ ଷ୍ଟେସନ ଗଲା ।

GPNanda Colln., Digitized by srujanika@gmail.com

ମୁଁ ଅସ୍ଥି ନେଇ ଷ୍ଟେସନ୍ ଗଲି । ଗାଡ଼ି ଯାଇ ବୀରପୁରୁଷୋତ୍ତମପୁର ପାଖରେ ହେଲା । ମୁଁ ଯେତେ ଚେଷ୍ଟା କଲେ ମଧ୍ୟ ଆଖିରେ ଲୁହ ରହୁଲା ନାହିଁ । ନନାଙ୍କର ସେତେବେଳକୁ ଏକମାତ୍ର ଜୀବିତ ଭଉଣୀ ଦୁଃଖିନାମା ପ୍ରତି ଓ ଅଗାଧୁ ଭାଇନାଙ୍କ ପ୍ରତି ଅତିରିକ୍ତ ସ୍ନେହ । ଅପରେସନ୍ ପରେ ସେ ଗାଁକୁ ଆଉ ନଯାଇ ଆଉ ବୀର ପୁରୁଷୋତ୍ତମପୁର ଯାଇଥିଲେ ।

ସାକ୍ଷୀଗୋପାଳରେ ଓହ୍ଲାଇ ହରି ଆଉ ଜନାର୍ଦ୍ଦନ କୁଲି ହାଣ୍ଡି ନେଇ ଗାଁକୁ ଚାଲିଗଲା । ପିଲାଙ୍କୁ ଧରି କୁନା ପଛେ ପଛେ ଗଲା । ବୋଉ ମୋଟେ ଚାଲିପାରୁ ନଥାଏ । ମୁଁ ଅସ୍ଥି ଧରିଥାଏ । ମୁଁ ବୋଉକୁ ସାଙ୍ଗରେ ଧରି ଗଲି । ହରି ଆଗରେ ଯିବାଦ୍ୱାରା ଗାଁ ଲୋକେ ଆଉ ଖବର ପାଇଗଲେ । କେହି କେହି ଖଣ୍ଡେ ବାଟ ଚାଲି ଆସିଲେ । ସ୍ତ୍ରୀଲୋକମାନେ ବୋଉକୁ ଓ ପିଲାମାନଙ୍କୁ ଆଶ୍ୱାସନା ଦେଇ ନେଲେ । ମୋତେ ମଧ୍ୟ ଆଶ୍ୱାସନା ଦେଇ କେତେଜଣ ସାଙ୍ଗରେ ନେଲେ ।

ନନାଙ୍କ ସମବୟସ୍କ ସଙ୍ଗୀ ନାରଣ ମିଶ୍ରେ ଓ ଅଗାଧୁ ମିଶ୍ରେ ବାଟରେ ଦେଖା ହେଲେ । ସେ କହିଲେ, "ଆମ ସାଙ୍ଗ ମଧ୍ୟରୁ ଅନ୍ୟ ଜଣେ ଚାଲିଗଲା । ସେଠା ମାଟି କିଣିଥିଲା ସେ । ଦିନ ଦିନରୁ ଦିନେ, ତିନି ପକ୍ଷରୁ ପକ୍ଷେ ଓ ତିନି ମାସରୁ ମାସେ ପାଇଲା ।" କିଛିକ ପରେ ଗ୍ରାମର ରଘୁନାଥ ବାବୁ ଦେଖାହୋଇ କହିଲେ, "ତୁମ ପରି ପୁଅ ଥୋଇ କେଡ଼େ ବଡ଼ ଦିନରେ ସ୍ୱର୍ଗାରୋହଣ କଲେ । ଆଉ ଦୁଃଖ କାହିଁ ?"

ଅସ୍ଥି ସଂରକ୍ଷଣ କରି ଆସିଲା ବେଳକୁ ଘରେ କାନ୍ଦ ବୋବାଳି ପଡ଼ିଥାଏ । ଚନ୍ଦ୍ରା ବାପା ଓ ଜଟିଆଙ୍କୁ ପହିଲି ପିଠା

GPNanda Colln., Digitized by srujanika@gmail.com

କପଟି ହେବ ସେ ଘର ଦେଲ । ପ୍ରତି ମୁହୂର୍ତ୍ତରେ ଭକ୍ତକୁ କୋହ ଉଠୁଥାଏ । କାରଣ ଗାଁରେ ୧୨ ଘରେ ପ୍ରତ୍ୟେକଙ୍କଠାରେ ନନାଙ୍କ କୃତି ତାଙ୍କ ସ୍ମୃତି ଜାଗରୂକ କରାଉଥାଏ । ମାତ୍ର ପିଲାମାନେ ବରାବର ସାଙ୍ଗରେ ଥାନ୍ତି । ତେଣୁ କାନ୍ଦକୁ ରୋକିଥାଏ । ପିତାର ଯୋଗାଡ଼ ହୋଇଗଲା । ରଞ୍ଜନାର ପିଲା କଞ୍ଚାଳ ସଙ୍ଗେ ପ୍ରତିଦିନ ହବିଷ୍ୟର ଯୋଗାଡ଼ କରି ଆପଙ୍କୁ ଖାଇବାକୁ ଦିଏ ।

ଡାକ୍ତର ମହାଦେବ ମିଶ୍ର, ଗାଁର ବ୍ୟବସାୟୀ ହୃଷୀକେଶ ମିଶ୍ର (ହରିଆ ଭାଇନା) ପ୍ରଭୃତି ଟଙ୍କା ଓ ଜନଶକ୍ତର ଯୋଗାଡ଼ କରି ମୋ ନନାଙ୍କ ପୂର୍ବ ନିର୍ଦ୍ଧାରିତ ନିର୍ଦ୍ଦେଶ ମତେ ଶୁଦ୍ଧିକ୍ରିୟା ଯଥାରୀତି ସମ୍ପନ୍ନ ହେଲା । ଜନୈକ ଅଭାବରୁ ମିଶ୍ରିରେ ଶୀଘ୍ର ମଧ୍ୟ ହେଲା । ନନାଙ୍କର ପ୍ରିୟ ସଙ୍ଗୀ ଗୋପୀ ଜେଜେଇ ମହାପ୍ରସାଦ ଆଣିବାର ଦାୟିତ୍ୱ ନେଲେ । ଅଗାଧୁ ଭାଇନା ଭଜେନା ହେଲେ ମଧ୍ୟ ପୁରୋହିତ କାର୍ଯ୍ୟ ଓ ଆର୍ଥିକ ସାହାଯ୍ୟ କଲେ । ସମସ୍ତ ଗ୍ରାମବାସୀ ଏକାନ୍ତ ପରିବାରର ଲୋକ ପରି ସବୁମତେ ସାହାଯ୍ୟ ସହାନୁଭୂତି ଦେଖାଇ ଶୁଦ୍ଧିକ୍ରିୟା ସବିଧିରେ ସମାପନ କଲେ ।

ସ୍ମରଣ

"ତ୍ରିଭିର୍ମାସୈଃ, ତ୍ରିଭିର୍ପକ୍ଷୈଃ, ତ୍ରିଭିର୍ଦିନୈଃ"

ବର୍ଷକ ମଧ୍ୟରୁ ଧର୍ମମାସ ତିନୋଟି ।

କାର୍ତ୍ତିକ, ମାଘ, ବୈଶାଖ । ଏ ମଧ୍ୟରେ କାର୍ତ୍ତିକ ସର୍ବଶ୍ରେଷ୍ଠ । ଏହି ତିନିମାସରେ ଶୁକ୍ଳପକ୍ଷ ତିନୋଟି ପ୍ରଶସ୍ତ । ପୁଣି ଏକାଦଶୀ ତିଥିଟି ସର୍ବଶ୍ରେଷ୍ଠ ଦିନ । ତେଣୁ ନନାଙ୍କ ମୃତ୍ୟୁ ଦିବସ ତିନୋଟିଯାକ ଶ୍ରେଷ୍ଠତ୍ୱ ପ୍ରାପ୍ତି ହୋଇଅଛନ୍ତି । ପୁଣି ଦିନ ବେଳ,

GPNanda Colln., Digitized by srujanika@gmail.com

ବର୍ଷାକାଳ ହେଲେ ମଧ୍ୟ ବର୍ଷା ନାହିଁ । ପ୍ରସନ୍ନ ବଦନ ଓ ବିସ୍ଫାରିତ ନେତ୍ରରେ ପରଲୋକ ଗମନ କରିଛନ୍ତି ।

ଚରିତ୍ର

"ଥିଲେ ଥାଉ ପଛେ ଗୁଣ ହଜାର ।
ଚରିତ୍ର ନଥିଲେ ସବୁ ଅସାର ॥"

ନନା ଜଣେ ଆଦର୍ଶ ଚରିତ୍ରବାନ୍ ଲୋକ ଥିଲେ । ସାଧାରଣ ସଂସାର ମଧ୍ୟରେ ଏତାଦୃଶ ଆଦର୍ଶ କ୍ୱଚିତ ପରିଲକ୍ଷିତ ହୁଏ । ମହାତ୍ମାଗାନ୍ଧି କହିଛନ୍ତି, "ନିଜର ଦାୟାଦମାନଙ୍କ ପ୍ରତି ଛାଡ଼ି କରୁ ରଖାଯିବାର ଥାଏ ତାହା ନିଜର ଉତ୍ତମ ଚରିତ୍ର । ଧନ ସମ୍ପଦ ନୁହେଁ ।" ଏହା ଅକ୍ଷରେ ଅକ୍ଷରେ ନନାଙ୍କ ଜୀବନରେ ପରିଦୃଷ୍ଟ ହୁଏ । କୌଣସି କ୍ଷେତ୍ରରେ ଆଦର୍ଶରୁ ଟଳେ ହେଲେ ବିଚ୍ୟୁତ ହୋଇ ନାହାନ୍ତି । କୁଳୋଚିତ ପରମ୍ପରା ନିରବରେ ରକ୍ଷା କରିଛନ୍ତି । ଅଭାବରେ ପଡ଼ି କେବେହେଲେ ସ୍ୱଭାବ ନଷ୍ଟ କରି ନାହାନ୍ତି ।

ବୈଷୟିକ ଧନ୍ଦା

"ବୃତ୍ତ୍ୟର୍ଥଂ ନାତି ଚେଷ୍ଟେତ ସାହି ଧାତ୍ରୈବ ନିର୍ମିତା ।"

ନନା ଦୁଇ ପ୍ରକାରରେ ନିଜର ଧନ୍ଦା ଚଳାଉଥିଲେ । ପ୍ରଥମ ହେଉଛି କୃଷି ଓ ଦ୍ୱିତୀୟ ହେଉଛି ଯାଜୀ ବ୍ୟବସାୟ । ମାତ୍ର ପଇସା ଲୋଭରେ କେବେ କୃଷିକୁ ନ୍ୟୂନ ସ୍ଥାନ ଦେଇ କୃଷି ସମୟରେ ଯାଜୀ ବ୍ୟବସାୟ କରିନାହାନ୍ତି । କ୍ଷେତ୍ର ଖଳାବାଡ଼ିକୁ ଆଣିସାରି

GPNanda Colln., Digitized by srujanika@gmail.com

ଯାନ୍ତ୍ରୀ ବ୍ୟବସାୟରେ ବଦେଶ ଯାନ୍ତା କରନ୍ତି । ମାତ୍ର ଧାନବୁଣା ପୂର୍ବରୁ ଆସି ପୁଣି କୃଷି କାର୍ଯ୍ୟରେ ଲାଗିଯାଆନ୍ତି । ତାଙ୍କ କୃଷି କେବଳ ଧାନ କୃଷିରେ ସୀମିତ ନଥିଲା । ସେ ପ୍ରାୟ ପ୍ରତ୍ୟେକ ବିଷୟରେ ଆତ୍ମନିର୍ଭରଶୀଳ ଥିଲେ । ଧାନ କୃଷି ସାଙ୍ଗକୁ ନଡ଼ିଆ ଗୋରଡ଼ା, ପରିବାକୃଷି, ବାଇଁଶ, ରବି, ଝୋଟ, କଦଳୀ ପର୍ଯ୍ୟନ୍ତ କରୁଥିଲେ । ନିଜର ସ୍ୱଳ୍ପ ଆୟ ଓ ପରିମିତ ଜମିରେ ଯଥା ସମ୍ଭବ ସମସ୍ତ ପ୍ରକାର ଫସଲ କରନ୍ତି । ଇଞ୍ଚେ ଜମି ପଡ଼ିଆ ରଖନ୍ତି ନାହିଁ । କୃଷିର ସମସ୍ତ ଉପକରଣ କୃଷିରୁ ସଂଗ୍ରହ କରନ୍ତି । ଦୈବୀ ଦୁର୍ବିପାକ ନ ପଡ଼ିଲେ କୌଣସି କୃଷିରେ ସେ ନିଷ୍ଫଳ ହୋଇ ନଥିଲେ । ତାଙ୍କ ଅବହେଳାରୁ କୌଣସି ଖେତରେ କ୍ଷତଗ୍ରସ୍ତ ହେବା କେବେହେଲେ ଦେଖାଯାଇ ନାହିଁ । ଏହା ବୋଲି ଯେ କେବଳ ସଦାସର୍ବଦା ସ୍ୱକର୍ମ ନିରତ ଥାଇ ସାମାଜିକ କର୍ତ୍ତବ୍ୟ ଓ ପାରଲୌକିକ କର୍ତ୍ତବ୍ୟରେ ହେଳା କରୁଛନ୍ତି ଏପରି ନୁହେଁ । ପରବର୍ତ୍ତୀ ବିଷୟମାନଙ୍କରୁ ସେ କିପରି ଚଉଅଁଶିଆ (all round figure) ଥିଲେ ଜଣାପଡେ । ତାଙ୍କପରି ଅଧ୍ୟବସାୟୀ ଏବେ ପର୍ଯ୍ୟନ୍ତ ଗାଁରେ ଦେଖାଯାଇ ନାହାନ୍ତି ।

ଯାନ୍ତ୍ରୀ ବ୍ୟବସାୟରେ ମଧ୍ୟ ସେ କେବେ ମିଛାଶ୍ରୟ କରି ନାହାନ୍ତି । ଚୁକ୍ତି ଅନୁସାରେ ନିଜର ଏକ ତୃତୀୟାଂଶ ଭାଗ ଆଣନ୍ତି । ଯାନ୍ତ୍ରୀ ଆସିଲେ ସବୁ ପଣ୍ଡାକୁ ଧରାଇ ଦେଇ ନିଜେ ଗାଁକୁ ଆସନ୍ତି । ବଦେଶରେ ଥିବା ଜମିର ଆୟ ପଣ୍ଡାକୁ ଦେଇ ନିଜର ଭାଗଟି ତା ଠାରୁ ଆଣନ୍ତି । ପଣ୍ଡା ନିଜେ ପରୀକ୍ଷା କରିବା ପାଇଁ ଗୁମାସ୍ତା ସାଙ୍ଗରେ ନେଇ ଖେତ ଉପରେ ଯାଞ୍ଚ କରାଇ କେତେ ବାର ଅପଦସ୍ଥ ହୋଇ ଆସିଛନ୍ତି । ସେହିବର୍ଷ ନିଜ ଯିବାକୁ ଅନିଚ୍ଛା ପ୍ରକାଶ

GPNanda Colln., Digitized by srujanika@gmail.com

କରନ୍ତୁ ସେ ବର୍ଷ ପଣ୍ଡା ଜଣେ ଅମ୍ଭ ଗାଁକୁ ଆସି ଅନୁନୟ କରି ପଠାଏ । ନନା ମହାପ୍ରୟାଣର ୧୦ ବର୍ଷ ପୂର୍ବରୁ ବିଦେଶ ଗମନ ବନ୍ଦ କରିଦେଲେ । ପଣ୍ଡା ମୋତେ ମଧ୍ୟ ବିଦେଶ ଯିବା ପାଇଁ ପ୍ରବର୍ତ୍ତାଇଲେ । ଉପରୋକ୍ତ ଅର୍ଥ ବାକ୍ୟକୁ ମାନି ନନା ବୃତ୍ତି ପାଇଁ ଅଧିକ ଚେଷ୍ଟା କରୁ ନଥିଲେ । ସଂସାର ମାୟା ନିର୍ବାହ ପାଇଁ ଯେତିକି କ୍ରୋଧ ଓ ସ୍ୱାର୍ଥପରତା ଦରକାର ତାହା ସୀମା ଟପୁ ନଥିଲେ । ଲୋକଙ୍କ ଦ୍ୱାରା ସମାଲୋଚିତ ହେବାଭଳି କୌଣସି ଦୃଷ୍ଟାନ୍ତ କେବେ କରି ନାହାନ୍ତି ।

ଆତ୍ମନିର୍ଭରଶୀଳତା

"Know something of everything and everything of something."

ସାଂସାରିକ ଜୀବନରେ କେବେହେଲେ କୌଣସି ବିଷୟରେ ନନାଙ୍କର ଅଜ୍ଞତା ଦୋଷ ପରିଲକ୍ଷିତ ହେଉ ନଥିଲା । ପ୍ରତ୍ୟେକ ବିଷୟରେ କିଛି ନା କିଛି ଜ୍ଞାନହାସଲ କରିଥିଲେ । ଏପରିକି ବଢେଇ, ନାହାକ, ପୁରୋହିତ ମଧ୍ୟ ତାଙ୍କୁ ଠକିଦେବାକୁ ସାହସ କରୁ ନାହାନ୍ତି । "ଆରେ ରେ, ଯେତେବେଳେ ହେଁ" ଏଇ ମତରେ କୌଣସି କାର୍ଯ୍ୟରେ ହଜାଇ ନାହାନ୍ତି । ଦରକାର ପଡ଼ିଲେ ଘରେ ମାଇପୀ କାମଠାରୁ ଦାଣ୍ଡରେ କୃଷି କସରତ ପର୍ଯ୍ୟନ୍ତ ସବୁ ବିଷୟରେ ପାରଙ୍ଗମ ଥିଲେ । କୌଣସି ବିଷୟରେ ପର ନିର୍ଭରଶୀଳ ନଥିଲେ । ଘରକୁ ଏପରି ଭାବରେ ସଜ୍ଜିତ ଓ ଶୃଙ୍ଖଳିତ କରି ରଖିଥିଲେ ଯେ ତାଙ୍କ ଜୀବଦ୍ଦଶାରେ କେବେହେଲେ ସ୍ତ୍ରୀଲୋକମାନେ କୌଣସି ଜିନିଷ ସାଇପଡିଶାକୁ ମାଗିବା କିବା ଧାର କରିବା

GPNanda Colln., Digitized by srujanika@gmail.com

ଦେଖାଯାଇ ନାହିଁ । ନନା ନିଜେ କେବେ ପଇସା ଧାର ବ୍ୟକ୍ତିଙ୍କ ଜନଙ୍କ ଧାର କରି ନାହାନ୍ତି । ଆଜ ମଧ୍ୟ ଅର୍ଥ ବିଳାସୀ ନହୋଇ ବସ୍ତୁ ବିଳାସୀ ଥିଲେ । ସେଥିପାଇଁ ଆମ୍ଭେମାନେ କୌଣସି ଘରକରଣା ଜିନିଷର ଅଭାବରୁ ଅସୁବିଧା ଭୋଗ କରୁନାହୁଁ କିମ୍ବା କରିବୁ ନାହିଁ । ହାଟ ବଜାର ଉପରେ ଖୁବ୍ କମ୍ ନିର୍ଭର କରୁଥିଲେ । ଜିନିଷ କିଣିବାରେ ପ୍ରତିଦିନ ନିଜର ବହୁମୂଲ୍ୟ ସମୟ ନଷ୍ଟ ନକରି ମାସିକ ସଉଦା ଏକକାଳୀନ ସାଇତି ରଖୁଥିଲେ । ସେଥିପାଇଁ କେବେ ହେଲେ ମନ ଚିନ୍ତା ନଥାଏ । ତେଣୁ ଉତ୍ତମ ସ୍ୱାସ୍ଥ୍ୟ ଓ ଶୁଦ୍ଧମନ ଧାରଣ କରିଥିଲେ ।

ନିତ୍ୟକର୍ମ, ଶୌଚ ଓ ଧର୍ମନିଷ୍ଠା

"ଶମୋଦମ ସ୍ତପଃ ଶୌଚଂ କ୍ଷାନ୍ତି ରାର୍ଜବମେବ ଚ
ଜ୍ଞାନ ବିଜ୍ଞାନ ମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜଂ ।"

ନନାଙ୍କର ଶୌଚଗୁଣ ଓ ଧର୍ମକର୍ମ ନିଷ୍ଠା ଦେଖି ତାଙ୍କ ସାଙ୍ଗଲୋକେ ତାଙ୍କୁ 'ଠାକୁରେ' ବୋଲି ଡାକନ୍ତି । ନନା କହନ୍ତି ବ୍ରାହ୍ମଣ ଘରେ ଜନ୍ମହୋଇ ସନ୍ଧ୍ୟା, ତର୍ପଣ, ପୂଜା, ବୈଶ୍ୱଦେବ ନକଲେ ମହାପାପରେ ଭାଗୀ ହେବାକୁ ହୁଏ । ଶରୀର ଶୁଦ୍ଧି ଓ ଅନ୍ତଃଶୁଦ୍ଧି ହୁଏନାହିଁ । କଲେ କିଛି ପୁଣ୍ୟ ହୁଏ ନାହିଁ । କାରଣ ବ୍ରାହ୍ମଣର ନିତ୍ୟ ନୈମିତ୍ତିକ କର୍ତ୍ତବ୍ୟ ନ କଲେ ପାପ । ସ୍ନାନ ବାଦ ପ୍ରତିଦିନ ଶିବପୂଜା ଓ ସଂକ୍ଷିପ୍ତ ଅଭିଷେକ, ସନ୍ଧ୍ୟାରେ ଶିବ ଦର୍ଶନ ଇତ୍ୟାଦି ନିୟମିତ ଭାବରେ କରନ୍ତି । ତାହା ଏତେ ଆଗ୍ରହଶୀଳ ଓ ନିଷ୍ଠାର ସହିତ କରନ୍ତି ଯେ ବିଲବାଡ଼ି କାମରୁ ଆସିଲାବେଳକୁ ଯେତେ ଡେରି ହେଲେ ମଧ୍ୟ ସ୍ୱଳ୍ପମତ ସମସ୍ତ ନିତ୍ୟକର୍ମ ସାରିଲେ

GPNanda Colln., Digitized by srujanika@gmail.com

ଭୋଜନରେ ବସନ୍ତି । ସକାଳେ ଚୂନପତ୍ର ମଧ୍ୟ ମାଟିରେ ପକାନ୍ତି ନାହିଁ । କେବଳ ନସ୍ୟ ସେବନ କରନ୍ତି । ପେଟେ ବେଶି ହେଲେ ମଧ୍ୟ କେବେହେଲେ ଚରଚର ବା ଉଦ୍ଗାର ପ୍ରକାଶ କରନ୍ତି ନାହିଁ । ସମସ୍ତ କାର୍ଯ୍ୟ ସବଧିରେ କରନ୍ତି । ଏପରିକି ଥରଥରରେ ତେଲ ମଧ୍ୟ ଲଗାନ୍ତି ନାହିଁ । ବିଲରୁ ଆସିଲେ ଘରେ ଢାଳେ ପାଣିରେ ଗୋଡ଼ ଧୁଅନ୍ତି ନାହିଁ । ଗଡ଼ିଆରେ ଗୋଡ ଧୋଇ ଗାମୁଛାରେ ପୋଛନ୍ତି । ପବନ ମୁହଁରେ ଟିକିଏ ବସନ୍ତି । ତା ପରେ ମାଲପାଗିନା ଖୋଜନ୍ତି । ମାଲପା ପ୍ରଥମେ ଅଶ୍ବଥାମାଙ୍କ ନାମ ଧରି ତଳେ ପକାଇ ତା ପରେ ଟିକିଏ ନାଁକୁ କପାଳରେ ମାରନ୍ତି । ତା ପରେ ଗୋଡ଼ ବୁଢ଼ା ଅଙ୍ଗୁଠି ନଖରେ ତେଲ ପକାଇ ସର୍ବାଙ୍ଗେ ମାଲିସ୍ କରି ଲଗାନ୍ତି । ନନାଙ୍କର ସ୍ଥୂଳ ଶରୀର ହେତୁ ପିଠିକୁ ହାତ ପାଏନି । ତେଣୁ ପିଲାମାନଙ୍କ ହାତରେ ଟିକିଏ ଟିକିଏ ମାଲପା ଦିଅନ୍ତି । ସମସ୍ତେ ପିଠିରେ ଘଷନ୍ତି । ତା ପରେ ସେ ଢାଳ ଦେନି ଗାଧୋଇ ଯାନ୍ତି । ଏଠରେ ଆମେ କେହି ଫୁଲବାଟା ଇତ୍ୟାଦ ନେଉ ।

ନନା ବ୍ରାହ୍ମମୁହୂର୍ତ୍ତରୁ ଶଯ୍ୟାତ୍ୟାଗ କରନ୍ତି । ନାସଦାମାଟି ଅଣ୍ଟାରେ ଖୋସି ଫୁଲ ଚଙ୍ଗୁଡ଼ିଟିଏ ଧରି ଗାଁ ମୁଣ୍ଡ ବାଲୁକେଶ୍ବରଙ୍କ ଦର୍ଶନ ପାଇଁ ଚାଲି ଯାଆନ୍ତି । ତେଣେ ବହିଃକୃତ୍ୟାଦ ସାରି ନାନାଦି ପ୍ରକାରର ଫୁଲ ସଂଗ୍ରହ କରି, ବେଲପତ୍ର ଓ ଶମୀପତ୍ର ଆଣି ଘରେ ରଖନ୍ତି । ତା ପରେ ଗୁହାଳ କାମ, ଗାଈ ଦୁହାଁ ଇତ୍ୟାଦ କରି ବାଡ଼ିରୁ ପରିବାପତ୍ର ସଂଗ୍ରହ ମଧ୍ୟ କରିଦେଇ ଲୋକ ଡାକି ବିଲକୁ ଯାଆନ୍ତି । ବିଲରେ ମୂଲିଆ ଉଠାଯାଏ । ଲୋକଙ୍କ ସାଙ୍ଗରେ କାମ କରନ୍ତି । ଗାଧୋଇ ଯିବା କେବେ ୧୨ଟାରୁ କମ୍ ନୁହେଁ । କେବେ କେବେ ଭୋଜନ ସମୟକୁ ବେଳ ଗଡ଼ି ପଡ଼ିଥାଏ ।

GPNanda Colln., Digitized by srujanika@gmail.com

ଯେଉଁ ଫୁଲବଣ୍ଟାଟି ନେଇ ଗାଧୁଆ ତୁଠରେ ପହଞ୍ଚାଇବାକୁ ହୁଏ ତାହା ସଜକରିବା ପାଇଁ ପ୍ରାୟ ଏକଘଣ୍ଟା ଲାଗେ । ଲକ୍ଷଣଯୁକ୍ତ ବେଲପତ୍ର ଓ ସମୀପତ୍ର ଭେଙ୍ଗ ଛିଣ୍ଡା ହୋଇ ସୁସଜ୍ଜିତ ଭାବରେ ରଖାଯିବ । ଖୁବ୍ କମ୍‌ରେ ପାଞ୍ଚପ୍ରକାର ଫୁଲ ସଜ୍ଜିତ ହୋଇ ରହିବ । ରୁଦ୍ରାକ୍ଷ ମାଳ, କଞ୍ଚା ଚଣେସ ପତ୍ର, ନୈବେଦ୍ୟ, ଘୋରଚନ୍ଦନ, ଅରୁଆ ଚାଉଳ ଇତ୍ୟାଦ ସୁସଜ୍ଜିତ ହୋଇ ଯଥା-ସ୍ଥାନରେ ସେହି ବଣ୍ଟାରେ ଥିବ । ଯଦି ତିଳତର୍ପଣ ହେବାର ଥାଏ ତେବେ ତର୍ପଣ ସଜ ସ୍ୱତନ୍ତ୍ର ଭାବରେ ଯିବ । ତହିଁରେ ପାଣି, ଘିଅ ଓ ଚାଉଳ ସ୍ୱତନ୍ତ୍ର ପାତ୍ରରେ ଜଉଘା, ଗଙ୍ଗା ମୃତ୍ତିକା, କୁଶ ଇତ୍ୟାଦି ସଜ୍ଜିତ କରି ରଖାଯିବ ।

ନନାଙ୍କ ଦେବାର୍ଚ୍ଚନାରେ ମୂର୍ତ୍ତିଆଳର ଦ୍ୱାରପାଳ ଓ ନବଗ୍ରହ, ମନ୍ଦିର ଗାତ୍ରର ପାର୍ଶ୍ୱଦେବତା ମଧ୍ୟ ଛାଡ଼ ପାଆନ୍ତି ନାହିଁ । ସମସ୍ତେ ଫୁଲପାଣି ପାଇବେ । ଶେଷରେ ଗଣେଶ୍ୱରଙ୍କଠାରୁ ଅଧିକ ସମୟ ଲାଗି ସଂକ୍ଷିପ୍ତ ଆକାରରେ ଅଭିଷେକ ହୁଏ । ଯେଉଁ ହାଲଟି ନନା ବ୍ୟବହାର କରନ୍ତି ତାହା ଗୋଟିଏ ଗ୍ଲୋବ ଗଢ଼ ସଙ୍ଗେ ସମାନ । ତାହା ଗୋଟିଏ ହାତରେ ଅନାୟାସରେ ହାତପଞ୍ଝାରେ ଧରି ଆଣନ୍ତି । ସେପରି ଭାବରେ ଆମ୍ଭେମାନେ ଗୃହୋପକରଣ ମଧ୍ୟ ଆଣିପାରି ନାହୁଁ । ଦେଉଳକାମ ସରିଲେ ଘର ଦେଅଙ୍କୁ ସ୍ନାନାଦି କରାଇ ଚନ୍ଦନ ଓ ପୁଷ୍ପରେ ସଜ୍ଜିତ କରି ପୂଜା ହୁଏ । ପ୍ରତ୍ୟେକ ଦିନ ପଞ୍ଚମୋପଚାରର ପୂଜା ହୁଏ । ପୂଜା ସରିଲେ ବୈଶ୍ୱଦେବ । ବୈଶ୍ୱଦେବଙ୍କ ଭାତ ଧରି ଚୁଲିପଟେ ପକାଇ ଚୁଲିଆଡ଼କୁ ଚାହାନ୍ତି । ଅତିଥି ଥିଲେ ତାଙ୍କପାଇଁ ବ୍ୟବସ୍ଥା ହୁଏ । ସେହି ସମୟ ମଧ୍ୟରେ ପିଲାମାନଙ୍କୁ ନାମଧରି ଡାକନ୍ତି । କେବେକେବେ କ୍ଷୁଧାତୁର ହୋଇ

GPNanda Colln., Digitized by srujanika@gmail.com

ଏକାନ୍ତରେ ଖାଇବସିବା ଦେଖାଯାଏ ନାହିଁ । ଏଣୁ କେ ପିଲ ଯଦି ଗାଁ ମୁଣ୍ଡ ସ୍କୁଲକୁ ଯାଇଥିବେ ତେବେ ସେଠାକୁ ନିଜେ ଯାଇ ଡାକି ଆଣିବେ ।

ନାନା ଖାଇସାରିବା ପର୍ଯ୍ୟନ୍ତ ସ୍ତ୍ରୀଲୋକମାନେ ଶଙ୍କିତ ହୋଇ ରହିଥାନ୍ତି । ବିଧିବିଧାନରେ ସାମାନ୍ୟ ବ୍ୟତିକ୍ରମ ଦେଖିଲେ ଅତିଶୟ କ୍ରୋଧ ପ୍ରକାଶ କରନ୍ତି । ଖାଇସାରି କିଛି ସମୟ ବିଶ୍ରାମ କରନ୍ତି । ବିଶ୍ରାମ ପରେ କେବେ କେବେ ଗଞ୍ଜପା ଖେଳିବାକୁ ମଣ୍ଡପ ଉପରକୁ ଯାଆନ୍ତି । ନ ହେଲେ ନିଜ କାର୍ଯ୍ୟରେ ବ୍ୟସ୍ତ ରହନ୍ତି । ସନ୍ଧ୍ୟାରେ ଗାଈ ଗୁହାଳ କାମ ତୁଲାଇ ଗାଁର ପୂର୍ବ ମୁଣ୍ଡରେ ଥିବା ବାଲୁକେଶ୍ୱରଙ୍କଠାରେ ସାୟଂ କୃତ୍ୟାଦି ସମାପନ କରନ୍ତି । କେତେ ରାତି ହେଲେ ମଧ୍ୟ ବାଲୁକେଶ୍ୱରଙ୍କ ଦର୍ଶନ ନକରି ଘର ଦୁଆରକୁ ପାଦ ନ କରାଇ ରାତ୍ରିଭୋଜନ କରନ୍ତି ନାହିଁ । ଗ୍ରାମାନ୍ତରକୁ ଯାଇଥିଲେ ବହୁତ ଡେରିରେ ଫେରିଲେ ମଧ୍ୟ ବାଲୁକେଶ୍ୱରଙ୍କ ଦର୍ଶନ କରି ଘରକୁ ଆସନ୍ତି । କେବେହେଲେ ଗୁହାଳକୁ ନଯାଇ ଶୋଇପଡନ୍ତି ନାହିଁ । ଉଠିଲା ମାତ୍ରେ ମଧ୍ୟ ଗୁହାଳ ଦେଖିସାରି ବାହାରକୁ ଯାଆନ୍ତି । ଏହାପରେ ପବିତ୍ର ଭାବରେ ଦିନ ଯାପନ କରନ୍ତି । ମଝି ମଝିରେ ଉଚ୍ଚ ସ୍ୱରରେ "ନାରାୟଣ" ନାମୋଚ୍ଚାରଣ କରନ୍ତି । ପ୍ରସାଦ କିନ୍ତୁ ନହେଲେ ପାନଖଣ୍ଡେ ମଧ୍ୟ ତୁଣ୍ଡକୁ ଯାଏନି । ଭଗଂ ମଧ୍ୟ ସମର୍ପଣ କରିହୁଏ ।

"ନୈକା ଦଶ୍ୟାଃ ପରଂ ବ୍ରତଂ ।"

ଏକାଦଶୀ ଉପବାସ ସଶ୍ରଦ୍ଧରେ ପାଳନ କରୁଥିଲେ । ଗାଁ ଦେଉଳ ଓ ଘର ଧାଅଙ୍କ ନିତ୍ୟକୃତ୍ୟ କର୍ମ ସାରି ବାଟରେ ସାକ୍ଷୀଗୋପାଳ ଦର୍ଶନ କରି ପଦବ୍ରଜରେ ଦୀର୍ଘ ୧୫ ମାଇଲ ଯାଇ

GPNanda Colln., Digitized by srujanika@gmail.com

ଜଗନ୍ନାଥ ଦର୍ଶନ କରନ୍ତି । କେବେ କେବେ ସେହିଦିନ ଅବଢ଼ା ଧେନ ଫେରନ୍ତି । କେବେ କେବେ ପରଦିନ ସକାଳେ ଆସି ପହଞ୍ଚନ୍ତି । ଦ୍ୱାଦଶୀ ବୋଲି ଟରଢରରେ କୌଣସି କାମ କରନ୍ତି ନାହିଁ । ପ୍ରତିଦିନ ପରି ସକାଳ ନିତ୍ୟକର୍ମ ସାରିଲେ ଦ୍ୱାଦଶୀ ପାରଣା କରନ୍ତି ।

ନନାଙ୍କ ନୈଷ୍ଠିକତା ନିମ୍ନ କେତୋଟି ବିଧି ନିଷେଧରୁ ଜଣାପଡ଼େ । ସିପଟୂନ ଆସିଣ ବୋଲି ପଥର ଚୂନ ବ୍ୟବହାର କରନ୍ତି । ଦିଅଙ୍କ ଘରକୁ କିରାସିନ ଆଲୁଅ ଯାଏ ନାହିଁ । କେବଳ ପୋଲଙ୍ଗ ତେଲ ଦୀପ ବା ଘିଅଦୀପ ଯାଏ । ଟିଣ ବାସନ (Alluminium) ମଧ୍ୟ ଦିଅଙ୍କ ଘରକୁ ଯାଏନି । କିଣି ଆଣିବା ଗୁଣ୍ଡି ବା ନାସ ବ୍ୟବହାର କରନ୍ତି ନାହିଁ । ନିଜେ ଗୁଣ୍ଡି ଓ ନାସ ତିଆରି କରନ୍ତି । ପାନକୁ ଦୁଇଥର କରି ଧୋଇ ରଖନ୍ତି । କାହାରି ଛୁଇଁବା ଜଳ ଓ ତୁଳସୀ ତାଙ୍କ ପୂଜା କାମରେ ଲଗେନି । କାଳେ ଯୁଗର ପ୍ରଭାବରେ ପଡ଼ି ଅମ୍ଭେମାନେ ମନ୍ତ୍ରଦୀକ୍ଷା ନ ନେବୁ ବୋଲି ସେ ଟାଙ୍ଗି ଟାଙ୍ଗି ଗୁରୁଙ୍କୁ ଡ଼କାଇ ମନ୍ତ୍ରଦୀକ୍ଷା ଅମ୍ଭମାନଙ୍କୁ ଦିଆଇ ଥିଲେ । ଗଛରେ ନୂଆଫଳ ଫଳିଲେ ସର୍ବାଗ୍ରେ ଦିଅଙ୍କ ପାଇଁ ପଠାନ୍ତି । ବିଧି ନିଷେଧ ପାଳିବାରେ ଏତେ ନିଷ୍ଠା ଯେ ବଡ଼ ବଡ଼ ପର୍ବଦିନ ଚଢ଼ା ଚତୁର୍ଦ୍ଦଶୀ ବେଢ଼ା, ସୋମବାର ବେଢ଼ା ପ୍ରଭୃତିରେ ଦିଅଁ ଦାଣ୍ଡରେ ଗଳିତଳେ ଦାଣ୍ଡପିଣ୍ଡାରେ ଦୀପ ଲଗାଇବାପାଇଁ ଅତି ଉଦ୍‌ବିଗ୍ନ ଥାନ୍ତି । ସେ ଯେତେ ଦୂରରେ ଥିଲେ ମଧ୍ୟ ଦୌଡ଼ି-କରି ଆସି ଦୀପ ବସିଲାକି ନାହିଁ ବୁଝନ୍ତି । ଅମ୍ଭମାନଙ୍କୁ ମାତାପିତୃକ୍ତ ସ୍ନେହ କରୁଥିଲେ ମଧ୍ୟ ବିଧି ନିଷେଧ ପାଳନରେ ଖୁବ୍ କଡ଼ା ଦୃଷ୍ଟି ରଖିଥାନ୍ତି । ଏତାଦୃଶ ଆଦର୍ଶବାଦ ଅନ୍ୟତ୍ର ବିରଳ । ଶୀତଦିନରେ

GPNanda Colln., Digitized by srujanika@gmail.com

ମଧ ଓଦା ଗାମୁଛା ପିନ୍ଧି ଘରରେ ଧୂଅ ପୂଜାକରି ପଖାଳ ଖାଆନ୍ତି । ମଠା ମକୁଟା ପିନ୍ଧି ଖାଇବା ନିଷିଦ୍ଧ । ତାହା କେବଳ ଦେବପୂଜା ପାଇଁ ଉଦ୍ଦିଷ୍ଟ । ଗାମୁଛା ଦୁଇ ଓଳି ଧୂଆ ନ ହେଲେ ଅଶୁଦ୍ଧ । ଏହା ବରାବର ପାଳନ କରନ୍ତି ।

ସ୍ୱାଧ୍ୟାୟ

ନନା ଅନେକଗୁଡ଼ିଏ ଧର୍ମପୁସ୍ତକ ଓ କର୍ମକାଣ୍ଡି ପୁସ୍ତକ ଏବଂ ତାଳପତ୍ର ପୋଥି ସଂଗ୍ରହ କରି ରଖିଥାନ୍ତି । ଝଡ଼ ବର୍ଷାବେଳେ ପୁସ୍ତକ ପାଠ କରନ୍ତି । ବଙ୍ଗଳା ସାହିତ୍ୟରେ ମଧ ତାଙ୍କର ଦଖଲ ଥିଲା । ବଙ୍ଗଳା ଭଷାର ପୁରାଣ, ନିତ୍ୟକର୍ମ ଓ ଭଜନ ପୁସ୍ତକ ମଧ ପାଠ କରନ୍ତି । ଗୋଟିଏ ଚଷମା ବ୍ୟବହାର କରନ୍ତି । ଛାପା ପୋଥିରୁ ଶ୍ରାଦ୍ଧ କରନ୍ତି ନାହିଁ କିମ୍ବା ଦଅଙ୍କ ଘରକୁ ବା ଶ୍ରାଦ୍ଧ ସ୍ଥାନକୁ କାଗଜ ପୋଥି ନେବାକୁ ଅନୁମତି ଦିଅନ୍ତି ନାହିଁ । ତାଙ୍କ ମତରେ କାଗଜ ପୋଥି ଅପବିତ୍ର । କାଗଜରେ ପୁରାଇ କୌଣସି ଦ୍ରବ୍ୟ କେବେ ରଖନ୍ତି ନାହିଁ । ବିଶେଷତଃ ଭାଗବତ ଓ କାର୍ତ୍ତିକ ପୁରାଣ ତାଳପତ୍ର ପୋଥିରୁ ପଢ଼ନ୍ତି । କେବେଳେବେଳେ ତାଳପତ୍ର ପୋଥିରୁ ଦାର୍ଢ୍ୟତାଭକ୍ତି ପାଠ କରନ୍ତି । କେତେକ ପୁରାଣ ତାଙ୍କର ମୁଖସ୍ଥ ଥାଏ । ଅନେକ ସ୍ତୋତ୍ର ଓ ଭଜନ ମଧ ମୁଖସ୍ଥ ଥାଏ । ସେ ଭଲ ସଙ୍ଗୀତଜ୍ଞ ଥିଲେ । ଅଧିକାଂଶ ସଙ୍ଗୀତ ଭକ୍ତି-ରସାତ୍ମକ । ଶେଷ ଦଶବର୍ଷ ସେ ଖେଳିବାକୁ ବା ସଙ୍ଗୀତକୁ ଯାଉ ନଥିଲେ । ମଜଲ ମଧ କରୁନଥିଲେ । ସେହି ସମୟରେ ସ୍ୱାଧ୍ୟାୟରେ ନିରତ ଥିଲେ ।

GPNanda Colln., Digitized by srujanika@gmail.com

ଅତଥି ପରାୟଣତା

"ଅତଥି ଯସ୍ୟ ଭଗ୍ନାଶୋ ଗୃହାତ୍ ପ୍ରତି ନିବର୍ତ୍ତତେ ।
ସ ତସ୍ମୈ ଦୁଷ୍କୃତଂ ଦତ୍ତ୍ୱା ପୁଣ୍ୟମାଦାୟ ଗଚ୍ଛତି ॥"

କୌଣସି ଭିକାରୀକୁ ପିଲାମାନେ ମନା କରିଦେଲେ ନନା ଉପରୋକ୍ତ ଶ୍ଳୋକଟି ପାଠ କରନ୍ତି ଓ ଆମ୍ଭମାନଙ୍କୁ ବୁଝାନ୍ତି । ଆହୁରି ମଧ୍ୟ ହିତୋପଦେଶରୁ "ତୃଣାନି, ଭୂମିରୁଦକଂ ବାକ୍ ଚତୁର୍ଥୀ ଚ ସୁନୃତା" ଶ୍ଳୋକ ବୋଲି ଅର୍ଥ ବୁଝାନ୍ତି । ଭିକାରୀକୁ ଅତିଥିଜ୍ଞାନରେ "ସର୍ବଦେବ ମୟୋଽତିଥି" କିଛି ନ ଦେଇ ପାରିଲେ କଅଁଳ କଥାରେ ବିଦାୟ କରିବ ଏହି ଉପଦେଶ ଦିଅନ୍ତି । ଆମ୍ଭେମାନେ କୌଣସି ଦୋଷ କଲେ ପିତୃଲୋକେ ନରକଗାମୀ ହେବେ । ଏହି ଭୟ ଆମ୍ଭମାନଙ୍କୁ ଦେଖାନ୍ତି । ଏବେ ବି କଠିନ ବେମାରରେ ରୋଗଶଯ୍ୟାରେ ପଡ଼ି ମଧ୍ୟ ଦାଣ୍ଡ ଦୁଆରେ ଭିକାରୀ ଡାକିଲେ ଆମ୍ଭମାନଙ୍କୁ ଅର୍ଡ଼ର କରନ୍ତି, ଆଗେ କପରି ଅତିଥିକୁ ବିଦାୟ କରିବେ । ଥରେ ଜଣେ ଭିକାରୀ ଖାଇବାକୁ କହିବାରୁ ମୁଁ ପାନ ଖଣ୍ଡିଏ ଆଣିଲେ ଦେବି ବୋଲି କହିଲି । ଭିକାରୀଟି ପାନ ଅନ୍ୱେଷଣରେ ଗଲା । ନନା ମୋତେ ଡାକିକରି ବୁଝାଇଲେ ଯେ ଖାଇବାକୁ ଦେବାର ଅଧେ ପୁଣ୍ୟ ଚାଲିଗଲା । ସେଇ ସମ୍ପୁଟକ ଅତିଥିର ସମସ୍ତ ଭାର ନିଜେ ବହନ କରିବାର କଥା । ତାଙ୍କ ଜୀବଦ୍ଦଶାରେ କେବେ ଅତିଥି ଫେରାଇ ନାହାନ୍ତି କି ହତାଦର କରି ଖାଇବାକୁ ଦେଇନାହାନ୍ତି ।

ଆଶ୍ରିତ ଲୋକ, ଘରେ କାମ କରୁଥିବା ଲୋକ, ନିମନ୍ତ୍ରିତ ଲୋକ ମଧ୍ୟରେ କୌଣସି ପ୍ରଭେଦ ଦେଖନ୍ତି ନାହିଁ । ସମସ୍ତଙ୍କୁ ଏକାପ୍ରକାର ଖାଦ୍ୟ ବିତରଣ କରାଯାଏ । ତାଙ୍କ ହାତରଖା ଯେ

GPNanda Colln., Digitized by srujanika@gmail.com

ଖାଇଛୁ ସେ ଏବେ ମଧ କୃତକୃତ୍ୟ ହୁଏ । ଘରେ ରହୁଥିବା ଗୃହକର୍ମଚାରିଙ୍କୁ କାଳେ ମାଇପେ ହତାଦର କରିବେ ଏହି ଆଶଙ୍କାରେ ସେ ନିଜେ ତା ଖାଇବା କଥା ବୁଝନ୍ତି । ନିଜେ ଖାଇଲାବେଳେ ମା' ତାଙ୍କୁ ବେଶୀ ପରିମାଣ ଡ଼ାଲି ତରକାରୀ ଆଣିଦିଏ । ସେ ମେଢ ଘଡ଼ଘଡ଼ି କରି ଡାକିକରି ମା'ଙ୍କୁ ବିରକ୍ତ ହୁଅନ୍ତି । ମାଇପଙ୍କ ପାଇଁ କାଳେ ନଥିବ ବୋଲି ମା'ଙ୍କୁ ଗାଳି ଦିଅନ୍ତି । ମା' ହାଣ୍ଡି ଆଣି ଦେଖାଏ ତେବେ ସନ୍ତୋଷରେ ଖାଆନ୍ତି । ପୁନଅଁ ପର୍ବଦିନରେ ଗାଈ କଟିବା ପିଲ, ନଡ଼ିଆ ତୋଳିବା ବାଳକ ତାଙ୍କ ପାଉଣା ନ ପାଇବା ପର୍ଯ୍ୟନ୍ତ ନିଜେ ଖାଆନ୍ତି ନାହିଁ । ବର୍ଷା ଦିନ ରାତ ପର୍ବରେ ସେମାନେ ନ ଆସି ପାରିଲେ ତାଙ୍କ ପାଉଣା ତାଙ୍କ ଘରେ ନେଇ ଦେଇ ଆସନ୍ତି । ଏପରି ନିଷ୍ଠା ଅନ୍ୟ କୁହାପି ଦେଖାଯାଏ ନାହିଁ । ପିଲାମାନେ ମଜଳ କଲେ ତାଙ୍କର କ ଜିନିଷ ଅଭାବ ଅଛି ବୁଝି ନିଜେ ତାହା ପୂରଣ କରନ୍ତି । ଅନେକ ଥର ଆମ୍ଭେମାନେ ନବାନ୍ନ ଚୂଡ଼ାଘଷା କରି ଘିଅର ଅଭାବ ଥିବାରୁ ନନା ଗୋଟିଏ ଟିଣ୍ଟ ଡାଲରେ ଡାଲେ ଲେଖାଏଁ ଘିଅ ଦିଅନ୍ତି । ମାତ୍ର ଦିଅଁ ପୂଜାକରି ଖାଇବ ବୋଲି ନିର୍ଦ୍ଦେଶ ଦିଅନ୍ତି ।

ସତ୍‌ସଙ୍ଗ

"ସାଧୂ ଦର୍ଶନ ମାତ୍ରେଣ କୋଟି ତୀର୍ଥ ଫଳଂ ଲଭେତ୍ ।"

ନନା ନାଗୀ ବ୍ୟବସାୟରେ ଭାରତବର୍ଷର ମୁଖ୍ୟ ତୀର୍ଥ ସମୂହ ଅନେକବାର ପର୍ଯ୍ୟଟନ କରିଥିଲେ । ଅନେକ ସାଧୁସନ୍ଥଙ୍କ ସମ୍ପର୍କରେ ଆସିଥିଲେ । ତୀର୍ଥଯାତ୍ରୀଙ୍କ ମଧ୍ୟରୁ ଅନେକ ସାଧୁସ୍ୱଭାବ ଲୋକ ଥିବା ହେତୁ ସେମାନଙ୍କ ସମ୍ପର୍କରେ ଆସିଥିଲେ । ତେଣୁ

GPNanda Colln., Digitized by srujanika@gmail.com

ସାଧୁମାନଙ୍କୁ ସର୍ବଶ୍ରେଷ୍ଠ ସମ୍ମାନ ଦେଉଥିଲେ । ଏପରିକି ଗାଁର ଜଣାଶୁଣା ଗୃହୀ ବୈଷ୍ଣବ ଜାତିର ଲୋକଙ୍କୁ ମଧ୍ୟ ଉପଯୁକ୍ତ ସମ୍ମାନ ଦେଉଥିଲେ ।

ଥରେ ସେ ଗାଧୋଇ ଆସିଲାବେଳେ ଦେଖିଲେ ଜଣେ ବଦେଶୀ ସାଧୁ ମଣ୍ଡପ ଉପରେ ବସିଛନ୍ତି । ନନା ଘରେ ପୂଜା ବୈଶ୍ବଦେବ ସାରି ସାଧୁଙ୍କୁ ନିମନ୍ତ୍ରଣ କରିବାକୁ ଗଲେ । ସାଧୁ ହଠ ସ୍ବାମୀ । ସେ ଜିଦ୍ ଧରିଲେ ଯେ ଗୋଟିଏ କମଳ କମ୍ବା ତାର ଦାମ୍ ପାଇଲେ ଖାଇବେ । କମଳ ତ ଗାଁରେ ମିଳିବ ନାହିଁ । ଦାମ୍ ସାତ ଟଙ୍କା ଆଠଅଣା ସଂଗ୍ରହ କରିବାକୁ ଦ୍ୱାର ଦ୍ୱାର ବୁଲିଲେ । ପ୍ରାୟ ୩।୪ଟା ବେଳକୁ ଟଙ୍କା ସଂଗ୍ରହ ହେଲା । ସାଧୁ ଭିକ୍ଷା କଲେ । ରେଳଗାଡ଼ିରେ ଓ ପୁରୀ ସହରରେ ସାଧୁ ଦେଖିଲେ ବ୍ରାହ୍ମଣର ଅଭିଜାତ୍ୟ ନରଖି ସେମାନଙ୍କୁ ନମସ୍କାର ହୁଅନ୍ତି ।

ଅଧିକାଂଶ ସମୟ ପିଲମାନଙ୍କ ମେଳରେ ଓ ବାଳରୂପୀ ନାରାୟଣଙ୍କ ସେବାରେ କଟାନ୍ତି । ପିଲମାନଙ୍କୁ "ଜୟ ଜୟ ନାରାୟଣ, ବ୍ରହ୍ମପରାୟଣ" ଇତ୍ୟାଦି ପଦଅଙ୍କ ଗୀତ ବୋଲି ଖେଳାନ୍ତି । ନନାଙ୍କର ପ୍ରତ୍ୟେକ କାର୍ଯ୍ୟ ଭକ୍ତିସୂଚକ । ଅଧିକାଂଶ ସମୟ ତାଳ, ଗାମ୍ଭରୀ ପାଖରେ ଥାଏ । ପବିତ୍ରତା ରକ୍ଷା କରିବା ପାଇଁ ହାତ ଧୋଇ ପୋଛିହେବା ବରାବର ଦେଖାଯାଏ ।

ଗୋସେବା

କଳିଯୁଗରେ ଗାଈ ଜୀବନ୍ତ ଦେବତା । ଯେତେ ଯାହା ତୁଚ୍ଛଦ୍ରବ୍ୟ ଖାଇବାକୁ ଦେଲେ ମଧ୍ୟ ଗାଈ ଗୋମୟ ପ୍ରଦାନ କରେ ବୋଲି କହୁ ମଣିଷର ସେବା ଅପେକ୍ଷା ଗୋ ସେବାକୁ ବେଶୀ

GPNanda Colln., Digitized by srujanika@gmail.com

ସମ୍ମାନ ଦେଉଥିଲେ । ଦହି, ଗାଈ, ପିଲ ଏମାନଙ୍କର ପାଙ୍କି ଫିଟୁନାହିଁ ବୋଲି ପର୍ଯ୍ୟାୟ କମେ ସେମାନଙ୍କ ସେବାକୁ ପରମଧର୍ମ ମନେ କରୁଥିଲେ । ଆମ ଆଡ଼େ କଥା ଅଛି "ଗାଈଙ୍କୁ କ ଦାନା, ମାଇପଙ୍କୁ କ ଡଅଣ ?" ମାତ୍ର ନନା ଖାଇବା ବିଷୟରେ ଗୋରୁ ଗାଈଙ୍କୁ ମଧ୍ୟ ପାତର ଅନ୍ତର କରନ୍ତି ନାହିଁ । ଲୋକେ ବଳଦକୁ କାମ କରୁଛି ବୋଲି ଦାନା ଦଅନ୍ତି । ଗାଈଙ୍କୁ ଅଣଦେଖା କରନ୍ତି । ମାତ୍ର ନନା ଗାଈ ବଳଦ ଉଭୟଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି । ଫଳରେ ଉଭୟେ ସ୍ୱାସ୍ଥ୍ୟବାନ୍ ଥାନ୍ତି ଓ ପ୍ରଚୁର ଦୁଗ୍ଧ ଉତ୍ପାଦନ ହୁଏ । ତେଣୁ ତାଙ୍କର ଅତିପ୍ରିୟ ଦେବପିତୃ କାର୍ଯ୍ୟ ପାଇଁ ଘିଅର ଅଭାବ କେବେହେଲେ ନଥାଏ ।

ବଦାନ୍ୟତା

ନନା ଶ୍ରୋତ୍ରିୟ ଓ ନୈଷ୍ଠିକ ବ୍ରାହ୍ମଣ ହେଲେ ମଧ୍ୟ ବ୍ରାହ୍ମଣେ-ତର ଜାତିପ୍ରତି କେବେହେଲେ ଲଘୁ ମନୋଭାବ ପୋଷଣ କରୁ ନଥିଲେ । ନିଜ ଘରେ ଅତି ନୀଚ ଜାତିର ଲୋକ ଗୁଡ଼ିକର ନିଯୁକ୍ତ କରିଥିଲେ । ଦେଶରେ ସବୁ ପ୍ରକାର ଛୁଆଁଛୁତ ମାନି ଚଳୁଥିଲେ ତଥାପି ଅଛୁଆଁ ଜାତିଙ୍କୁ ଲୋକ କରି ରଖିବାରେ କୌଣସି ଅସୁବିଧାର ସମ୍ମୁଖୀନ ହେଉ ନଥିଲେ । ସେମାନଙ୍କ ସଙ୍ଗେ କାନ୍ଧକୁ କାନ୍ଧ ଦକାଇ କାମ କରିବାରେ ଦ୍ୱିଧା ପ୍ରକାଶ କରୁ ନଥିଲେ । ଅନେକ କ୍ଷେତ୍ରରେ ସେମାନଙ୍କ ମତକୁ ସମର୍ଥନ ମଧ୍ୟ କରୁଥିଲେ । ନନାଙ୍କର ବ୍ୟବହାରରେ ସନ୍ତୋଷ ହୋଇ ଆମ ଘରେ ଲୋକେ ରହିବାକୁ ଖୁସିରେ ରାଜି ହେଉଥିଲେ ଓ ଜଣେ ଜଣେ ଲୋକ ଅନେକ ବର୍ଷ ପର୍ଯ୍ୟନ୍ତ ମଧ୍ୟ ରହୁଥିଲେ ।

GPNanda Colln., Digitized by srujanika@gmail.com

ତାଙ୍କ ମଧ୍ୟରୁ ଏବେ ମଧ୍ୟ ଅନେକ ଲୋକ କୃତଜ୍ଞତାର ନିଦର୍ଶନ ସ୍ୱରୂପ ନନାଙ୍କ ନାମ ଧରି ନମସ୍କାର କରନ୍ତି ।

"ଯେଉଁ ରାଇଜରେ କରିବ ଘର, ଅଧେ ଆପଣା ଅଧ ପର ।" ହେଲେ ହେଁ ନନା କାହାରି ଉପରେ ଆକ୍ରୋଶ ରଖି ରାଗ ଶୁଝାଇବା କଥା କେବେବେ ଚିନ୍ତା କରୁ ନାହିଁ । ନିଜ ଗଛରୁ ଚୋରି କରିଥିବା ଚୋରକୁ ମଧ୍ୟ ଅନେକଙ୍କ କଥାକୁ ଅବଧରି ଛାଡ଼ି ଦିଅନ୍ତି । କୌଣସି ସୀମା ବିବାଦ ବା ଗ୍ରାମ୍ୟ କଳିରେ ଆକ୍ରୋଶ ରଖନ୍ତି ନାହିଁ । ବରଂ କେଉଁଠି କଳିଗୋଳ ଲାଗିଥିଲେ ତୁଟାଇ ଦିଅନ୍ତି । ଯେଉଁ କ୍ଷେତ୍ରରେ ନ ତୁଟେ ନନା ଦୁର୍ବଳ ପକ୍ଷ ସମର୍ଥନ କରି ବାହାରି ପଡ଼ିଲେ କଳି ଆପେ ଆପେ ତୁଟିଯାଏ । କାରଣ ନନାଙ୍କ ପରି ସମର୍ଥ ଲୋକ ଆଗରେ ଅପରପକ୍ଷ ନିଶ୍ଚୟ ହାରିଯିବ ।

ନନାଙ୍କର ସେବା ମନୋଭାବ ମଧ୍ୟ ଅତ୍ୟନ୍ତ ଆଦର୍ଶ ସ୍ଥାନୀୟ । ଗାଁର ନିରାଶ୍ରୟ ଲୋକର ରୋଗ ବ୍ୟାଧିରେ ସେମାନଙ୍କୁ ସାହାଯ୍ୟ କରିବା, ଯେ କୌଣସି ଅବସ୍ଥାରେ ମୃଦାର ଯୋଡ଼ ଯିବାକୁ ଆଗ୍ରହାନ୍ୱିତ ହୋଇ ବାହାରିବା ତାଙ୍କର କର୍ତ୍ତବ୍ୟର ଅନ୍ତର୍ଗତ ଥିଲା । ସ୍ୱଦେଶରେ ଥିବା ଅବସ୍ଥାରେ ଯଦି ଗାଁର କେହି ମୃତ୍ୟୁମୁଖରେ ପଡ଼ିଥାଏ ତେବେ ଆସିଲେ ଶୁଣିକରି ତାଙ୍କ ଘରଠାକୁ ଯାଇ କାନ୍ଦକରି ସଙ୍ଗୋଳି ଆସନ୍ତି । ସେ ପିଲାଙ୍କ ପିଲ୍ହା ରୋଗକୁ ଓ ଦାନ୍ତ ଘୋଳକଣ୍ଠା ରୋଗକୁ କଣ ଗୋଟିଏ ଚଳଖାଏଁ ଚେର ଦିଅନ୍ତି । ସେଇ ଚେରର କରାମତିରେ ତାଙ୍କ ଜୀବିତ ଅବସ୍ଥାରେ ଉପରୋକ୍ତ ରୋଗ ଦୁଇଟି ଆମ ଗ୍ରାମରେ ଦେଖା ନଥିଲା । ପିଲାମାନେ ନଡରିବା ପାଇଁ ମଧ୍ୟ ହେଉଁରିଆ ଦିଅନ୍ତି । ଅତି ଆଗ୍ରହଶୀଳ ହୋଇ ଔଷଧମାନ ବିନା ପାରିଶ୍ରମିକରେ ଦାନ

GPNanda Colln., Digitized by srujanika@gmail.com

କରନ୍ତି । କୌଣସି କୌଣସି କ୍ଷେତ୍ରରେ ପିଲାମାନଙ୍କୁ ଅଙ୍କଶିକ୍ଷା ପ୍ରଣାଳୀ ପାଠ କରି ଶୁଣାଉ ଦିଅନ୍ତି । ପ୍ରତ୍ୟେକ କ୍ଷେତ୍ରରେ ନନେ ଆଗ୍ରହଶୀଳ ହୋଇ କରନ୍ତି ।

ସର୍ବୋପରି ନନାଙ୍କ ସୌଜନ୍ୟ ବ୍ୟବହାରରେ କେବଳ ଆମ୍ଭ ଗ୍ରାମବାସୀ ନୁହନ୍ତି, ବନ୍ଧୁବାନ୍ଧବ, ଗ୍ରାମବାସୀ ମଧ୍ୟ ଅତିବ ସନ୍ତୁଷ୍ଟ ଥାନ୍ତି । ତେଣୁ ନନାଙ୍କୁ ଦେଖିବା ମାତ୍ରକେ ସେମାନେ ଅତଶୟ ଆଗ୍ରହ ପ୍ରକାଶ କରନ୍ତି । ଯାତ୍ରୀ ବ୍ୟବସାୟରେ ମଧ୍ୟ ଉତ୍ତର-ବଙ୍ଗର ମାଲଦହ ଜିଲ୍ଲାକୁ ଯାଇ ସେଠାରେ ଖୁବ୍ ପ୍ରଶଂସା-ଭାଜନ ହୋଇଥିଲେ । ସେ ଦେଶର ଲୋକେ ଏବେ ମଧ୍ୟ ପୁରୀକୁ ଆସିଲେ ନନାଙ୍କୁ ଖୋଜନ୍ତି । ନନାଙ୍କର ସମ୍ପର୍କୀୟ ଲୋକ ବୋଲି ପରିଚୟ ଦେଇ ଯେଉଁମାନେ ସେଠାରେ ଯାତ୍ରୀ ବ୍ୟବସାୟ କରନ୍ତି ସେମାନଙ୍କଠାରୁ ନନାଙ୍କ ବିଷୟରେ ଅନୁସନ୍ଧାନ କରି କୃତକୃତ୍ୟ ହୁଅନ୍ତି ।

କଷ୍ଟ ସହିଷ୍ଣୁତା ଓ ଧୈର୍ଯ୍ୟ

"ମନସ୍ୱୀ କାର୍ଯ୍ୟାର୍ଥୀ ନଗଣୟେତ ସୁଖଂ ନଚ ଦୁଃଖଂ ।"

ସାଧାରଣ କଥାରେ କହନ୍ତି, "କଷ୍ଟ ନକଲେ ଇଷ୍ଟପ୍ରାପ୍ତି ହୁଅନ୍ତି ନାହିଁ ।" କଷ୍ଟ ସହିବା ନନାଙ୍କର ଅସ୍ଥିମଜ୍ଜାଗତ ହୋଇ ପଡ଼ିଥିଲା । କେବେ ପୁରୀକୁ ଯିବାବେଳେ ଗାଡ଼ି ଫେଲ୍ ହେଲେ ଡିଲେ ହେଲେ କ୍ଷୁବ୍ଧ ନ ହୋଇ ପଦବ୍ରଜରେ ଯାତ୍ରା କରନ୍ତି । ବାତରେ କଲେରା ଇଞ୍ଜେକସନ ନେବାକୁ ମଧ୍ୟ ମନା ନକରି ନାଅନ୍ତି । ଡିକ୍ଷନତ କଷ୍ଟକଥା ତୁଣ୍ଡରେ କେବେ କହିବା ମଧ୍ୟ ଶୁଣା ନାହିଁ । ସେଇ କାନ୍ଧରେ ଅଧ ମହଣେ ଜିନିଷ ଧରି ଚାଲିଚାଲି

GPNanda Colln., Digitized by srujanika@gmail.com

ଅସିବାର ବହୁ ଉଦାହରଣ ଅଛି । ଶାରୀରିକ କଷ୍ଟ ଯେପରି ସହୁଛନ୍ତି ମାନସିକ କଷ୍ଟମଧ୍ୟ ତଦ୍ରୂପ ସହୁଛନ୍ତି । ତାଙ୍କ ଜୀବଦ୍ଦଶାରେ ସେ ଅନେକ ସମ୍ପର୍କୀୟ ଲୋକଙ୍କୁ ଅକାଳରେ ହରାଇ ବାଳକତୁଲ୍ୟ ରୋଦନ କଲେ ମଧ୍ୟ ପର ମୁହୂର୍ତ୍ତରେ ଅସୀମ ଧୈର୍ଯ୍ୟ ଧରି ମୃତାହ ଶୁଦ୍ଧାନ୍ତ କାର୍ଯ୍ୟରେ ବ୍ୟାପୃତ ରହନ୍ତି । ଶାରୀରିକ କଷ୍ଟ ସହିବାରେ ଲୋକେ ମଧ୍ୟ ତାଙ୍କୁ ଲୁହାର ମଣିଷ ସଙ୍ଗେ ତୁଳନା କରନ୍ତି ଉପରୋଧରେ ମଧ୍ୟ ସେ ଯେପରି ପ୍ରସନ୍ନ ବଦନରେ ଶାରୀରିକ ପରିଶ୍ରମ କରନ୍ତି । ତାହାର ଉଦାହରଣ ତାଙ୍କ ଜୀବନର ଛନ୍ଦେ ଛନ୍ଦେ ବର୍ତ୍ତମାନ ।

ତ୍ୟାଗ

"ତ୍ୟାଗୋହି ପୁରୁଷ ବ୍ୟାଘ୍ରଃ ।"—ଗୀତା

ତ୍ୟାଗ ଶବ୍ଦର ଅନେକ ଅର୍ଥ ଅତି ବିସ୍ତୀର୍ଣ୍ଣ । ତ୍ୟାଗ ବୋଇଲେ କେବଳ ଧନ ସମ୍ପତ୍ତି ତ୍ୟାଗ ନୁହେଁ । ମାନସିକ ତ୍ୟାଗ ମଧ୍ୟ କରାଯାଏ । ନନା ତାଙ୍କ ଜୀବନରେ ତାଙ୍କର ଅତି ପ୍ରିୟ ଜିନିଷ ଦେଇ ସାରିଅଛନ୍ତି । ନିଜକୁ ଅସୁବିଧାର ସମ୍ମୁଖୀନ କରାଇ ନିହାତି ଦରକାରୀ ଜିନିଷ ମଧ୍ୟ ଦାନ କରିଛନ୍ତି । ତ୍ୟାଗଭାବ ନଥିଲେ ଯଥାର୍ଥ ମନୁଷ୍ୟତା ପ୍ରକାଶ ପାଏ ନାହିଁ । ତାଙ୍କ ଜୀବନରେ ଅନେକ ଗୋଦାନ କରିଛନ୍ତି । ନିଜେ ଯେତେ ଜିନିଷ ଉତ୍ପାଦନ କରନ୍ତି ଘର ଖର୍ଚ୍ଚରୁ ବଳାଇଲେ ଦାନ କରିଦିଅନ୍ତି । ଏହା ସେ କାଳର ବଂଶ ପରମ୍ପରା ଥିଲା । ବ୍ରାହ୍ମଣ ଘରେ କୌଣସି ଜିନିଷ ବିକ୍ରି କରିବାକୁ ଲଜ୍ଜାବୋଧ କରୁଥିଲେ । କାରଣ ତାହା ସଦାଚାର ବିରୁଦ୍ଧ ଥିଲା । କେବଳ ଧାନ, ନଡ଼ିଆକୁ ଆନୁସଙ୍ଗୀକ ଘରଖର୍ଚ୍ଚ ଚଳାଇବା ପାଇଁ ବିକ୍ରି କରନ୍ତି । ତା' ମଧ୍ୟ ଅତି ଉଦାର

GPNanda Colln., Digitized by srujanika@gmail.com

ଭାବରେ ହୁଏ । ନନା ବଙ୍ଗଦେଶରୁ ଅତି କଷ୍ଟରେ ଆଣିଥିବା ଅମଳ ଦ୍ରବ୍ୟ (ଭାଙ୍ଗ, ଧୂଆଁପତ୍ର) ପ୍ରଭୃତି ମଧ୍ୟ ଦାନ କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ଅତଏବ ଆଶ୍ଚର୍ଯ୍ୟର ବିଷୟ ଏହି ଯେ, ନନା ବହୁ ଅମଳର (ପାନ, ଭାଙ୍ଗ, ଅଫିମ, ଗୁ) ଅଭ୍ୟାସୀ ହୋଇଲେ ମଧ୍ୟ ସେମାନଙ୍କର ବଶବର୍ତ୍ତୀ ନଥିଲେ । ମଝେ ମଝେ ଶୋଭା ସ୍ୱରୂପ ସମସ୍ତ ଅମଳ ଗୃରିଦିନ, ଆଠଦିନ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତି । ଉତ୍କୃଷ୍ଟ ଧରଣର ମଠା, ମକୁଠା, ଏଣ୍ଡି ଥିଲେ ମଧ୍ୟ ଓଦା ଗାମୁଛା ପିନ୍ଧି ଖାଇବା କମ୍ ତ୍ୟାଗର ବିଷୟ ନୁହେଁ । ବନ୍ଧୁ ମଧ୍ୟରେ କେହି ଅଭାବରେ ପଡ଼ିଥିଲେ ନନା ଯଥାସାଧ୍ୟ ତାହା ପୂରଣ କରନ୍ତି । ତ୍ୟାଗ, ବୈରାଗ୍ୟମୟ ଜୀବନହିଁ ଯଥାର୍ଥ ମନୁଷ୍ୟତା ଏହା ସେ ଜୀବନରେ ବସ୍ତୁଭାବରେ ପ୍ରମାଣିତ କରିଛନ୍ତି । ନିଜର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ବଳୀଦେଇ ପରିବାରର ଅନ୍ୟମାନଙ୍କୁ ସୁଖ ସୁବିଧାରେ ରଖାଇବା କମ୍ ତ୍ୟାଗର ପ୍ରତୀକ ନୁହେଁ ।

ସରସତା

"ସଙ୍ଗୀତ ସାହିତ୍ୟ କଳାବିହୀନ—ସାକ୍ଷାତ୍ ପଶୁ ପୁଚ୍ଛବିଷାଣ ହୀନ ।"

ନନା ସାରାଜୀବନ ଦାରିଦ୍ର୍ୟ କ୍ଲିଷ୍ଟଭାବରେ କଟାଇ କଠିନ ପରିଶ୍ରମ କରି କାଳାତିପାତ କରୁଥିଲେ ହେଁ ନୀରସ ଜୀବନ ଯାପନ କରୁ ନଥିଲେ । ଅତି କ୍ରୋଧୀ ହେଲେ ହେଁ ସାମାନ୍ୟ କଥାରେ ବିରକ୍ତି ପ୍ରକାଶ ନକରି ପରିହାସ ବ୍ୟଞ୍ଜକ କଥା କହି ଶାସନ କରୁଥିଲେ । ସାମାନ୍ୟ ସାମାନ୍ୟ ଷଡ଼ଯନ୍ତ୍ରକୁ ଉପେକ୍ଷା କରି ଜୀବନକୁ ସରସଭାବରେ କଟାଉଥିଲେ । ସେଥିପାଇଁ ସେ ଉତ୍ତମ ସ୍ୱାସ୍ଥ୍ୟ ଶେଷକାଳ ପର୍ଯ୍ୟନ୍ତ ରଖିପାରିଥିଲେ । ସରସ ଜୀବନଯାପନ କରିବାର ସମସ୍ତ ଉପାଦାନ ତାଙ୍କଠାରେ ଥିଲା । ଘରେ କେହି

GPNanda Colln., Digitized by srujanika@gmail.com

କୌଣସି ପ୍ରକାର ଅସୁବିଧାରେ ନ ଚଳିବେ ବୋଲି ପୂରି ଧ୍ୟାନ ରଖିଥିଲେ । ପାନ, ଭୋଜନ, ଚଳଂଚାଣିରେ ସାମାଜିକ ସମତା-ରକ୍ଷା କରି ଅତି ସରଳ ଭାବରେ ସମସ୍ତ କାର୍ଯ୍ୟ ନିର୍ବାହ କରୁଥିଲେ ।

"ସର୍ବା ନିର୍ବାହକୋ ହରିଃ" ଏହି ଭାବ ପୋଷଣ କରି ପ୍ରତି କାର୍ଯ୍ୟରେ ଭଗବନ୍ନାମ ଉଚ୍ଚାରଣ କରି ସରଳ ଜୀବନଯାପନ କରୁଥିଲେ । ଗ୍ରାମ୍ୟ ଜୀବନରେ ସରସତାର ପ୍ରତୀକ ସଙ୍ଗୀତରେ ଯୋଗ ଦେଉଥିଲେ । ନାନା ପ୍ରକାରର ଖେଳ କସରତରେ ଯୋଗ ଦେଉ-ଥିଲେ । ନିଜେ ଅତି ସୌଖିନ ତାଡ଼ଳ ଗାମୁଛା କରି ପାରୁଥିଲେ । ଯାତ୍ରା ପର୍ବାଣିରେ ବରାବର ଯୋଗ ଦେଉଥିଲେ । ନିଜର ଲଳିତ-କଣ୍ଠ ଥିବା ହେତୁ ଭଲ ଛାନ୍ଦ ଗାୟନ କରି ପାରୁଥିଲେ । ସଙ୍ଗୀତରେ ଗାୟକ ଓ ବାଦକ ଉଭୟ ଭୂମିକାରେ କୌଶଳ ପ୍ରଦର୍ଶନ କରାଉଥିଲେ । ତଲେ ହେଲେ ସ୍ୱାର୍ଥରେ ବୁଦ୍ଧି ନରଖି କେବଳ ନିଜେ ଉପଭୋଗ ନକରି କୁଟୁମ୍ବର ସମସ୍ତେ କପରି ସରଳ ଜୀବନଯାପନ କରିବେ ସେଥିପ୍ରତି ବରାବର ସଜାଗ ଥିଲେ ।

ସନ୍ତାନ ବାତ୍ସଲ୍ୟତା

ନନାଙ୍କ ସନ୍ତାନ ବାତ୍ସଲ୍ୟତା ଅତିଶୟ ଭିନ୍ନ ଧରଣର । ସାଧାରଣତଃ ଲୋକେ କର୍ତ୍ତବ୍ୟ ଦୃଷ୍ଟିରୁ ପିଲାଙ୍କୁ ସ୍ନେହ କରନ୍ତି । ମାତ୍ର ଅଗ୍ରହଶୀଳ ହୋଇ ପିଲାଙ୍କୁ ଯତ୍ନ କରିବା ଅଲଗା କଥା । ନନା ଅତି କ୍ରୋଧୀ ହେଲେ ମଧ୍ୟ ପିଲାଙ୍କ ଉପରେ କେବେ ରାଗି ନାହାନ୍ତି । ପିଲେ ମୁହଁ ନ ଶୁଖାଇବା ପାଇଁ ସେ ଜୀବନରେ ବହୁ କଷ୍ଟସାଧ୍ୟ କରିଛନ୍ତି । ବହୁ ଅଭାବ ଅନାଟନ ସତ୍ତ୍ୱେ ପିଲାଙ୍କ ମନ

GPNanda Colln., Digitized by srujanika@gmail.com

ଧୁଫୁଲ୍ଲ ରହିବାପାଇଁ ସକଳ ପ୍ରକାର ଯୋଗାଡ଼ କରନ୍ତି । ଖାଇବା, ପିନ୍ଧିବା, ପାଠ୍ୟୋପକରଣ ଖରିଦ କରିବାରେ ଅନ୍ୟ ପିଲାଙ୍କ ତୁଳନାରେ ଆମ୍ଭେମାନେ ଢେର ସୁବିଧାରେ ଥାଉ । ତଥାପି ଭଲ ପାଠ ନ ପଢ଼ିଲେ ବା କେବେ ଫେଲ ହେଲେ ନନା ମୋଟେ ବିରକ୍ତ ବା ବ୍ୟଥିତ ହୁଅନ୍ତି ନାହିଁ । ସେ ବରଂ ପିଲାଙ୍କୁ ଧୈର୍ଯ୍ୟ ଦିଅନ୍ତି । ଅଭାବଗ୍ରସ୍ତ ଲୋକ ହେଲେ ମଧ୍ୟ ସଙ୍କୀର୍ଣ୍ଣ ମନୋଭାବ ତାଙ୍କଠାରେ ପରିଲକ୍ଷିତ ହୁଏ ନାହିଁ ।

ନନାଙ୍କର ଏ ସନ୍ତାନ ବାତ୍ସଲ୍ୟତା ନିଜ ପିଲାମାନଙ୍କଠାରେ ସୀମିତ ନଥିଲା । ବନ୍ଧୁ ବାନ୍ଧବ ପିଲା ଓ ସାଇପଡ଼ିଶା ପିଲାଙ୍କୁ ମଧ୍ୟ ସେ କମ୍ ସ୍ନେହ କରନ୍ତି ନାହିଁ । ଭଲ ଜିନିଷଟିଏ ହେଲେ ସାଇ-ପଡ଼ିଶା ପିଲାଙ୍କୁ ମଧ୍ୟ ଦିଆଯାଏ । ଗାଁରେ ଭୋଜିଭାତ ହେଲେ ନନା ନିଜ ପିଲାଙ୍କ ସାଙ୍ଗରେ ସାଇପଡ଼ିଶା ପିଲାଙ୍କୁ ନେଇକରି ଯାଆନ୍ତି । ସେ ନିଜେ ପିଲାଙ୍କର ସେବା ଏପରି କରନ୍ତି ଯେ ପିଲା ନିଜ ଜନ୍ମକଲା ମା'କୁ ମଧ୍ୟ ଭୁଲିଯିବ । ତାଙ୍କର ମୋ ପ୍ରତି ଯେଉଁ ଅନ୍ତରଙ୍ଗ ସ୍ନେହ ତାହା ବର୍ଣ୍ଣନା କରିବାର କ୍ଷମତା ମୋର ନାହିଁ । ପୁରାଣ ବର୍ଣ୍ଣିତ ଦଶରଥ ଓ ଯଶୋଦା ଉଭୟ ଭୂମିକାରେ କାର୍ଯ୍ୟ କରୁଥିଲେ ।

ଉପସଂହାର

"ଖଳୋବ ଲୋକତେ ଦୋଷାନ୍ ଗୁଣ ପୂର୍ଣ୍ଣେଷ୍ୱ ବସ୍ତୁଷୁ ।
ବନେ ପୁଷ୍ପ ଫଳାକୀର୍ଣ୍ଣେ ପୁରୀଷ ମିବଶୂକରଃ ॥"

ବଣରେ ନାନାଦି ଫଳପୁଷ୍ପ ପରିପୂର୍ଣ୍ଣ ହୋଇଥିଲେ ମଧ୍ୟ ଶୂକର ସେସବୁ ପ୍ରତି ନଜର ନକରି ଶୁଷ୍କ ମଳ ଖୋଜି ବୁଲୁଥାଏ ।

GPNanda Colln., Digitized by srujanika@gmail.com

ସେହିପରି ଗୁଣପୂର୍ଣ୍ଣ ଲୋକଠାରେ ଖଳ ଲୋକମାନେ ଦୋଷ ଖୋଜି କାଢ଼ନ୍ତି ।

ନନା ଏପରି କିଛି ସିଦ୍ଧ, ସାଧୁ ବା ମହାତ୍ମା ନଥିଲେ । ତେଣୁ ନିର୍ଦ୍ଦୋଷ ଜୀବନଯାପନ କରିଛନ୍ତି ବୋଲି କେହି ଅସ୍ପର୍ଦ୍ଧା କରି କହିପାରିବ ନାହିଁ । ସେ ଜଣେ ସାଧାରଣ ସଂସାରୀ ଥିଲେ । ହେଲେ ହେଁ ଅନ୍ୟ ଚକ୍ଷୁରେ ସାମାନ୍ୟ ହେଲେ ମଧ୍ୟ ସେ ଯେପରି ବହୁତଗୁଡ଼ିଏ ଦାୟିତ୍ୱ ମୁଣ୍ଡାଇ ସ୍ୱକୃତି ରୂପେ ଗୃହସଂସାର ଚଳାଇ ଥିଲେ ତାହା ଅନୁଧ୍ୟାନ କଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ପ୍ରାକ୍ ଯୌବନାବସ୍ଥାରେ ଅନେକ ଉପବାସରେ କାଳଯାପନ କରିଥିଲେ ହେଁ ଧନସମ୍ପତ୍ତି ପ୍ରତି ନିର୍ଲୋଭ ଓ ଅନାସକ୍ତ ରହି ଯେପରି ଉଦାରମତି ଧରି କୁଟୁମ୍ବ ଓ ବନ୍ଧୁବାନ୍ଧବ ଚଳାଇଥିଲେ ତାହା ଆଦର୍ଶ ସ୍ଥାନୀୟ ।

ବାଲ୍ୟକାଳରୁ ମୁରବୀବିହୀନ ହୋଇ ସ୍ୱାଧୀନ ଜୀବନଯାପନ କରି ତାଙ୍କପରି କ୍ୱଚିତ୍ ଲୋକ ସୁପଥଗାମୀ ହୋଇ ଜୀବନ ଯାତ୍ରା ନିର୍ବାହ କରିଛନ୍ତି । ପୂର୍ବଜନ୍ମ ସାଧନା ନଥିଲେ ପିତୃପୁରୁଷଙ୍କର ସୁକୃତ ନଥିଲେ ଏପରି ସୁପୁତ୍ର ହୋଇ ସଂସାର ନିର୍ବାହ କରିବା ସହଜସାଧ୍ୟ ନୁହେଁ । ସେ ଏକମାତ୍ର ପୁତ୍ର ସନ୍ତାନ ଥାଇ କୁଳ ଓ କୁଳ ପରମ୍ପରା ଉଭୟଙ୍କୁ ରକ୍ଷାକରି "ଏକଶ୍ଚନ୍ଦ୍ର ତମୋହନ୍ତି ନ ଚ ତାରା ଗଣୈରପି"ର ପ୍ରକୃଷ୍ଟ ପ୍ରମାଣ ଦେଇଛନ୍ତି ।

GPNanda Colln., Digitized by srujanika@gmail.com

ପରିଶିଷ୍ଟ

ନନା ତାଙ୍କ ଜୀବଦ୍ଦଶାରେ ଯେପରି ନିର୍ଦ୍ଦୋଷ ଜୀବନଯାପନ କରିଥିଲେ ତାଙ୍କ ଆଦର୍ଶକୁ ରକ୍ଷାକରି ତାଙ୍କର ପୁତ୍ରକନ୍ୟାମାନେ ମଧ୍ୟ ନିଷ୍କଳଙ୍କ ଜୀବନଯାପନ କରି "ଯଥା କୁଳେ ଜନ୍ମ ତଥା ଗରିଷ୍ଠ" ଏହି ଆର୍ଷବାକ୍ୟର ଯଥାର୍ଥତା ପ୍ରମାଣ କରିଛନ୍ତି । ତାଙ୍କ ସନ୍ତାନ-ଗଣଙ୍କ ମଧ୍ୟରୁ କେହି ଧୋର ସଂସାରୀ ନହୋଇ ଉଦାରନୀତି ଅବଲମ୍ବନ କରି ଅତି କଷ୍ଟରେ ସଂସାର ଯାତ୍ରା ନିର୍ବାହ କରି ଯେତେଦୂର ପାରୁଥାଏ ପିତୃ ପରମ୍ପରା ରକ୍ଷା କରିଛନ୍ତି ।

ମୁଁ ମୋର ଜନ୍ମିତ ମାତାର ଏକମାତ୍ର ସନ୍ତାନ ହୋଇଥିବା ହେତୁ ମୋର ଭ୍ରାତୃ ଭଗିନୀଗଣ ବୈମାତ୍ରେୟ ହୋଇଥିଲେ ମଧ୍ୟ ସତ୍ୟନେକାଗତ କନିଷ୍ଠଭ୍ରାତୃବତ୍ ବ୍ୟବହାରରେ କୁଳ ମର୍ଯ୍ୟାଦା ରକ୍ଷା କରିଛନ୍ତି । ଏତାଦୃଶ ସ୍ନେହ ଓ ଭକ୍ତି ଦୁର୍ଲ୍ଲଭ । ତେଣୁ ଏହା ମୋର ପିତୃ ପୁରୁଷଙ୍କର ସୁକୃତର ଫଳ ବୋଲି ମୋର ଦୃଢଧାରଣା । ସର୍ବ ନିୟନ୍ତା ଜଗଦୀଶ୍ୱରଙ୍କ ପ୍ରସାଦରୁ ଏପରି କୁଳରେ ଜନ୍ମଲାଭ କରି ମୁଁ ନିଜକୁ ଧନ୍ୟ ମନେକରେ । ସେହି ତତ୍ପର ପରମେଶ୍ୱରଙ୍କର ଅପାର କରୁଣାରୁ ଏହି ଭବରେ ଜାତି ଓ ସର୍ବ ନିୟନ୍ତାଙ୍କର ଗୁଣ ସ୍ମରଣରେ ଏ ଅନ୍ତିମ ଜୀବନଯାପନ ହେଉ ଏହାହିଁ ପ୍ରାର୍ଥନା ।

ହରି ଓଁ ତତ୍ସତ୍

ବ୍ରହ୍ମାର୍ପଣ ମସ୍ତୁ ।

ଶିବାନନ୍ଦ ପ୍ରେସ୍, ବ୍ରହ୍ମପୁର (ଗଞ୍ଜାମ)

GPNanda Colln., Digitized by srujanika@gmail.com

ଅଭିମତ

'ନନା' ବହିଟି ପଢ଼ିବାର ସୁଯୋଗ ପ୍ରଥମେ ପାଇ ମୁଁ ନିଜକୁ ଭାଗ୍ୟବାନ୍ ମନେକରୁଛି । ଲେଖକଙ୍କର ପିତା ଜଣେ ଆଦର୍ଶ ବ୍ୟକ୍ତି । ଲେଖକ ଜଣେ ଆଦର୍ଶ ପୁତ୍ର । "ପିତୃଦେବ ଭବଃ"—ଏହି ଆଦର୍ଶର ସ୍ପଷ୍ଟ ଚିତ୍ର 'ନନା' ବହିଟିରୁ ମିଳୁଛି । ଏ ଯୁଗରେ ପିତାମାତାଙ୍କ ପ୍ରତି ସନ୍ତାନମାନଙ୍କର ଭକ୍ତି ଓ ସମ୍ମାନ କମି ଆସୁଥିବାବେଳେ ଲେଖକ 'ନନା' ବହିଟି ପ୍ରକାଶ କରି ଏକ ମହାନ୍ ସତ୍ୟ ପିତୃଭକ୍ତିର ମହତ୍ତ୍ୱ ପ୍ରକାଶ କରି ଏକ ମହାନ୍ ଆଦର୍ଶ ଦେଖାଇବା ସଙ୍ଗେ ସଙ୍ଗେ ଆମର ପଥ ପ୍ରଦର୍ଶକ ହୋଇଛନ୍ତି । ଲେଖକଙ୍କ ଭଳି ପିତୃଭକ୍ତ ଏହି ଦେଶରୁ ବହୁ ସଂଖ୍ୟାରେ ବାହାରନ୍ତୁ ଏହାହିଁ ମୋର ଆନ୍ତରିକ କାମନା । ବହୁ ପାଠକ ଲେଖକଙ୍କ ଆଦର୍ଶରେ ଅନୁପ୍ରାଣିତ ହେବେ ଏ ବିଶ୍ୱାସ ମୋର ଅଛି ।

ଅଧ୍ୟାପକ ଦୁର୍ଲ୍ଲଭଚନ୍ଦ୍ର ଚୌଧୁରୀ
ସମ୍ପାଦକ, ଦିବ୍ୟ ଜୀବନ

ଶିବାନନ୍ଦ ପ୍ରେସ, ବ୍ରହ୍ମପୁର (ଗଞ୍ଜାମ)

GPNanda Colln., Digitized by srujanika@gmail.com